ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୧୧
ଭାଷାର ଗଠନ ଓ ପ୍ରକାର୍ଯ୍ୟ

ବ୍ଲକ୍

## ୧ ଧ୍ୱନି ବିଜ୍ଞାନ

ପ୍ରଥମ ଏକକ
ଧ୍ୱନି ବିଜ୍ଞାନ ଓ ବାଚିକ ଧ୍ୱନି

ଦ୍ୱିତୀୟ ଏକକ
ଭାଷିକ ଧ୍ୱନିର ପରିଚୟ

ତୃତୀୟ ଏକକ
ଧ୍ୱନି ପରିବର୍ତ୍ତନରେ ବିଭିନ୍ନ କାରଣ ଓ ଧ୍ୱନିନିୟମ

ଚତୁର୍ଥ ଏକକ
ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ

## ବିଶେଷଜ୍ଞ ପରିଷଦ


| | |
|---|---|
| **ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**<br>ଅଧ୍ୟକ୍ଷ | ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର। |
| **ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| **ଡକ୍ଟର ବିଜୟ କୁମାର ମହାନ୍ତି**<br>ସଦସ୍ୟ | ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ବସନ୍ତ କୁମାର ପଣ୍ଡା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର। |
| **ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା। |
| **ଡକ୍ଟର ଅନାଦି ଚରଣ ଗାଁଣ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର। |
| **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**<br>ସଦସ୍ୟ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ଦିଲ୍ଲୀପ କୁମାର ନାୟକ**<br>ଆବାହକ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା। |



ଲେଖକ : **ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**, ଆସିଷ୍ଟାଣ୍ଟ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

**ସମୀକ୍ଷକ : ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ**, ଅବସରପ୍ରାପ୍ତ ପ୍ରାଧ୍ୟାପକ, ପୁରୀ

**ଡ଼ି.ଟି.ପି : ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**, ଆସିଷ୍ଟାଣ୍ଟ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

**ପ୍ରଚ୍ଛଦ ଓ ଅଳଙ୍କରଣ : ଲିପିନା ସାହୁ**, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର



***ପ୍ରକାଶକ***

**ଡକ୍ଟର ଜୟନ୍ତ କରଶର୍ମା**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2019. **"Bhasara Gathana O Prakarjya"** is made available under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଧ୍ୱନିବିଜ୍ଞାନ ଓ ବାଚିକ ଧ୍ୱନି

**ବିଷୟର ଗଠନ :**

1.1 ପଠନର ଉଦ୍ଦେଶ୍ୟ

1.2 ବିଷୟ ପରିଚୟ

1.3 ଧ୍ୱନିବିଜ୍ଞାନ କ'ଣ?

1.4 ଧ୍ୱନିର ସଂଜ୍ଞା ଓ ବାଚିକ-ଧ୍ୱନି

1.5 ଫୋନିମ୍ ଓ ଆଲୋଫୋନ୍ (Phoneme & Allophone)

1.6 ଉଚ୍ଚାରିତ-ଧ୍ୱନି (phone), ବର୍ଣ୍ଣ (alphabet) ଓ ଅକ୍ଷର/ (syllable)

1.7 ବାଗ୍‌ଯନ୍ତ୍ର ଓ ତାହାର ବିଭିନ୍ନ ଅଂଶ

1.8 ଧ୍ୱନି ଉଚ୍ଚାରଣର ସ୍ଥାନ

1.9 ବିଷୟବସ୍ତୁର ସାରମର୍ମ

1.10 ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

1.11 ସହାୟକ ପୁସ୍ତକାବଳୀ

1.12 ପାରିଭାଷିକ ଶବ୍ଦାବଳୀ

1.13 କେତେକ ଆଦର୍ଶ ପ୍ରଶ୍ନ

## 1.1 ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି, ଧ୍ୱନିବ୍ୟବସ୍ଥା, ଧ୍ୱନିର ସ୍ୱରୂପ ଓ ଧ୍ୱନିତତ୍ତ୍ୱ ସମ୍ବନ୍ଧୀୟ ପ୍ରଶ୍ନର ପ୍ରାୟୋଗିକ ଅନୁସନ୍ଧାନରେ ଆପଣଙ୍କୁ ଅଭିନିବେଶ କରାଇବା ଏବଂ ବାଚିକ ଧ୍ୱନିଗୁଡ଼ିକ ଭାଷଣ ପ୍ରକ୍ରିୟାରେ କିପରି ଭୂମିକା ଗ୍ରହଣ କରନ୍ତି, ତାହାର ଏକ ମୋଟାମୋଟି ଧାରଣା ଆପଣଙ୍କୁ ପ୍ରଦାନ କରିବା। ତେଣୁ ଏହି ଏକକରେ ଆପଣ ଶିକ୍ଷା କରିବାକୁ ଯାଉଛନ୍ତି

- ବିଭିନ୍ନ ଭାଷାର ଧ୍ୱନି ବ୍ୟବସ୍ଥା କିପରି ସଂରଚିତ ହୋଇଥାନ୍ତି ତଥା କିପରି ଓ କାହିଁକି ସେଗୁଡ଼ିକ ପରସ୍ପରଠାରୁ ଭିନ୍ନ ହୋଇଥାନ୍ତି, ସେ ସମ୍ବନ୍ଧରେ ଏକ ପ୍ରାଥମିକ ଅବଧାରଣା ;
- ସାଧାରଣ ଧ୍ୱନି ଓ ବାଚିକ ଧ୍ୱନି ମଧ୍ୟରେ ପାର୍ଥକ୍ୟ ଓ ବାଚିକ ଧ୍ୱନି ସଂପର୍କରେ ଏକ ମୋଟାମୋଟି ଅବବୋଧ ;
- ଉଚ୍ଚାରିତ-ଧ୍ୱନି (phone), ବର୍ଣ୍ଣ (alphabet) ଓ ଅକ୍ଷର/(syllable) ମଧ୍ୟରେ ମନରେ ଉତ୍ପନ୍ନ ହେଉଥିବା ଭ୍ରମ ଓ ତାହାର ସମାଧାନ ;
- ଫୁସଫୁସରୁ ନିର୍ଗତ ବାୟୁ ମୁଖରନ୍ଧ୍ର ବା ନାସାରନ୍ଧ୍ର ଦେଇ ବାହାରକୁ ପ୍ରବାହିତ ହେବାବେଳେ ସ୍ୱରଯନ୍ତ୍ରର ଭୂମିକା ଓ ସେଥିରୁ ଉତ୍ପନ୍ନ ବିଭିନ୍ନ ବାଚିକ ଧ୍ୱନିର ବୈଜ୍ଞାନିକ ବିଚାର ସମ୍ବଳିତ ଅଧ୍ୟୟନ ।

## 1.2 ବିଷୟ ପରିଚୟ

ଏହି ଏକକରେ, ମୁଁ ଧ୍ୱନିବିଜ୍ଞାନ, ଭାଷିକ ଧ୍ୱନି, ବର୍ଣ୍ଣ, ଅକ୍ଷର, ଧ୍ୱନିମ, ସଂଧ୍ୱନି ବା ସଂସ୍ୱନ, ଓ ଧ୍ୱନି ଉତ୍ପାଦନରେ ସ୍ୱରଯନ୍ତ୍ରର ଭୂମିକା ସଂପର୍କରେ ଆଲୋଚନା କରିବାକୁ ଯାଉଛି। ଏହି ଆଲୋଚନାର ଅବସରରେ ମୁଁ ବିଶ୍ୱାସ ରଖୁଛି ଯେ ଆପଣ କୌଣସି ନା କୌଣସି ଭାଷାକୁ ନିଜର ଭାବ ବିନିମୟପାଇଁ ସ୍ଥଳବିଶେଷରେ ବ୍ୟବହାର କରୁଥିଲେ ବି ସେହି ଭାଷାକୁ କହିବାରେ ବ୍ୟବହୃତ ଧ୍ୱନି ଓ ସେଗୁଡ଼ିକର ପ୍ରଯତ୍ନ ପ୍ରକ୍ରିୟା ସମ୍ବନ୍ଧରେ ଅଜ୍ଞ ଅଛନ୍ତି। ତେଣୁ, କୌଣସି ଭାଷାର ସମୁଦାୟ ଧ୍ୱନିତାତ୍ତ୍ୱିକ ପ୍ରକ୍ରିୟାକୁ ଆପଣଙ୍କୁ ବୁଝାଇବାପାଇଁ ମୁଁ ଏଠାରେ ସଂକ୍ଷିପ୍ତ ଓ ସରଳ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିବାକୁ ଯାଉଛି । ଏହି ଶିକ୍ଷାର ପରିଶେଷରେ ଆପଣ କୌଣସି ଭାଷାରେ ଥିବା ଧ୍ୱନିକୁ ଧ୍ୱନିବିଜ୍ଞାନ ଦୃଷ୍ଟିରୁ ବିଶ୍ଳେଷଣ କରିବାକୁ ସମର୍ଥ ହେବେ ଯାହା ଭବିଷ୍ୟତରେ ଆପଣଙ୍କ ଭିତରେ ଭାଷାର ଗଭୀର ଅଧ୍ୟୟନ ସମ୍ପର୍କରେ ଆଗ୍ରହ ସୃଷ୍ଟି କରିବ ।

ଆମେ ଜାଣନ୍ତି ଶବ୍ଦର ଆଧାର ହେଉଛି ଧ୍ୱନି। ଆଉ ଏହି ଧ୍ୱନି ସମ୍ବନ୍ଧୀୟ ଅଧ୍ୟୟନକୁ ଦୁଇଟି ଭାଗରେ ଅଧ୍ୟୟନ କରାଯାଇଥାଏ। ପ୍ରଥମଟି ଧ୍ୱନିତତ୍ତ୍ୱ ଓ ଦ୍ୱିତୀୟଟି ଧ୍ୱନି ପ୍ରକ୍ରିୟା। ଆଲୋଚ୍ୟ ଏକକରେ ଆମେ ଧ୍ୱନିତତ୍ତ୍ୱରେ ଧ୍ୱନି ସମ୍ବନ୍ଧୀୟ ଅବୟବ, ଧ୍ୱନିର ଉତ୍ପତ୍ତି ଓ ଧ୍ୱନିର ଲହର ଇତ୍ୟାଦି ସଂପର୍କରେ ଅଧ୍ୟୟନ କରିବା।

## 1.3 ଧ୍ୱନିବିଜ୍ଞାନ କ'ଣ?

ପୃଥିବୀର ସବୁ ଭାଷା ଏତେ ଭିନ୍ନଭିନ୍ନ ଭାବେ କାନକୁ ଶୁଣାଯିବା ପଛରେ ପ୍ରମୁଖ କାରଣ ହେଉଛି, ଗୋଟିଏ ଭାଷାର ଧ୍ୱନିବ୍ୟବସ୍ଥା ଅନ୍ୟଭାଷାର ଧ୍ୱନିବ୍ୟବସ୍ଥାଠାରୁ ଭିନ୍ନ ହେବା । ଏହି ଧ୍ୱନିବ୍ୟବସ୍ଥା, ଗୋଟିଏ ଭାଷାରେ ଯେଉଁସବୁ ଧ୍ୱନି ରହିଛି, ଯେପରି ସେଗୁଡ଼ିକ ଉଚ୍ଚାରିତ ହୋଇ ଶବ୍ଦକୁ ରୂପଦେବାରେ ସାହାଯ୍ୟ କରୁଛନ୍ତି, ବା କୌଣସି ଭାଷାର ଶବ୍ଦରେ ନିହିତ ଧ୍ୱନିବ୍ୟବସ୍ଥା ସେହି ଭାଷାର ବିଶେଷତାକୁ ଯେପରି ବହନ କରୁଛି, ତାହାକୁ ପରିଭାଷିତ କରିଥାଏ। ଏହି ଧ୍ୱନିବ୍ୟବସ୍ଥାର ଅଧ୍ୟୟନକୁ ଧ୍ୱନିବିଜ୍ଞାନର ଅଧ୍ୟୟନ କୁହାଯାଏ ।

ଅନ୍ୟ ଅର୍ଥରେ, ଧ୍ୱନିବିଜ୍ଞାନ କହିଲେ ଆମେ କୌଣସି ଭାଷାରେ ଥିବା ଧ୍ୱନି-ବ୍ୟବସ୍ଥା (sound system) ର ବିଜ୍ଞାନ ସମ୍ବଳିତ ଅଧ୍ୟୟନକୁ ବୁଝିଥାଉ। ଏହି ଧ୍ୱନି-ବ୍ୟବସ୍ଥା କହିଲେ ଭାଷା ଓ ଶବ୍ଦର ଯଥାର୍ଥ ଉଚ୍ଚାରଣ ସହିତ କିପରି ସେହି ଶବ୍ଦକୁ ଭାଙ୍ଗିଭାଙ୍ଗି ତାହାର କ୍ଷୁଦ୍ରତମ ମୌଳିକ ଏକକ 'ଧ୍ୱନିଗ୍ରାମ' (Phoneme) ପର୍ଯ୍ୟନ୍ତ ପହଞ୍ଚା ଯାଇପାରିବ ତାହାକୁ ବୁଝାଇବା ସହିତ ସେହି ଶବ୍ଦର ବାକ୍ୟରେ ପରିଦୃଶ୍ୟ ସ୍ୱରର-ମାନ (pitch), ସ୍ୱରର-ଉଚ୍ଚତା (loudness) ଓ ସେଥିରେ ଅନ୍ତର୍ନିହିତ ତାଳ (Tempo), ଛନ୍ଦ (Rhythm) ଇତ୍ୟାଦିକୁ ମଧ୍ୟ ବୁଝାଇଥାଏ। ଅର୍ଥାତ୍ ଭାଷାରେ ଥିବା ଧ୍ୱନିର ସଂରଚନାତ୍ମକ ଅଧ୍ୟୟନ ହିଁ ଧ୍ୱନିବିଜ୍ଞାନ। ଧ୍ୱନିବିଜ୍ଞାନକୁ ଇଂରାଜୀରେ 'phonetics' ବା 'phonology' କୁହାଗଲେ ମଧ୍ୟ ଏହା ମଧ୍ୟରେ ଥିବା ସୂକ୍ଷ୍ମତମ ପାର୍ଥକ୍ୟ ହିଁ ନିଶ୍ଚିତ ବିଚାରଯୋଗ୍ୟ।

ବହୁ ସମୟରେ କଥିତ ଭାଷା ସମ୍ବନ୍ଧରେ ଜ୍ଞାନ ନଥାଇ ମଧ୍ୟ ମାନବଦ୍ୱାରା ଯେପରି ବାଚିକ-ଧ୍ୱନି ଉତ୍ପାଦିତ ହେଉଛନ୍ତି ତାହାର ଅଧ୍ୟୟନକୁ 'phonetics' (ଫୋନେଟିକ୍ସ) କୁହାଯାଇଥାଏ। ଫୋନେଟିକ୍ସ ଧ୍ୱନିବିଜ୍ଞାନର ଭୌତିକ ଉତ୍ପାଦନ (physical production), ଉଚ୍ଚାରଣଗତ ସଂଚରଣ (acoustic transmission) ଓ ତାହାପ୍ରତି ଦୃଷ୍ଟିଭଙ୍ଗିକୁ ବୁଝାଇଥାଏ। ଫେନେଟିକ୍ସରେ ଧ୍ୱନିବ୍ୟବସ୍ଥାକୁ ମୁଖ୍ୟତଃ ତିନୋଟି ଦିଗରୁ ଅଧ୍ୟୟନ କରାଯାଇଥାଏ. ଯଥା :

ଧ୍ୱନିର ଭୌତିକ ଉତ୍ପାଦନ (Physical production): କିପରି ଧ୍ୱନି ମାନବୀୟ ବାଗ୍‌ଯନ୍ତ୍ରରେ ପ୍ରସ୍ତୁତ ହୋଇଥାଏ

ଧ୍ୱନିର ଉଚ୍ଚାରଣଗତ ସଂଚରଣ (Acoustic transmission) : ଧ୍ୱନି ଯେଉଁ ତରଙ୍ଗମାଧ୍ୟମରେ ସଂଚାରିତ ହୋଇଥାଏ ତାହାର ଅଧ୍ୟୟନ

ଦୃଷ୍ଟିଭଙ୍ଗୀ (Perception) : ଏଥିରେ ଉଚ୍ଚାରଣଗତ ଧ୍ୱନିତରଙ୍ଗର ପ୍ରକ୍ରିୟାକରଣ ଓ ସେଥିରୁ ଧ୍ୱନିବ୍ୟବସ୍ଥାର ଅନୁକ୍ରମକୁ ଚିହ୍ନଟ କରିବାର ପ୍ରକ୍ରିୟାକୁ ଅଧ୍ୟୟନ କରାଯାଇଥାଏ।

ସେହିପରି ଭିନ୍ନଭିନ୍ନ ଭାଷାରେ ଥିବା ଧ୍ୱନିର ସ୍ୱରୂପ (pattern of sound)ର ଅଧ୍ୟୟନ ଏପରିକି ଗୋଟିଏ ଭାଷାରେ ଥିବା ବିଭିନ୍ନ ଶବ୍ଦର ଧ୍ୱନିଗତ ପ୍ରତିରୂପ, ଧ୍ୱନିର ବର୍ଗୀକରଣ ଅଧ୍ୟୟନକୁ 'phonology' (ଫୋନୋଲୋଜି) ନିର୍ଦ୍ଦେଶ କରିଥାଏ। ଅନ୍ୟ ଅର୍ଥରେ 'phonetic' ପ୍ରତିରୂପର ବ୍ୟାକରଣିକ ଅଧ୍ୟୟନ ହିଁ ଫୋନୋଲୋଜି। ଯେପରିକି ଓଡ଼ିଆରେ 'ଷ୍ଟ୍ର' ଧ୍ୱନି ଶବ୍ଦର ଆରମ୍ଭରେ ମିଳିପାରେ କିନ୍ତୁ 'ଫ୍ଟ୍ର' ଧ୍ୱନି ବ୍ୟାକରଣ ଉପଯୋଗୀ ନୁହେଁ। ଏହି ଦୃଷ୍ଟିରୁ ଧ୍ୱନିବିଜ୍ଞାନ ଯେତିକି ପରିମାଣରେ ଗୋଟିଏ ଭାଷାରେ ଥିବା ବାଚିକ-ଧ୍ୱନିର ଭୌତିକ ଉଚ୍ଚାରଣ ସହିତ ସଂଶ୍ଲିଷ୍ଟ, ତାହାଠାରୁ କାହିଁ ଅଧିକ ମାତ୍ରାରେ ବାଚିକ-ଧ୍ୱନିର ମାନସିକ ବା ଭାବଗତ ଦିଗ ସହିତ ସମ୍ବନ୍ଧିତ । ଅତଏବ, ଫୋନୋଲୋଜି ଶବ୍ଦ ଅଧିକ ବ୍ୟାପକ ଅର୍ଥରେ ବ୍ୟବହୃତ ହୋଇଥାଏ । ଏଥିରେ ଫୋନେଟିକ୍ସ (phonetics) ଓ ଫୋନେମିକ୍ସ (Phonemics) ଉଭୟକୁ ଅଧ୍ୟୟନ କରାଯାଇଥାଏ ।

ଆମ ଓଡ଼ିଆ ଭାଷାରେ 'phonetics' (ଫୋନେଟିକ୍ସ) ପାଇଁ ଧ୍ୱନିତତ୍ତ୍ୱ, ଧ୍ୱନିଶାସ୍ତ୍ର ଆଦି ଶବ୍ଦ ଓ ଫୋନେମିକ୍ସ (Phonemics) ପାଇଁ ଧ୍ୱନିପ୍ରକ୍ରିୟା, ଧ୍ୱନିବିଚାର ପ୍ରଭୃତି ଶବ୍ଦର ପ୍ରୟୋଗ କରାଯାଇପାରେ । 'phonology' (ଫୋନୋଲୋଜି) ପାଇଁ ଅନୁରୂପଭାବେ ଧ୍ୱନିବିଜ୍ଞାନ ଶବ୍ଦ ବ୍ୟବହୃତ ହୁଏ । ଆହୁରି ମଧ୍ୟ ଶବ୍ଦତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ phonetics' ର ମୂଳଶବ୍ଦ 'Phone' ଓ phonology' ର ମୂଳଶବ୍ଦ 'Phono' ଉଭୟ ଗ୍ରୀକ୍ ଭାଷାରୁ ଆସିଛି, ଯାହାର ଅର୍ଥ ଧ୍ୱନି ଏବଂ ଟିକ୍ସ (tics) ଓ ଲଜି (logy)ଉଭୟର ଅର୍ଥ ବିଜ୍ଞାନ। ତେଣୁ 'ଧ୍ୱନିବିଜ୍ଞାନ' କହିଲେ ଏହି ଉଭୟ ଫୋନୋଲୋଜି ଓ ଫୋନେଟିକ୍ସର ଅଧ୍ୟୟନକୁ ସୂଚାଇଥାଏ । ଅବଶ୍ୟ କେତେକ ବିଦ୍ୱାନ୍ 'tics' କୁ 'ବିଜ୍ଞାନ' ଓ 'logy' କୁ 'ତତ୍ତ୍ୱ' ଭାବେ ଗ୍ରହଣ କରି 'ଧ୍ୱନିବିଜ୍ଞାନ' ଓ 'ଧ୍ୱନିତତ୍ତ୍ୱ' ଏପରି ଦୁଇଟି ଶବ୍ଦ ପ୍ରୟୋଗ କରନ୍ତି ।

**ଧ୍ୱନିର ସଂଜ୍ଞା ଓ ବାଚିକ-ଧ୍ୱନି :**

ନକାରଂ ପ୍ରାଣନାମାନଂ ଦକାରମନଲଂ ବିଦୁଃ।

ଜାତଃପ୍ରାଣାଗ୍ନିସଂଯୋଗାତେନ ନାଦୋଽଭିଧିୟତେ।।

ସଂଗୀତ ରତ୍ନାକର (1|3|6)

ଅର୍ଥାତ୍ – 'ନକାର' ହେଉଛି ପ୍ରାଣ-ବାଚକ (ବାୟୁ-ବାଚକ) ଏବଂ 'ଦକାର' ହେଉଛି ଅଗ୍ନିବାଚକ। ଏଣୁ ବାୟୁ ଓ ଅଗ୍ନିର ଯୋଗ (ସମ୍ବନ୍ଧ)ରେ ଯାହା ଉତ୍ପନ୍ନ ହୁଏ, ତାହାକୁ 'ନାଦ' କହନ୍ତି।

ଏହି 'ନାଦ' ହେଉଛି ଦୁଇପ୍ରକାର – 'ଆହତ ନାଦ' ଓ 'ଅନାହତ ନାଦ'। ଏହି ନାଦ ପୁଣି କେବଳ ପିଣ୍ଡ (ଶରୀର)ରୁ ଉତ୍ପନ୍ନ ବା ଶରୀର ସହିତ ସମ୍ବନ୍ଧିତ। ଯେଉଁ ନାଦକୁ କେବଳ ଅନୁଭବରୁ ଜାଣିହୁଏ, ବା ଯେଉଁ ନାଦ ବିନା ସଂଘର୍ଷରେ ସ୍ୱୟଂଭୁ ରୂପରେ ସୃଷ୍ଟିହୁଏ, ତାହାକୁ 'ଅନାହତ ନାଦ' କହନ୍ତି। କିନ୍ତୁ ଯାହା କାନକୁ ଶୁଣାଯାଏ ଏବଂ ଶରୀରର ବାଗ୍‌ଯନ୍ତ୍ରସ୍ଥ ଦୁଇ ଅଙ୍ଗର ସଂଘର୍ଷରୁ ଉତ୍ପନ୍ନ ହୋଇଥାଏ, ତାହାକୁ 'ଆହତ ନାଦ' କୁହାଯାଏ।

ବୈଜ୍ଞାନିକ ଦୃଷ୍ଟିରୁ ଦୁଇଟି ବସ୍ତୁର ସଂଘର୍ଷରୁ କଂପନ ଉତ୍ପନ୍ନ ହୁଏ ଓ କଂପନ ବାୟୁ ତରଙ୍ଗରୁ ଜନ୍ମ ନିଏ। ଏହି କଂପନଯୁକ୍ତ ବାୟୁ ତରଙ୍ଗ ହିଁ 'ଧ୍ୱନି'। ଯେପରିକି ଘଣ୍ଟାର ଦୋଳନ ଶବ୍ଦ ବା ହାତର ତାଳି। ଏହି ଧ୍ୱନିର ମାତ୍ରା ସେକେଣ୍ଡକୁ 20 ଡେସିବେଲରୁ କମ୍ ବା 20,000 ଡେସିବେଲରୁ ଅଧିକ ହେଲେ ଆମର କର୍ଣ୍ଣେନ୍ଦ୍ରିୟ ତାହାକୁ ଅଭିଜ୍ଞାନ କରିପାରେନାହିଁ ବା ଆମେ ସେହି ଶବ୍ଦକୁ ଶୁଣିପାରନ୍ତି ନାହିଁ ବା ଶୁଣିଲେବି ବୁଝିପାରନ୍ତିନାହିଁ। ତେବେ ଭାଷାବିଜ୍ଞାନରେ ଯେଉଁ ଧ୍ୱନି ବିଷୟରେ ଆଲୋଚନା କରାଯାଇଥାଏ ତାହା କେବଳ ବାଗ୍‌ଯନ୍ତ୍ର ସହିତ ସମ୍ବନ୍ଧିତ ହୋଇଥିବାରୁ ବିସ୍ତାର ଦୃଷ୍ଟିରୁ ଏହା ବାସ୍ତବରେ 'ବାଚିକ-ଧ୍ୱନି'। ଅତଏବ ଉପରେ ବର୍ଣ୍ଣିତ 'ଆହତ ନାଦ' ହିଁ ଯଥାର୍ଥରେ 'ବାଚିକ-ଧ୍ୱନି' ବା ସଂକ୍ଷିପ୍ତରେ 'ଧ୍ୱନି' ପଦବାଚ୍ୟ।

ପୁଣି ପ୍ରତ୍ୟେକଥର ଗୋଟିଏ ବାଗ୍‌ଧ୍ୱନିକୁ ଏକାଧିକ ଥର ଉଚ୍ଚାରଣ ହେଲେ ତାହା ପୂର୍ବବର୍ତ୍ତୀ ଉଚ୍ଚାରଣ ଠାରୁ ଭିନ୍ନ ହୋଇଥାଏ। କାରଣ ଧ୍ୱନିର ସର୍ବଦା ଦୁଇଟିପକ୍ଷ ରହିଛି; ଗୋଟିଏ ଭୌତିକ ପକ୍ଷ ଓ ଆରଟି ଭାବପକ୍ଷ । ଧ୍ୱନିରେ ଏହି ଭାବପକ୍ଷଟି ନିହିତ ଥିବାରୁ ଭାଷା ଭାବକୁ ବହନ କରିବାକୁ ସକ୍ଷମ ହୋଇଥାଏ ଓ 'ଆହତ ନାଦ' ହିଁ ପରେ ସଂଗୀତ ଶାସ୍ତ୍ରର ସ୍ୱର ଓ ରାଗ ଇତ୍ୟାଦିକୁ ଜନ୍ମ ଦେଇଥାଏ। ତେଣୁ ସ୍ଥୂଳ ଦୃଷ୍ଟିରେ ଧ୍ୱନି (speech-sound) ତାହାର ଭାଷଣ ଅବସ୍ଥାରେ ଥିବାବେଳେ ତାହାର ଭାଷିତ ରୂପକୁ ବା ଉଚ୍ଚାରିତ ରୂପକୁ ଇଂରାଜୀରେ 'phone' କୁହାଯାଇଥାଏ ଓ ଭାଷଣର ଠିକ୍ ପୂର୍ବରୁ ମାନସିକ ସ୍ତରରେ ଉକ୍ତ ଧ୍ୱନିର ଭାବାତ୍ମକ ରୂପକୁ 'phoneme' କୁହାଯାଇଥାଏ। ତେବେ ଏହାକୁ ଅଧିକ ସ୍ପଷ୍ଟଭାବେ ଆମେ ପରବର୍ତ୍ତୀ ବିଭାଗରେ ବୁଝିବା।

**ଫୋନିମ୍ ଓ ଆଲୋଫୋନ୍ (Phoneme & Allophone)**

**ଫୋନିମ୍ ବା ଧ୍ୱନିମ (Phoneme):**

ଫୋନିମ୍ ବା ଧ୍ୱନିଗ୍ରାମ୍ ବା ଧ୍ୱନିମ କୌଣସି ଭାଷାର କ୍ଷୁଦ୍ରତମ ଏକକ, ଯାହା ସମାନ ଧ୍ୱନିଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ। ଏହାକୁ କେହି କେହି 'ସ୍ୱନିମ' ମଧ୍ୟ କହିଥାନ୍ତି । ଅନ୍ୟ ଅର୍ଥରେ ଫୋନିମ୍ ବା ଧ୍ୱନିଗ୍ରାମ୍, ବାଚିକ ଧ୍ୱନିର 'ଏକକ' ଟିଏ । ବ୍ଲୁମ୍‌ଫିଲ୍ଡ, ଡାନିଏଲ ଜୋନ୍ସ ଆଦି ଏହାକୁ ଭୌତିକ ଏକକ ଭାବେ ଗ୍ରହଣ

କରିଛନ୍ତି । ମାତ୍ର, ଭାଷାବିତ୍ ପ୍ରଫେସର ଟ୍ୱଡେଲ (W.F. Twaddell) ଏହାକୁ ଭାବାତ୍ମକ କାଳ୍ପନିକ ଏକକ (Abstract Fictitious Unit) ରୂପେ ଗ୍ରହଣ କରିଥାନ୍ତି । ଏହାର ସଂପର୍କ ସାଧାରଣତଃ କୌଣସି ଗୋଟିଏ ଭାଷା ସହିତ ହୋଇଥାଏ । ଏହା ଗୋଟିଏ ଶବ୍ଦକୁ ଅନ୍ୟ ଶବ୍ଦଠାରୁ ଅଲଗା କରିଥାଏ । ଉଦାହରଣ ସ୍ୱରୂପ ଇଂରାଜୀରେ p, b, d, ଓ t ଧ୍ୱନିଗ୍ରାମ୍ pad, pat, bad ଓ bat ଶବ୍ଦ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ସୂଚାଇ ଦେଇଥାଏ । ଇଂରାଜୀରେ ମାନକ ବ୍ରିଟିଶ୍ ମଡେଲ ଅନୁଯାୟୀ 44 ଟି ଫୋନିମ୍ ରହିଛି । ଇଂରାଜୀ ବର୍ଣ୍ଣମାଳାରେ କେବଳ 26 ଟି ଅକ୍ଷର ରହିଥିବାରୁ ଗୋଟିଏ ଫୋନିମ୍‌କୁ ପରିପ୍ରକାଶ କରିବାକୁ ଏକାଧିକ ଅକ୍ଷରର ସମନ୍ୱୟ ବ୍ୟବହାର କରାଯାଇଥାଏ ।

ସ୍ୱନିମ ସମାନ ଧ୍ୱନିଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ । ଗୋଟିଏ ମାତ୍ର ଧ୍ୱନି, ଅନେକ ପ୍ରକାରରେ ଉଚ୍ଚାରିତ ହେଲେ ବି ତାହା ଗୋଟିଏ ସ୍ୱନିମ ହେବ ।

ସ୍ୱନିମ ଶବ୍ଦର ଅର୍ଥ ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଥାଏ, ଯେପରିକି, କାଳ, ତାଳ, ମାଳ ଇତ୍ୟାଦି ଶବ୍ଦରେ କ୍, ତ୍, ମ୍, ଳ ଆଦି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସ୍ୱନିମ ।

ଏହି ସ୍ୱନିମକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ; ଯଥା: ଖଣ୍ଡିତାତ୍ମକ (Segmental) ଓ ଅଧିଖଣ୍ଡିତାତ୍ମକ (Supra-segmental) । ଖଣ୍ଡିତାତ୍ମକ ସ୍ୱନିମରେ ସ୍ୱର ଓ ବ୍ୟଞ୍ଜନ ଧ୍ୱନି ଅନ୍ତର୍ଭୁକ୍ତ ହେବାବେଳେ, ଅଧିଖଣ୍ଡିତାତ୍ମକରେ ମାତ୍ରା, ଫଳା, ବଳାଘାତ, ଅନୁନାସିକତା ଆଦି ରହିଥାନ୍ତି ।

**ଆଲୋଫୋନ୍ ବା ସଂସ୍ୱନ ବା ସଂଧ୍ୱନି (Allophones):**

ବହୁ ସମୟରେ ଗୋଟିଏ ଫୋନିମ୍ ବା ସ୍ୱନିମକୁ ଏକାଧିକ ଉପାୟରେ ଉଚ୍ଚାରଣ କରାଯାଇଥାଏ । ସ୍ୱନିମର ଏହି ଭିନ୍ନଭିନ୍ନ ଉଚ୍ଚାରଣଗତ ରୂପ ହିଁ ଆଲୋଫୋନ୍ ବା ସଂସ୍ୱନ । ସ୍ୱନିମର ପରିବର୍ତ୍ତନରେ ଶବ୍ଦର ଅର୍ଥରେ ପରିବର୍ତ୍ତନ ଘଟୁଥିବାବେଳେ, ସଂସ୍ୱନର ପରିବର୍ତ୍ତନରେ ଶବ୍ଦର ଅର୍ଥରେ ପରିବର୍ତ୍ତନ ଘଟିନଥାଏ । ଇଂରାଜୀରେ "butter" ଶବ୍ଦକୁ ସେହିଭାଷାର ଭାଷାଭାଷୀ [bʌɾə] ଉଚ୍ଚାରଣ କରୁଥିବାବେଳେ, ଅନ୍ୟମାନେ [bʌtə] କହିଥାନ୍ତି। ଏହି କ୍ଷେତ୍ରରେ [t] ଓ [ɾ] ଉଭୟ ସମାନ ଫୋନିମ୍‌ର ଆଲୋଫୋନ୍ ହୋଇପାରିବେ ।

ଆଲୋଫୋନ୍ ବା ସଂସ୍ୱନ, ସ୍ୱନିମର ବ୍ୟବହୃତ ରୂପ । ଭାଷାରେ ବାସ୍ତବତଃ ସଂସ୍ୱନର ପ୍ରୟୋଗ ହୋଇଥାଏ, ସ୍ୱନିମର ପ୍ରୟୋଗ ହୋଇନଥାଏ । ଅର୍ଥାତ୍ ସ୍ୱନିମ ଜାତି ହେଲେ, ସଂସ୍ୱନ ହେବ ବ୍ୟକ୍ତିବିଶେଷ । କାଳ, କଳା, କାଳିମା ଆଦି ଶବ୍ଦ 'କ୍' ସ୍ୱନିମର ଅଂଶବିଶେଷ ହୋଇଥାନ୍ତି, କିନ୍ତୁ ବ୍ୟବହାର 'କ୍' ସଂସ୍ୱନର ହୋଇଥାଏ। ସଂସ୍ୱନ ଅଲଗା ଅଲଗା ହେଲେ, ସ୍ୱନିମର ପ୍ରକାରରେ ପରିବର୍ତ୍ତନ ଘଟିନଥାଏ। ପରବର୍ତ୍ତୀ ଧ୍ୱନିର ଅଧାରରେ 'କ୍'ର ଉଚ୍ଚାରଣରେ ପ୍ରଭେଦ ହୋଇପାରେ, ଯେପରିକି କାଳ, କୁଳ, କ୍ରମ, କୂପ ଇତ୍ୟାଦି । ଏହି କ୍ଷେତ୍ରରେ ଆମେ 'କ୍' ସ୍ୱନିମର ସଂସ୍ୱନଗୁଡ଼ିକୁ "କ୍1, କ୍2, କ3" ଇତ୍ୟାଦିରେ ଲେଖି ତାହାକୁ ବର୍ଣ୍ଣନା କରିପାରିବା । ଆହୁରି ଭଲଭାବେ ବୁଝିବାପାଇଁ ଓଡ଼ିଆରେ 'ଡ' ଓ 'ଡ଼' ମଧ୍ୟରେ ରହିଥିବା ଉଚ୍ଚାରଣଗତ ପାର୍ଥକ୍ୟକୁ ଲକ୍ଷ୍ୟ କରନ୍ତୁ, ଯେପରିକି 'ଡବା' ଓ 'ବାଡ଼'।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ: 1***

(କ) ବାଚିକ ଧ୍ୱନିର ସଂଜ୍ଞା ନିର୍ଦ୍ଧାରଣ କର । (30ଟି ଶବ୍ଦରେ)

(ଖ) ଫୋନିମ୍ ବା ଧ୍ୱନିମର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର ।

(ଗ) ଆଲୋଫୋନ୍ ବା ସଂଧ୍ୱନିକୁ ଉଦାହରଣ ସହ ବୁଝାଅ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ।)

**ଉଚ୍ଚାରିତ-ଧ୍ୱନି (Speech Sound), ବର୍ଣ୍ଣ (alphabet) ଓ ଅକ୍ଷର/ (syllable)**

**ଉଚ୍ଚାରିତ-ଧ୍ୱନି (phone)**

ପାଶ୍ଚାତ୍ୟ ଭାଷାବିଜ୍ଞାନୀଗଣ ଧ୍ୱନିର ଏହି ଦୁଇ ପ୍ରକାର ବୈଶିଷ୍ଟ୍ୟ (ଭୌତିକ ପକ୍ଷ ଓ ଭାବ ପକ୍ଷ) କୁ ବିଚାରକୁ ନେଇ ତାହାକୁ ଲିଖନରେ ପ୍ରକାଶ କରିବାପାଇଁ ଦୁଇପ୍ରକାର ସଂକେତ ବ୍ୟବହାର କରିଥାନ୍ତି। ଭାଷାବିଜ୍ଞାନରେ ଧ୍ୱନିର ଭୌତିକ ରୂପ (physical form)କୁ ସୂଚାଇବାକୁ ଦୁଇଟି ବକ୍ର ରେଖାର ବ୍ୟବହାର କରାଯାଇଥାଏ, ଯେପରିକି /କ୍/, /ଚ୍/, /ଟ୍/, /ତ୍/, /ପ୍/ ଇତ୍ୟାଦି। ମାତ୍ର ଧ୍ୱନିର ଭାବ-ପକ୍ଷ (abstract form)କୁ ଭାଷାବିଜ୍ଞାନରେ ଲେଖିବାବେଳେ ଗୋଟିଏ ଲେଖା ବର୍ଗବନ୍ଧନୀ ବ୍ୟବହାର କରାଯାଇଥାଏ। ଯେପରିକି [କ୍], [ଚ୍], [ଟ୍], [ତ୍], [ପ୍] ଇତ୍ୟାଦି।

ଅତଏବ, ଏହି ଧ୍ୱନି ଉଚ୍ଚାରଣ ପୂର୍ବରୁ ମାନସିକ ସ୍ତରରେ ଯେଉଁ ଭାବାତ୍ମକ ସ୍ତରରେ ରହିଥାଏ, ତାହାକୁ 'phoneme' କୁହାଯାଏ ଓ ତାହା ଯେତେବେଳେ ଉଚ୍ଚାରିତ ହୋଇ ପ୍ରକାଶ ପାଏ (ବାଗ୍ ରୂପରେ) ସେହି ରୂପକୁ ଇଂରାଜୀରେ 'phone' କୁହାଯାଏ। ଅତଏବ ଏହି ଉଚ୍ଚାରିତ ଧ୍ୱନି ହିଁ 'phone'। ଏଇଠି ମନେରଖିବାକୁ ହେବ 'Phoneme' ନିଜେ ଧ୍ୱନି ନୁହେଁ ବରଂ ଧ୍ୱନିର ଉଚ୍ଚାରଣ ପୂର୍ବରୁ ମାନସିକ ଅବସ୍ଥା ବା ଭାବାବସ୍ଥା। ପୁଣି ଗୋଟିଏ ବାଗ୍-ଧ୍ୱନିକୁ ଏକାଧିକ ଥର ଉଚ୍ଚାରଣ ହେଲେ ତାହା ତାହାର ପୂର୍ବବର୍ତ୍ତୀ ରୂପର ବୈଶିଷ୍ଟ୍ୟଠାରୁ ଭିନ୍ନ ହୋଇଥାଏ। ଯେପରିକି ଓଡ଼ିଆରେ [ତ୍] ଧ୍ୱନି ତାହାର ପୂର୍ବରୁ ଉଚ୍ଚାରିତ [ତ୍] ଧ୍ୱନିଠାରୁ ଅଲଗା ହୋଇଥାଏ। ଏହି ଉଭୟ ଧ୍ୱନିକୁ ସଂଧ୍ୱନି ବା ସଂସ୍ୱନ କୁହାଯାଏ । ଆହୁରି ସ୍ପଷ୍ଟଭାବେ ଓଡ଼ିଆରେ /ଜ୍/ ଧ୍ୱନି ଯେପରି /ୟ/ ଧ୍ୱନିଠାରୁ ଅଲଗା ହୋଇଥାଏ।

**ବର୍ଣ୍ଣ (alphabet) :**

ଧ୍ୱନି ଲିପି ନୁହେଁ। ଲିପି ମଧ୍ୟ ବର୍ଣ୍ଣ ନୁହେଁ। ଲିପି କେବଳ ଧ୍ୱନିର ପ୍ରତିନିଧିତ୍ୱ କରିଥାଏ। ଧ୍ୱନିର ଉଚ୍ଚାରଣ ବୈଶିଷ୍ଟ୍ୟ କୌଣସି ଭାଷାରେ ଏକାଧିକ ଲିପିରେ ବି ପ୍ରକାଶ ପାଇପାରେ। ଅନ୍ୟଦିଗରେ ବହୁଭାଷାରେ ଲିପି ଉକ୍ତ ଭାଷାର ସବୁଧ୍ୱନିକୁ ପ୍ରତିନିଧିତ୍ୱ କରିପାରନ୍ତି ନାହିଁ। ଯେପରିକି ଓଡ଼ିଆ ଭାଷାରେ କ୍ଷ=ଖ୍ୟ, ଶ=ଷ=ସ, ଇ=ଈ, ଉ=ଊ ଇତ୍ୟାଦି। ଇଂରାଜୀ ଭାଷାରେ 'U' ସେହି ଭାଷାର ଶବ୍ଦକୁ ଉଚ୍ଚାରଣ କଲାବେଳେ ସ୍ଥଳବିଶେଷରେ 'ଉ' ଧ୍ୱନି (ଉଦାହରଣ:Full ), 'ଅ' ଧ୍ୱନି (ଉଦାହରଣ: Umbrella) ବା 'ଇଉ' ଧ୍ୱନି (ଉଦାହରଣ: Urine) ପାଇଁ ବ୍ୟବହୃତ ହୋଇଥାଏ।

ବର୍ଣ୍ଣ କହିଲେ ଏକ ବା ଏକାଧିକ ସମଧର୍ମୀ ଧ୍ୱନିକୁ ପ୍ରତିନିଧିତ୍ୱ କରୁଥିବା ଏକ ସାଂକେତିକ ରୂପ। ଏହି ଦୃଷ୍ଟିରୁ ଧ୍ୱନିକୁ କେବଳ ଶୁଣିହେଉଥିବାବେଳେ, ବର୍ଣ୍ଣକୁ ଉଭୟ ଦେଖିହୁଏ ଓ ଶୁଣିହୁଏ। ଅତଏବ ଉଭୟ ଧ୍ୱନି ଓ ଲିପିର ସମନ୍ୱୟରୁ ବର୍ଣ୍ଣର ଉତ୍ପତ୍ତି। ବର୍ଣ୍ଣର ସଜ୍ଞାରେ ଲିଖିତ ଅକ୍ଷର, ତାହାର ଉଚ୍ଚାରଣ ସହିତ ମୁଖର ଉଚ୍ଚାରଣ ମଧ୍ୟ ପରିସରଭୁକ୍ତ। ଯେପରିକି ଓଡ଼ିଆରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ।

**ଅକ୍ଷର (syllable) :**

ଭାଷାବିଜ୍ଞାନ ଅନୁସାରେ ଇଂରାଜୀର 'ସିଲେବଲ୍/syllable' ଶବ୍ଦଟି ପ୍ରାୟତଃ ଓଡ଼ିଆର 'ଅକ୍ଷର' ପଦବାଚ୍ୟ ହେଲେବି ଏହାର ସଠିକ ସଂଜ୍ଞାଟିଏ ଦେବା ଏକ ବିବଦମାନ ବିଷୟ। ଓଡ଼ିଆରେ ସ୍ୱର ଧ୍ୱନିକୁ ସିଲେବଲର ମୂଳ ଉପାଦାନ ବା କେନ୍ଦ୍ରଭାବରେ ଗ୍ରହଣ କରାଯାଇଛି ଓ ବ୍ୟଞ୍ଜନ ଧ୍ୱନିକୁ ତାହାର ଆଶ୍ରିତ ଭାବେ ଗ୍ରହଣ କରାଯାଇଛି। କାରଣ ବ୍ୟଞ୍ଜନ ବର୍ଣ୍ଣଟି ଉଚ୍ଚାରଣ କଲାବେଳେ ସେଥିରେ ସ୍ୱର ସଂଶ୍ଳିଷ୍ଟ ରହିଥାଏ। ଯେପରିକି 'ଟ' ବର୍ଣ୍ଣର ଉଚ୍ଚାରଣ (ଟ୍ + ଅ)ର ସମ୍ମିଶ୍ରଣରୁ ସୃଷ୍ଟିହୁଏ। କିନ୍ତୁ ଉଚ୍ଚାରଣବେଳେ 'ଅ' କି 'ଟ୍' ପ୍ରକାଶ ନପାଇ କେବଳ 'ଟ' ପ୍ରକାଶ ପାଇଥାଏ। ତେଣୁ ଏତିକି ବୁଝିବାକୁ ହେବ ଯେ 'ଅ', 'ଆ', 'ଚ', 'ବ' ଯେପରି ଗୋଟିଏ ଗୋଟିଏ ସିଲେବଲ ବା ଅକ୍ଷର ସେହିପରି 'ପା, 'ଧା', 'ନି', 'କ୍ର' ଗୋଟିଏ ଗୋଟିଏ ସିଲେବଲ ବା ଅକ୍ଷର। ଅର୍ଥାତ୍ ଗୋଟିଏ ଥରରେ ଯାହା ଉଚ୍ଚାରିତ ହୁଏ ତାହା ଗୋଟିଏ 'ସିଲେବଲ'। ଏହି ଦୃଷ୍ଟିରୁ ଇଂରାଜୀ ଭାଷାରେ 'c', 'd', 'p' ଭଳି ବ୍ୟଞ୍ଜନ ଗୋଟିଏ ଗୋଟିଏ ସିଲେବଲ ନୁହଁନ୍ତି କାରଣ ସେମାନେ ସ୍ଥଳ ବିଶେଷରେ ଅନ୍ୟ ବର୍ଣ୍ଣ ସହିତ ସଂଯୁକ୍ତ ହେଲେ ସେଗୁଡ଼ିକର ଧ୍ୱନ୍ୟାତ୍ମକ ଉଚ୍ଚାରଣରେ ଫରକ ଆସିଥାଏ। ଇଂରାଜୀ ଭାଷାରୁ 'hand, arm, eye, head' ଇତ୍ୟାଦି ଏକକ ସିଲେବଲ ବିଶିଷ୍ଟ ହୋଇଥିବାବେଳେ 'mother, father, sister, husband' ଇତ୍ୟାଦି ଦୁଇ ସିଲେବଲ ବିଶିଷ୍ଟ ଅଟନ୍ତି। ତେଣୁ ସିଲେବଲଗୁଡ଼ିକ ଶବ୍ଦର ଉଚ୍ଚାରଣଗତ ଏକକ ଅଟନ୍ତି।

ଭାଷାତତ୍ତ୍ୱ ପୁସ୍ତକରେ ସିଲେବଲ ବା ଅକ୍ଷର ବିଶ୍ଳେଷଣ ପାଇଁ c ଓ v କୁ ଯଥାକ୍ରମେ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ପାଇଁ ବ୍ୟବହାର କରାଯାଏ। ଅଧିକ ବୋଧଗମ୍ୟ ପାଇଁ ନିମ୍ନରେ ଓଡ଼ିଆ ଭାଷାର ଶବ୍ଦଗୁଡ଼ିକରୁ ସେଗୁଡ଼ିକର ସିଲେବଲ ବିଭାଜନକୁ ନିମ୍ନରେ ପ୍ରଦାନ କରାଗଲା।

| ଶବ୍ଦ | ଅକ୍ଷର ବିଶ୍ଲେଷଣ | ଅକ୍ଷର/ସିଲେବଲ ସଂଖ୍ୟା |
|---|---|---|
| ଅଫିସ୍ | v-cvc | 2 |
| ଅରୁଆ | v-cv-v | 3 |
| ଆଦର | v-cv-cv | 3 |
| ଉଷୁନା | v-cv-cv | 3 |
| ମାନ | cv-cv | 2 |
| ଅପମାନ | v-cv-cv-cv | 4 |
| ଅପଚୟ | v-cv-cv-cv | 4 |
| ଅଣ୍ଡିରା | v-ccv-cv | 3 |
| ଦେବତା | cv-cv-cv | 3 |
| ରାକ୍ଷସ | cv-cv-cv | 3 |
| ସାନ | cv-cv | 2 |
| ବଡ | cv-cv | 2 |
| ହାତୀ | cv-cv | 2 |
| ବାଘ | cv-cv | 2 |
| ଠିକ୍ | cvc | 1 |
| ସଠିକ୍ | cv-cvc | 2 |
| ଚକ୍‌ଚକ୍ | cvc-cvc | 2 |

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 2***

(କ) ଉଚ୍ଚାରିତ-ଧ୍ୱନି ଓ ବର୍ଣ୍ଣ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ନିର୍ଦ୍ଧାରଣ କର । (70ଟି ଶବ୍ଦରେ)

(ଖ) ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ନିର୍ଦ୍ଧାରଣ କର । (70ଟି ଶବ୍ଦରେ)

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

**ବାଗ୍‌ଯନ୍ତ୍ର ଓ ତାହାର ବିଭିନ୍ନ ଅଂଶ :**

ସମସ୍ତ ସାଧାରଣ ବାକ୍ ଫୁସଫୁସରୁ ଆସୁଥିବା ବାୟୁ ଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି। ତେଣୁ ଧ୍ୱନିର ମୂଳତତ୍ତ୍ୱ ହେଉଛି ବାୟୁ। ଫୁସଫୁସ ଭିତରୁ ବାହାରକୁ ଆସୁଥିବା ଶ୍ୱାସବାୟୁ ବାଗ୍‌ଯନ୍ତ୍ର ଭିତରେ ନାନା ଭାବରେ ଆଘାତପ୍ରାପ୍ତ ହୋଇ ଧ୍ୱନିରେ ପରିଣତ ହୋଇଥାନ୍ତି। ଧ୍ୱନି ଉତ୍ପନ୍ନ ପାଇଁ ଏହି ଶ୍ୱାସବାୟୁ କେଉଁଠି କିପରି ଆଘାତ ପ୍ରାପ୍ତ ହୁଅନ୍ତି ଜାଣିବା ପୂର୍ବରୁ ପ୍ରଥମେ ବାଗ୍‌ଯନ୍ତ୍ରର ବିଭିନ୍ନ ଅବୟବ ଓ ସେଗୁଡ଼ିକର ପ୍ରକାର୍ଯ୍ୟ ସଂପର୍କରେ ଆମେ ପରିଚିତ ହେବା ଆବଶ୍ୟକ। ବାଗ୍‌ଯନ୍ତ୍ର କହିଲେ ଆମେ ଫୁସଫୁସଠାରୁ ଆରମ୍ଭ କରି ସ୍ୱରଯନ୍ତ୍ର ମଧ୍ୟଦେଇ ମୁଖରନ୍ଧ୍ର ଓ ନାସାରନ୍ଧ୍ର ପର୍ଯ୍ୟନ୍ତ ବୁଝିଥାଉ। ଫୁସଫୁସରୁ ନିର୍ଗତ ବାୟୁ ଶ୍ୱାସନଳୀରେ ପ୍ରବାହିତ ହୋଇ ପ୍ରଥମେ ସ୍ୱରଯନ୍ତ୍ରରେ ଆଘାତ ପାଏ। ତାହାପରେ ସେହି ବାୟୁ ମୁଖରନ୍ଧ୍ର ବାଟଦେଇ ବା ମୁଖରନ୍ଧ୍ର ବନ୍ଦ ଥିଲେ ନାସାରନ୍ଧ୍ର ମଧ୍ୟଦେଇ ବାହାରକୁ ବାହାରିଥାଏ।

ବାଗ୍‌ଯନ୍ତ୍ରର ବିଭିନ୍ନ ଅଂଶକୁ ଏଠାରେ ନିମ୍ନସ୍ଥ ଚିତ୍ରରେ ଦେଖାଇ ଦିଆଯାଇଛି ।




ଏହି ଅଂଶଗୁଡ଼ିକ ହେଉଛନ୍ତି:- 1. ଓଷ୍ଠ, 2. ଦାନ୍ତ, 3. ବର୍ତ୍ସ, 4. ତାଲୁ (କଠିନ ତାଲୁ, କୋମଳ ତାଲୁ), 5. ଅଲିଜିହ୍ୱା ବା ଘଣ୍ଟିକା, 6. ଜିହ୍ୱା (ଜିହ୍ୱାଗ୍ର, ଜିହ୍ୱାଫଳକ, ଜିହ୍ୱାମଧ୍ୟ, ଜିହ୍ୱାପଶ୍ଚାତ୍), 7. ଉପାଲିଜିହ୍ୱା ବା ଗଳଗହ୍ୱର, 8. ସ୍ୱରଯନ୍ତ୍ରାବରଣ, 9. ସ୍ୱରପେଟିକା ଓ ସ୍ୱରତନ୍ତ୍ରୀ, 10. ଶ୍ୱାସନଳୀ, 11. ନାସାରନ୍ଧ୍ର

## 1.6.1. ଓଷ୍ଠ (Lip)

ବାଗ୍‌ଯନ୍ତ୍ରର ଅଂଶଗୁଡ଼ିକ ମଧ୍ୟରୁ କେବଳ ଓଷ୍ଠ ବାହାରକୁ ଦେଖାଯାଇଥାଏ। ଅନ୍ୟ ସମସ୍ତ ଅଂଶ କିନ୍ତୁ ବିଭିନ୍ନଭାବେ ଆବୃତ ଥାଆନ୍ତି। ଧ୍ୱନି ଉଚ୍ଚାରଣ ବେଳେ କେତେବେଳେ ଗୋଟିଏ ଓଠ ତ ଆଉ କେତେବେଳେ ଦୁଇଟିଯାକ ଓଷ୍ଠ ବ୍ୟବହୃତ ହୋଇଥାନ୍ତି। ମାତ୍ର ଧ୍ୱନି ଉତ୍ପାଦନରେ ତଳ ଓଷ୍ଠଟି ବିଶେଷଭାବେ ଅଧିକ କ୍ରିୟାଶୀଳ ଥାଏ।

## 1.6.2 ଦାନ୍ତ (teeth)

ଭାଷାବିଜ୍ଞାନ କ୍ଷେତ୍ରରେ ଦାନ୍ତ କହିଲେ ସାଧାରଣତଃ ତଳ ଦାନ୍ତକୁ ନବୁଝାଇ ଉପର ପାଖର ସାମନା ଦାନ୍ତକୁ ବୁଝାଇଥାଏ। ଦାନ୍ତଗୁଡ଼ିକ ତଳ ଓଠ ବା ଜିହ୍ୱା ସହିତ ମିଳି ବା ତାହାର ନିକଟବର୍ତ୍ତୀ ହୋଇ ଧ୍ୱନି ନିର୍ମାଣରେ ସାହାଯ୍ୟ କରିଥାନ୍ତି।

## 1.6.3 ବର୍ତ୍ସ (Alveola)

ଉପର ଦାନ୍ତର ତଳମାଢ଼ିକୁ ବର୍ତ୍ସ କୁହାଯାଏ। ଉପର ଦାନ୍ତମୂଳଠାରୁ ତାଲୁର ଆରମ୍ଭ ପର୍ଯ୍ୟନ୍ତ ଏହା ବିସ୍ତୃତ। ଜିହ୍ୱାର ବିଭିନ୍ନ ଅଂଶ ବର୍ତ୍ସକୁ ସ୍ପର୍ଶ କରି ବା ତାହାର ନିକଟବର୍ତ୍ତୀ ହୋଇ ଧ୍ୱନି ଉଚ୍ଚାରଣରେ ସାହାଯ୍ୟ କରିଥାନ୍ତି।

## 1.6.4. ତାଲୁ (Palate)

ବର୍ତ୍ସଠାରୁ ଆରମ୍ଭ କରି ଅଲିଜିହ୍ୱା ବା ଘଣ୍ଟିକା ପର୍ଯ୍ୟନ୍ତ ବିସ୍ତୃତ କ୍ଷେତ୍ରକୁ ତାଲୁ କୁହାଯାଏ। ତାଲୁର ଗଠନ ପ୍ରକୃତିକୁ ଦୃଷ୍ଟିରେ ରଖି ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି। ତାହା ହେଲେ (କ) କଠିନତାଲୁ (Hard Palate) ଓ (ଖ) କୋମଳ ତାଲୁ (Soft Palate)।

ବର୍ତ୍ସଠାରୁ ଉପର ତାଲୁରେ ହାତ ମାରି ମାରି ଗଲେ ଯେଉଁ ପର୍ଯ୍ୟନ୍ତ ହାଡ଼ଥିବାର ଜଣାପଡେ, ତାହାକୁ କଠିନ ତାଲୁ କୁହାଯାଏ। ଅନ୍ୟ ଭାବରେ ବାଗ୍ ଯନ୍ତ୍ରର ଏହି ଅଂଶଟି ବର୍ତ୍ସଠାରୁ ଆରମ୍ଭ କରି କୋମଳତାଲୁ ପର୍ଯ୍ୟନ୍ତ ବିସ୍ତୃତ। ଏହି କଠିନତାଲୁରେ ବର୍ତ୍ସର ନିକଟବର୍ତ୍ତୀ ଅଂଶକୁ ମୂର୍ଦ୍ଧା (Cerebrum) କୁହାଯାଏ। ବାଗ୍‌ଯନ୍ତ୍ରରେ ଏହି କଠିନ ଅଂଶଟି ସର୍ବଦା ସ୍ଥିର ଥାଏ। ଏହା କେବେ ତଳକୁ ଉପରକୁ ହୋଇପାରେନାହିଁ।

କଠିନ ତାଲୁର ସୀମାଠାରୁ ଆରମ୍ଭ କରି ଘଣ୍ଟିକା ପର୍ଯ୍ୟନ୍ତ ବିସ୍ତୃତ କୋମଳ ଅଂଶକୁ କୋମଳ ତାଲୁ କୁହାଯାଏ। ଏହା ଆପେ ଆପେ ତଳ ଉପର ହୋଇପାରେ। ପ୍ରଶ୍ୱାସ ନେଲାବେଳେ କୋମଳ ତାଲୁ ଉପରକୁ ଉଠେ ଓ ନିଃଶ୍ୱାସ ଛାଡିଲାବେଳେ ତଳକୁ ପଡିଯାଏ। ବାଗ୍‌ଯନ୍ତ୍ରର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶ ମୁଖରନ୍ଧ୍ର ଓ ନାସାରନ୍ଧ୍ର ମଧ୍ୟରେ ଏକ କବାଟ ପରି କାର୍ଯ୍ୟ କରିଥାଏ।

## 1.6.5. ଅଲିଜିହ୍ୱା ବା ଘଣ୍ଟିକା (Uvula)

କୋମଳ ତାଲୁର ଶେଷ ଭାଗରେ ଛୋଟ ବଲ୍ ପରି ଓହଳିଥିବା ମାଂସପିଣ୍ଡୁଳାଟିକୁ ଘଣ୍ଟିକା କୁହାଯାଏ। କୋମଳ ତାଲୁ ସହିତ ଏହା ତଳୁ ଉପରକୁ ହୋଇ ବିଭିନ୍ନ ଧ୍ୱନି ସୃଷ୍ଟିରେ ସହାୟକ ହୋଇଥାଏ।

## 1.6.6. ଜିହ୍ୱା (Tongue)

ବାଗ୍‌ଯନ୍ତ୍ରରେ ଜିହ୍ୱା ସବୁଠୁଁ ଗତିଶୀଳ ଓ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଭାଷଣ କ୍ରିୟାରେ ଜିହ୍ୱାର ବିଭିନ୍ନ ଅଂଶ ବ୍ୟବହାରର ଉପଯୋଗିତା ଅନୁସାରେ ବହୁ ଧ୍ୱନି ସୃଷ୍ଟି କରିଥାନ୍ତି। ଏହି ବ୍ୟବହାରର ଉପଯୋଗିତା ଦୃଷ୍ଟିରୁ ସଂପୂର୍ଣ୍ଣ ଜିହ୍ୱାକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଛି, ଯଥା: ଜିହ୍ୱାଗ୍ର, ଜିହ୍ୱାଫଳକ, ଜିହ୍ୱାମଧ, ଜିହ୍ୱାପଶ୍ଚାତ୍।

ଜିହ୍ୱାର ଆଗପଟକୁ ଜିହ୍ୱାଗ୍ର ଓ ତାହାର ତଳପାଖକୁ ଲାଗିଥିବା ଅଂଶକୁ ଜିହ୍ୱାଫଳକ କୁହାଯାଏ। ସାଧାରଣତଃ ଜିହ୍ୱାର ଯେଉଁ ଅଂଶ ପ୍ରାକୃତିକ ଭାବରେ ପାଟି ଭିତରୁ ବାହାରକୁ ବାହାରିପାରେ ତାହାକୁ ଜିହ୍ୱାଫଳକ କୁହାଯାଏ।

ମୁଖରନ୍ଧ୍ରରେ ଜିହ୍ୱା ନିଷ୍କ୍ରିୟହୋଇ ତାହାର ପ୍ରାକୃତିକ ଅବସ୍ଥାରେ ଥିବାବେଳେ, ଜିହ୍ୱାର ଯେଉଁ ଅଂଶ କଠିନ ତାଲୁର ବିପରୀତରେ ଥାଏ ତାହାକୁ ଅଗ୍ରଜିହ୍ୱା (Front Of tongue) କୁହାଯାଏ। ଏଇଠି ମନେରଖିବାକୁ ହେବ ଯେ ଜିହ୍ୱାଗ୍ର ଓ ଅଗ୍ରଜିହ୍ୱା ଦୁଇଟିଶବ୍ଦ ଏକାକଥା ନୁହେଁ।

କୋମଳ ତାଲୁର ବିପରୀତରେ ଥିବା ଜିହ୍ୱାର ଯେଉଁ ଅଂଶଟି ଜିହ୍ୱାଗ୍ରଠାରୁ ଜିହ୍ୱାର ମୂଳପର୍ଯ୍ୟନ୍ତ ବା ଗଳଗହ୍ୱର ପର୍ଯ୍ୟନ୍ତ ବିସ୍ତୃତ ତାହାକୁ ଜିହ୍ୱାପଶ୍ଚାତ୍ (Back of Tongue) କୁହାଯାଏ। ସେହିପରି ଜିହ୍ୱାଫଳକଠାରୁ ଜିହ୍ୱାପଶ୍ଚାତ୍ ର ଆରମ୍ଭ ପର୍ଯ୍ୟନ୍ତ ପ୍ରାୟ ଦେଢ଼ଇଞ୍ଚ ବିସ୍ତୃତ ଅଂଶ ଜିହ୍ୱାମଧ (middle of the tongue) ରୂପେ ପରିଚିତ।

ଅତଏବ ଜିହ୍ୱାଗ୍ର ଠାରୁ ଆରମ୍ଭ କରି ପଶ୍ଚାତ୍ ଜିହ୍ୱା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଅଂଶ ହିଁ ଜିହ୍ୱା ଏବଂ ଏହାର ପ୍ରତ୍ୟେକ ବିଭାଗ ଗତିଶୀଳ ହୋଇ ବାଗ୍‌ଯନ୍ତ୍ରରେ ଧ୍ୱନି ଉତ୍ପନ୍ନରେ ସାହାଯ୍ୟ କରିଥାନ୍ତି।

## 1.6.7. ଉପାଲିଜିହ୍ୱା ବା ଗଳଗହ୍ୱର (Pharynx)

ଜିହ୍ୱାମୂଳର ପଛପଟରେ ଟିକିଏ ତଳକୁ ଗଳଦେଶରେ ଯେଉଁ ଶୂନ୍ୟସ୍ଥାନଟି ରହିଛି ତାହାକୁ ଉପାଲିଜିହ୍ୱା କୁହାଯାଏ। ଏହାକୁ କେହିକେହି ଗଳା ମଧ କହିଥାନ୍ତି। ଏହା ଜିହ୍ୱାମୂଳର ପଛ ଓ କଣ୍ଠର ପଛକାନ୍ଥର ଠିକ୍ ମଧବର୍ତ୍ତୀ ସ୍ଥାନ। ଅନ୍ୟ ଅର୍ଥରେ ଏହି ସ୍ଥାନ ହିଁ ଉଭୟ ନାସାରନ୍ଧ୍ର ଓ ମୁଖରନ୍ଧ୍ରର ଠିକ୍ ମିଳନ ସ୍ଥଳ। ଜିହ୍ୱାକୁ ପଛପଟକୁ ଘୁଞ୍ଚାଇ ଏହି ଶୂନ୍ୟ ସ୍ଥାନକୁ ବିଭିନ୍ନ ଆକାରରେ ବଡ ସାନ କରି ଧ୍ୱନିର ରୂପକୁ ପରିବର୍ତ୍ତନ କରାଯାଇଥାଏ।

## 1.6.8. ସ୍ୱରଯନ୍ତ୍ରାବରଣ (Epiglottis)

ଗଳଗହ୍ୱରର ଠିକ୍ ତଳକୁ ସ୍ୱରଯନ୍ତ୍ରାବରଣର ସ୍ଥାନ। ଏହା ଜିହ୍ୱାମୂଳର ତଳକୁ ଗଛର ପତ୍ର କିମ୍ବା ଚାମଚ ଭଳି ଠିଆହୋଇ ରହିଥିବା ଏକ ମାଂସଳ ଅଂଶବିଶେଷ। ଭୋଜନ ସମୟରେ ଏହା ଶ୍ୱାସନଳୀକୁ ସୁରକ୍ଷିତ ରଖେ; ଶ୍ୱାସନଳୀର ମାର୍ଗକୁ ବନ୍ଦ କରିଦେଇ ଖାଦ୍ୟକୁ ଖାଦ୍ୟନଳୀ (esophagus) ଭିତରକୁ ପଠାଇଦିଏ।

## 1.6.9. ସ୍ୱରପେଟିକା(Larynx) ଓ ସ୍ୱରତନ୍ତ୍ରୀ(Vocal Folds)

ଆମେ ପଦାରୁ ଦେଖିପାରୁନଥିଲେ ବି ବେକରେ କଣ୍ଠାବଳି ସାମାନ୍ୟ ବାହାରି ପଡିଥିବା ଅବୟବଟି ହେଉଛି ସ୍ୱରପେଟିକା। ଏହି ସ୍ୱରପେଟିକାକୁ ଇଂରାଜୀରେ 'Adam's Apple' କୁହାଯାଇଥାଏ। ଏହି ସ୍ୱରପେଟିକାକୁ ମଧ୍ୟ ଫାଇବରସ୍କୋପ୍ (fibrescope) ମାଧ୍ୟମରେ ଅବଲୋକନ କରାଯାଇପାରେ। ଏହି ସ୍ୱରପେଟିକା ମଧ୍ୟସ୍ଥ ଗ୍ରନ୍ଥି ଗୋଟିଏ ପତଳା ନଳୀ ଆକାର ହୋଇ ଫୁସଫୁସ୍ ପର୍ଯ୍ୟନ୍ତ ଲମ୍ବିଥାନ୍ତି, ଯାହାକୁ ଆମେ ଶ୍ୱାସନଳୀ କହିଥାଉ। ତେଣୁ ଶ୍ୱସନଳୀର କିଞ୍ଚିତ୍ ଉପର ଭାଗରେ ଓ ସ୍ୱରଯନ୍ତ୍ରାବରଣର କିଞ୍ଚିତ୍ ତଳେ ସ୍ୱରପେଟିକାର ସ୍ଥାନ। ଏହି ସ୍ୱରପେଟିକା ମଧ୍ୟସ୍ଥ ଗ୍ରନ୍ଥି ଭିତରେ ସୂକ୍ଷ୍ମ ପରଦା ଭଳି ଦୁଇଟି ତନ୍ତ୍ରୀ ପରସ୍ପରର ବିପରୀତ ଦିଗରେ ରହିଛନ୍ତି, ଯାହାକୁ ଆମେ ସ୍ୱରତନ୍ତ୍ରୀ (Vocal folds) କହିଥାଉ। ଏହି ପରଦା ଦୁଇଟି ସ୍ୱରପେଟିକା ମଧ୍ୟରେ ଏପରି ଖଞ୍ଜାହୋଇ ରହିଛନ୍ତି ଯେ, ସେମାନେ ବିଭିନ୍ନ ମାତ୍ରାରେ ପରସ୍ପରର ନିକଟବର୍ତ୍ତୀ ଓ ଦୂରବର୍ତ୍ତୀ ହୋଇ ଯେଉଁ ସ୍ପନ୍ଦନ ସୃଷ୍ଟି କରିଥାନ୍ତି, ସେଥିରୁ ଧ୍ୱନିର ଉତ୍ପାଦନ ହୋଇଥାଏ। ତେଣୁ ସ୍ୱରତନ୍ତ୍ରୀର ପ୍ରଧାନ କାର୍ଯ୍ୟ ହେଉଛି ଶ୍ୱସନଳୀରେ ବାୟୁ ସ୍ରୋତକୁ ନିୟନ୍ତ୍ରଣ କରିବା। ବର୍ଣ୍ଣିତ ଦୁଇଟି ସ୍ୱରତନ୍ତ୍ରୀର ମଧ୍ୟବର୍ତ୍ତୀ ସ୍ଥାନକୁ କାକଳ ବା Glotis କୁହାଯାଏ। ଏହି କାକଳର ଆକାର ଭିନ୍ନତାରେ ଧ୍ୱନିରେ ଭିନ୍ନତା ସୃଷ୍ଟି ହୋଇଥାଏ। ସ୍ୱରତନ୍ତ୍ରୀ ମାଧ୍ୟମରେ ଫୁସ୍‌ଫୁସ୍‌ରୁ ଆସୁଥିବା ପବନର ସହାୟତାରେ କାକଳର ପରିବର୍ତ୍ତୀତ ଆକାର ଅନୁଯାୟୀ ବିଭିନ୍ନ ଧ୍ୱନି ସୃଷ୍ଟି ହୁଏ।

## 1.6.10. ଶ୍ୱାସନଳୀ (Trachea)

ଫୁସ୍‌ଫୁସ୍‌ରୁ ଆରମ୍ଭ କରି କଣ୍ଠ ପର୍ଯ୍ୟନ୍ତ ବିସ୍ତୃତ ନଳୀକୁ ଶ୍ୱସନଳୀ କୁହାଯାଏ। ଛୋଟଛୋଟ ଗୋଲାକାର ଉପାସ୍ଥିରେ ଏହି ଶ୍ୱାସନଳୀ ତିଆରି ହୋଇଥାଏ। ଧ୍ୱନି ଉତ୍ପାଦନ କ୍ଷେତ୍ରରେ ଫୁସ୍‌ଫୁସ୍‌ରୁ ନିର୍ଗତ ବାୟୁ ଏହି ଶ୍ୱାସନଳୀ ମଧ୍ୟଦେଇ ମୁଖରନ୍ଧ୍ର ପର୍ଯ୍ୟନ୍ତ ପହଞ୍ଚିଥାଏ।

## 1.6.11. ନାସାରନ୍ଧ୍ର (Nazal Cavity)

ଗଳଗହ୍ୱରଠାରୁ ସିଧା ଉପରକୁ ଉନ୍ମୁକ୍ତ ମାର୍ଗହିଁ ନାସାରନ୍ଧ୍ର। ଏହି ପଥ ଦେଇ ବାୟୁ ନାକବାଟେ ବାହାରକୁ ବାହାରଥାଏ। କଥା କହିବାବେଳେ, କୋମଳତାଲୁ ଉପରକୁ ଉଠି ନାସାରନ୍ଧ୍ରକୁ ବନ୍ଦ କରିଥାଏ ଓ ତଳକୁ ଦବି ନାସାରନ୍ଧ୍ରକୁ ଖୋଲିଥାଏ। ସମୟ ସମୟରେ କୋମଳତାଲୁ ଏପରି ଅବସ୍ଥାନରେ ରହେ ଯେ, ବାୟୁ ଦୁଇଭାଗ ହୋଇ ନାସାରନ୍ଧ୍ର ଓ ମୁଖରନ୍ଧ୍ର ଉଭୟ ପଥରେ ପ୍ରବାହିତ ହୋଇଥାଏ। ନ୍, ମ୍ ପ୍ରଭୃତି ନାସିକ୍ୟ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣ ବେଳେ ମୁଖରନ୍ଧ୍ର ବନ୍ଦ ଥାଏ, କିନ୍ତୁ ନାସାରନ୍ଧ୍ର ଉଭୟ ଖୋଲାଥାଏ।

**ଧ୍ୱନି ଉଚ୍ଚାରଣର ସ୍ଥାନ :**

ଉପରେ ବର୍ଣ୍ଣିତ ବାଗ୍‌ଯନ୍ତ୍ରର ସମସ୍ତ ଅବୟବ ଧ୍ୱନି ଉତ୍ପାଦନରେ ସହଯୋଗ ପ୍ରଦାନ କରିଥାନ୍ତି। ଓଡ଼ିଆରେ ସମସ୍ତ ଧ୍ୱନି ଫୁସ୍‌ଫୁସ୍‌ରୁ ବାହାରକୁ ଆସୁଥିବା ବାୟୁକୁ ବ୍ୟବହାର କରି ସୃଷ୍ଟି ହୁଅନ୍ତି। ଫୁସ୍‌ଫୁସ୍‌ର ପ୍ରଶ୍ୱାସଯୁକ୍ତ ବାୟୁକୁ ଭିତରକୁ ନେଇ ତାହାକୁ ବାହାରକୁ ନିଶ୍ୱାସରୂପେ ଶ୍ୱାସନଳୀ ମଧ୍ୟଦେଇ ଛାଡ଼ିବା ବେଳେ ସ୍ୱରପେଟିକାଠାରେ ସର୍ବପ୍ରଥମେ ବାଧାପ୍ରାପ୍ତ ହୋଇଥାଏ। ଯେତେବେଳେ ଏହି ସ୍ୱରପେଟିକାରେ ଏହି ବାୟୁ ସ୍ୱରତନ୍ତ୍ରୀ ମଧ୍ୟସ୍ଥ ଫାଙ୍କ ଦେଇ ପ୍ରବାହିତ ହେଲାବେଳେ ସ୍ୱରତନ୍ତ୍ରୀର ଶିଥିଳ ଧାର କମ୍ପିତ ହୁଏ, ସେତେବେଳେ ଉକ୍ତ କମ୍ପନକୁ 'ଘୋଷ' କହନ୍ତି। ଘୋଷ ସହିତ ଉତ୍ପନ୍ନ ଧ୍ୱନି ହିଁ ସଘୋଷ ଧ୍ୱନିରୂପେ ପରିଚିତ। ଓଡ଼ିଆ ଭାଷାର ଅ, ଆ, ଜ, ଡ ଇତ୍ୟାଦି ସଘୋଷ ଧ୍ୱନି ଅଟନ୍ତି। କିନ୍ତୁ ଯଦି ବାୟୁ ପ୍ରବାହିତ ହେବାବେଳେ, ସ୍ୱରତନ୍ତ୍ରୀ ଦ୍ୱୟ ପରସ୍ପରଠାରୁ ଦୂରରେ ରହିବା ଫଳରେ ବାୟୁର ଆଘାତରେ ସ୍ୱରତନ୍ତ୍ରୀରେ କୌଣସି କମ୍ପନ ବା ଘୋଷ ସୃଷ୍ଟି ନହୋଇ ବି ଧ୍ୱନି ଉତ୍ପନ୍ନ ହୁଏ, ତାହାକୁ ଅଘୋଷ ଧ୍ୱନି କୁହାଯାଇଥାଏ। ଓଡ଼ିଆ ଭାଷାରୁ କ, ଚ, ଟ, ତ, ପ ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟନ୍ତି। ଏହାପରେ ଉକ୍ତ ବାୟୁ ଗଳଗହ୍ୱର ମଧ୍ୟଦେଇ ଉପରକୁ ଉଠିବାବେଳେ ମୁଖରନ୍ଧ୍ର ବା ନାସାରନ୍ଧ୍ର ଦେଇ ବାହାରକୁ ବାହାରି ଯାଇଥାଏ। ମାତ୍ର ଏହି ବହିର୍ମୁଖୀ ବାୟୁ ଗଳଗହ୍ୱର ପରେ ବାହାରକୁ ବାହାରିବାବେଳେ, ମୁଖରନ୍ଧ୍ରର ବିଭିନ୍ନ ଅବୟବର ସଂସ୍ପର୍ଶରେ ଆସି ବିଭିନ୍ନ ଢଙ୍ଗରେ ରୂପାନ୍ତରିତ ହେବାରୁ ଭିନ୍ନଭିନ୍ନ ଧ୍ୱନି ଉତ୍ପନ୍ନ ହୋଇଥାନ୍ତି। ଯଦି ବାୟୁ ନାସାରନ୍ଧ୍ର ମଧ୍ୟଦେଇ ବାହାରିଯାଏ, ତେବେ ସେଥିରୁ ନାସିକ୍ୟ ଧ୍ୱନିର ଉତ୍ପନ୍ନ ହୋଇଥାଏ। ଏହି ବାୟୁ ପ୍ରବାହର ଗତିପଥକୁ ନିମ୍ନସ୍ଥ ଚିତ୍ରରେ ପ୍ରଦାନ କରାଗଲା।




ମୁଖରନ୍ଧ୍ର ଦେଇ ବାୟୁପ୍ରବାହର ଗତିପଥ




ନାସାରନ୍ଧ୍ର ଦେଇ ବାୟୁପ୍ରବାହର ଗତିପଥ

ବାଗ୍‌ଯନ୍ତ୍ରର ଯେଉଁ ସ୍ଥାନରେ ଉଚ୍ଚାରଣ ସଂପନ୍ନ ହୁଏ ତାହାକୁ ଉଚ୍ଚାରଣ ସ୍ଥାନ କୁହାଯାଏ। ଏହି କ୍ରମରେ ବାଗ୍‌ଯନ୍ତ୍ରର ବିଭିନ୍ନ ସ୍ଥାନ ଭିନ୍ନଭିନ୍ନ ଧ୍ୱନି ଉତ୍ପନ୍ନରେ କିପରି ସାହାଯ୍ୟ କରିଥାନ୍ତି ତାହାକୁ ଆଲୋଚନା କରିବା। ଯଦିଓ ଗୋଟିଏ ଧ୍ୱନିର ଉଚ୍ଚାରଣରେ ବାଗ୍‌ଯନ୍ତ୍ରର ଏକାଧିକ ଅବୟବର ମିଳିତ ଭୂମିକା ଆବଶ୍ୟକ ହୁଏ । ଏହି ଦୃଷ୍ଟିରୁ ଗୋଟିଏ ଅବୟବ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କଲାବେଳେ, ଅନ୍ୟ ଅବୟବଗୁଡ଼ିକ ପରୋକ୍ଷ ଭୂମିକା ଗ୍ରହଣ କରିଥାନ୍ତି। ଯେପରିକି ଜିହ୍ୱାଗ୍ର ମୁଖ ମଧ୍ୟସ୍ଥ ଉପର ଦାନ୍ତକୁ ସ୍ପର୍ଶ ନକରିବା ପର୍ଯ୍ୟନ୍ତ କୌଣସି ଭାଷାର 'ଦନ୍ତ୍ୟ ବ୍ୟଞ୍ଜନ' ଧ୍ୱନିର ଉଚ୍ଚାରଣ ସମ୍ଭବ ହୁଏନାହିଁ।

## 1.7.1 ଧ୍ୱନି ଉଚ୍ଚାରଣରେ ଓଷ୍ଠର ଭୂମିକା

ଉଭୟ ଉପର ଓ ତଳ ଓଷ୍ଠ ବହୁ ଧ୍ୱନି ଉଚ୍ଚାରଣରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥାନ୍ତି। ଧ୍ୱନି ଉଚ୍ଚାରଣରେ କେତେବେଳେ ଗୋଟିଏ ଓଷ୍ଠ ତ ଆଉ କେତେବେଳେ ଉଭୟ ଓଷ୍ଠ ବ୍ୟବହୃତ ହୋଇଥାଏ। ଓଡ଼ିଆ ଭାଷାରୁ ପ, ବ, ମ ଭଳି ବା ଇଂରାଜୀ ଭାଷାରୁ p, b, m ଭଳି ଧ୍ୱନିର ଉଚ୍ଚାରଣରେ ଓଷ୍ଠହିଁ ପ୍ରଧାନ ଉଚ୍ଚାରକର ଭୂମିକା ଗ୍ରହଣ କରିଥାଏ। ତେବେ ତଳ ଓଷ୍ଠଟି ବହୁ ସମୟରେ ଉପର ଓଷ୍ଠ ଅପେକ୍ଷା ଅଧିକ କ୍ରିୟାଶୀଳ ରହିଥାଏ। ଧ୍ୱନି ଉତ୍ପନ୍ନ ବେଳେ ଓଷ୍ଠ ଦ୍ୱୟ ବିଭିନ୍ନ ଆକୃତି ଧାରଣ କରିଥାନ୍ତି; ଯେପରିକି:

ଓଷ୍ଠ ଦ୍ୱୟ ବୃତ୍ତାକାର ଅବସ୍ଥାରେ ଥିବାବେଳେ ଓଡ଼ିଆ ଭାଷାରେ – ଉ ଧ୍ୱନି ଉଚ୍ଚାରଣ ହୁଏ।

ଓଷ୍ଠ ଦ୍ୱୟର ଅବୃତ୍ତାକାର ଅବସ୍ଥାରେ ଓଡ଼ିଆ ଭାଷାରେ –ଆ, ଓ ଆଦି ଧ୍ୱନି ଉଚ୍ଚାରଣ ହୁଅନ୍ତି।

ଓଷ୍ଠ ଦ୍ୱୟର ପୂର୍ଣ୍ଣ ବିସ୍ତୃତ ଅବସ୍ଥାରେ ଓଡ଼ିଆ ଭାଷାରେ – ଏ ଧ୍ୱନି ଉଚ୍ଚାରଣ ହୁଏ।

ଓଷ୍ଠ ଦ୍ୱୟର ଉଦାସୀନ ଅବସ୍ଥାରେ ଥିବାବେଳେ ଓଡ଼ିଆ ଭାଷାରେ – ଅ ଧ୍ୱନି ଉଚ୍ଚାରଣ ହୁଏ।

## 1.7.2 ଧ୍ୱନି ଉଚ୍ଚାରଣରେ ଜିହ୍ୱାର ଭୂମିକା

ଭାଷଣ ସମୟରେ ଜିହ୍ୱା ଆଗକୁ ପଛକୁ ଗତିକରି ବା ବିଭିନ୍ନ ଅବସ୍ଥାରେ ବିଭିନ୍ନ ଆକୃତି ଧାରଣ କରି ଧ୍ୱନି ଉତ୍ପାଦନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭୂମିକା ଗ୍ରହଣ କରେ । ପୂର୍ବରୁ ଆମେ କହି ରଖିଛେ, ବ୍ୟବହାରର ଉପଯୋଗିତା ଦୃଷ୍ଟିରୁ କିପରି ସଂପୂର୍ଣ୍ଣ ଜିହ୍ୱାକୁ ଜିହ୍ୱାଗ୍ର, ଜିହ୍ୱାଫଳକ, ଜିହ୍ୱାମଧ୍ୟ, ଜିହ୍ୱାପଶ୍ଚାତ୍ ଭାବରେ ଚାରି ଭାଗରେ ବିଭକ୍ତ କରାଯାଇଛି । ଏହି କ୍ରମରେ ଧ୍ୱନି ଉଚ୍ଚାରଣରେ ଜିହ୍ୱାର ଏହି ଚାରୋଟି ଅଂଶ କିପରି ଭୂମିକା ଗ୍ରହଣ କରନ୍ତି, ତାହାର ଆଲୋଚନା କରିବା।

### 1.7.2.1 ଜିହ୍ୱାଗ୍ର (tip of the tongue)

ଜିହ୍ୱାଗ୍ର ଜିହ୍ୱାର ଅନ୍ୟାନ୍ୟ ଅଂଶ ଅପେକ୍ଷା ଅଧିକ ଗତିଶୀଳ । ଜିହ୍ୱାଗ୍ର ତାହାର ପ୍ରାକୃତିକ ଅବସ୍ଥାରେ ଥାଇ ତଳଧାଡ଼ି ଦାନ୍ତମୂଳରେ ନିଷ୍କ୍ରିୟ ଭାବରେ ଯେତେବେଳେ ପଡି ରହିଥାନ୍ତି, ସେତେବେଳେ ଓଡ଼ିଆର - ଇ, ଉ ଆଦି ଧ୍ୱନି ଉଚ୍ଚାରିତ ହୁଅନ୍ତି। କିନ୍ତୁ ଏହି ଜିହ୍ୱାଗ୍ର ଉପର ଦାନ୍ତକୁ ଉଚ୍ଚାରଣ ବେଳେ ସ୍ପର୍ଶ କଲେ, ତ୍, ଥ୍, ଦ୍, ଧ୍, ନ୍ ଆଦି ଦନ୍ତ୍ୟ ବ୍ୟଞ୍ଜନ ଧ୍ୱନିର ଉତ୍ପନ୍ନ ହୋଇଥାଏ। ଏହି ଜିହ୍ୱାଗ୍ର ଉପରକୁ ଉତ୍ତୋଳିତ ହୋଇ ମୂର୍ଦ୍ଧନ୍ୟଧ୍ୱନି ଉଚ୍ଚାରଣରେ ସାହାଯ୍ୟ କରେ।

### 1.7..2.2 ଜିହ୍ୱାଫଳକ (blade of the tongue)

ଇଂରାଜୀ ଭାଷାର 'S' ଧ୍ୱନି ଉଚ୍ଚାରଣରେ ଜିହ୍ୱାଫଳକ ଯେପରି ବର୍ତ୍ସର ନିକଟବର୍ତ୍ତୀ ହୋଇଥାଏ, ସେହିପରି ଓଡ଼ିଆ ଭାଷାରେ ଜିହ୍ୱାଫଳକକୁ ବ୍ୟବହାର କରି 'ସ' ଭଳି ଧ୍ୱନି ଉତ୍ପନ କରାଯାଇପାରେ। ତେବେ ଓଡ଼ିଆରେ ଏହି 'ସ' ଉଚ୍ଚାରଣ ବେଳେ ବିଭିନ୍ନ ବୋଲିର ବ୍ୟକ୍ତି କେତେବେଳେ ଜିହ୍ୱାଗ୍ରକୁ ବ୍ୟବହାର କରିଥାନ୍ତି, ତ ଆଉ କେତେବେଳେ ଜିହ୍ୱାଫଳକକୁ ବ୍ୟବହାର କକରିଥାନ୍ତି ଓ ଏହିକ୍ରମରେ 'ସ' ର ଉଚ୍ଚାରଣରେ ଫରକ ଆସିଥାଏ।

### 1.7.2.3 ଜିହ୍ୱାମଧ (mid of the tongue)

ଜିହ୍ୱମଧ ବିଭିନ୍ନ ସମୟରେ କଠିନ ତାଲୁ ସହିତ ମିଳିତ ହୋଇ ବା ତାହା ଆଡ଼କୁ ଅଗ୍ରସର ହୋଇ ତାଲବ୍ୟଧ୍ୱନି ସୃଷ୍ଟି କରିଥାଏ। ଜିହ୍ୱାମଧ କଠିନତାଲୁ ଆଡ଼କୁ ଅଗ୍ରସର ହେଲେ ଓଡ଼ିଆ ଭାଷାର ଇ, ଏ ଭଳି ଅଗ୍ର ସ୍ୱରଧ୍ୱନି ଉତ୍ପନ୍ନ ହୋଇଥାଏ। ଓଡ଼ିଆଭାଷାର 'ଶ' ଏହି ଦୃଷ୍ଟିରୁ ତାଲବ୍ୟ ଶ ରୂପେ ପରିଚିତ। କଠିନ ତାଲୁ ସହିତ ଜିହ୍ୱାମଧ ମିଳିତ ଥିବା ଅବସ୍ଥାରେ ଏହାର ଗୋଟିଏ ପାର୍ଶ୍ୱ ଖୋଲା ରହିଲେ ପାର୍ଶ୍ୱିକ ଧ୍ୱନି ସୃଷ୍ଟି ହୁଏ।

### 1.7.2.4 ଜିହ୍ୱାପଶ୍ଚାତ୍ (back of the tongue)

ଉଭୟ ସ୍ୱରଧ୍ୱନି ଓ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଜିହ୍ୱାପଶ୍ଚାତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ବିଭିନ୍ନ ପରିମାଣରେ କୋମଳ ତାଲୁ ଆଡକୁ ଉଠି ଓ ଫୁସଫୁସରୁ ନିର୍ଗତ ବାୟୁକୁ ବିଭିନ୍ନ ଭାବରେ ନିୟନ୍ତ୍ରଣ କରି ପଶ୍ଚସ୍ୱର ଉଚ୍ଚାରଣରେ ସାହାଯ୍ୟ କରିଥାଏ। ସେହିପରି କୋମଳ ତାଲୁ ଓ ଅଲିଜିହ୍ୱା ସହିତ ମିଳିତ ହୋଇ କଣ୍ଠ୍ୟଧ୍ୱନିର ଉଚ୍ଚାରଣରେ ସାହାଯ୍ୟ କରେ। ଜିହ୍ୱାପଶ୍ଚାତ୍ କୋମଳତାଲୁ ଓ ଅଲିଜିହ୍ୱାର ନିକଟବର୍ତ୍ତୀ ହେଲେ ସଂଘର୍ଷୀ ଧ୍ୱନି ଉତ୍ପନ୍ନ ହୁଏ।

ଧ୍ୱନି ଉଚ୍ଚାରଣ କ୍ଷେତ୍ରରେ ଜିହ୍ୱା ବିଭିନ୍ନ ଭାବରେ ସାହାଯ୍ୟ କରିଥାଏ। ଅନ୍ୟଭାବେ ଜିହ୍ୱା ଅବସ୍ଥାନର ଉଚ୍ଚତା, ତାହାର ସ୍ପର୍ଶ ତାହାର ଆକାର, ଏପରିକି ତାହାର ସାଧାରଣ ଅବସ୍ଥାରେ ବି ଧ୍ୱନିର ସ୍ୱରୂପରେ ପରିବର୍ତ୍ତନ ଘଟିଥାଏ। ଏହାକୁ ଆମେ ଆହୁରି ସ୍ପଷ୍ଟରୂପେ ଯେତେବେଳେ ଉଚ୍ଚାରଣ ଦୃଷ୍ଟିରୁ ଧ୍ୱନିର ବର୍ଗୀକରଣ କରିବା ସେତେବେଳେ ବୁଝିବା।

## 1.8 ଧ୍ୱନି ଉଚ୍ଚାରଣର ସ୍ଥାନ

ଭାଷାବିଜ୍ଞାନ ଦୃଷ୍ଟିରୁ ଉଚ୍ଚାରଣ ସାଧାରଣତଃ ବାଚକ ଧ୍ୱନିର ପରିପ୍ରକାଶ ପାଇଁ ସ୍ୱରମାର୍ଗକୁ ସଂକୀର୍ଣ୍ଣ କରିବା ବା ତଦନୁଯାୟୀ ଉପଯୁକ୍ତ ଆକାର ପ୍ରଦାନ କରିବା। ଏହି ଉଚ୍ଚାରଣ ପ୍ରକ୍ରିୟା ବାଗ୍‌ଯନ୍ତ୍ରରେ ସାଧାରଣତଃ ଦୁଇ ପ୍ରକାର ଉଚ୍ଚାରକଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ପ୍ରଥମଟିକୁ ଆମେ ପ୍ରତ୍ୟକ୍ଷ ଉଚ୍ଚାରକ କହିବାବେଳେ, ଦ୍ୱିତୀୟଟିକୁ ଆମେ ପରୋକ୍ଷ ଉଚ୍ଚାରକରୂପେ ଗ୍ରହଣ କରିଥାଉ। ପରୋକ୍ଷ ଉଚ୍ଚାରକ କହିଲେ ବାଗ୍‌ଯନ୍ତ୍ରର ସେହି ଅବୟବ ଯାହା ଧ୍ୱନି ଉଚ୍ଚାରଣ ପାଇଁ ଚଳମାନ ହୁଏନାହିଁ। କିନ୍ତୁ ପ୍ରତ୍ୟକ୍ଷ ଉଚ୍ଚାରକ କହିଲେ ବାଗ୍‌ଯନ୍ତ୍ରର ଯେଉଁ ଅବୟବ ପରୋକ୍ଷ ଉଚ୍ଚାରକ ଆଡକୁ ଗତିଗକରି ଧ୍ୱନି ଉଚ୍ଚାରଣରେ ପ୍ରମୁଖ ଭୂମିକା ନିଭାଇଥାଏ। ସାଧାରଣତଃ ମୁଖରନ୍ଧ୍ରର ଉପର ଅଂଶକୁ ଆମେ ପରୋକ୍ଷ ଉଚ୍ଚାରକ ରୂପେ ବିବେଚନା କରିଥାଉ। କିନ୍ତୁ ପ୍ରାୟତଃ ବହୁ ଧ୍ୱନିର ଉଚ୍ଚାରଣରେ ଜିହ୍ୱା ପରୋକ୍ଷ ଉଚ୍ଚାରକ ଆଡକୁ ଗତିକରୁ ଥିବାରୁ ଜିହ୍ୱାକୁ ପ୍ରତ୍ୟକ୍ଷ ଉଚ୍ଚାରକ ଭାବେ ଗ୍ରହଣ କରାଯାଏ। କିନ୍ତୁ କେତେକ ବାକ୍ ଧ୍ୱନିର ଉଚ୍ଚାରଣରେ ଏହି ଉବୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଧ୍ୱନି ଉଭୟ ଚଳମାନ ହୋଇଥାନ୍ତି। ତେଣୁ ଏ କ୍ଷେତ୍ରରେ ଉଭୟ ଉଚ୍ଚାରକର ଭୂମିକା ମଧ୍ୟରେ ଥିବା ପାର୍ଥକ୍ୟକୁ ଧରି ହୁଏନାହିଁ. ଉଦାହରଣ ସ୍ୱରୂପ 'ପ' ଉଚ୍ଚାରଣ ସମୟରେ ମୁଖରନ୍ଧ୍ର ସଂପୂର୍ଣ୍ଣ ବନ୍ଦ ହୋଇଯାଏ କାରଣ ଏହି ଧ୍ୱନିର ଉଚ୍ଚାରଣରେ ଉଭୟ ଉଚ୍ଚାରକ ପରସ୍ପରର ସଂସ୍ପର୍ଶରେ ଆସି କିଛି ସମୟ ବାୟୁମାର୍ଗକୁ ବନ୍ଦ କରିଦେଇଥାନ୍ତି। ଧ୍ୱନିର ପ୍ରତ୍ୟେକ ଉଚ୍ଚାରଣ ସ୍ଥାନ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉଚ୍ଚାରକର ଏକ ମୋଟାମୋଟି ତାଲିକାକୁ ନିମ୍ନରେ ପ୍ରଦାନ କରାଗଲା।

| ଉଚ୍ଚାରଣର ସ୍ଥାନ | ପ୍ରତ୍ୟକ୍ଷ ଉଚ୍ଚାରକ | ପରୋକ୍ଷ ଉଚ୍ଚାରକ |
|---|---|---|
| ଓଷ୍ଠ୍ୟ ଧ୍ୱନି | ଉଭୟ ଉପର ଓ ତଳ ଓଷ୍ଠ | କିଛି ନାହିଁ |
| ଦନ୍ତ୍ୟ ଧ୍ୱନି | ଜିହ୍ୱାଶୀର୍ଷ | ଉପର ଆଗ ଦାନ୍ତ |
| କଣ୍ଠ୍ୟ ଧ୍ୱନି | ଜିହ୍ୱାର ପଛଭାଗ | କୋମଳ ତାଲୁ |
| ତାଲବ୍ୟ ଧ୍ୱନି | ଜିହ୍ୱାର ଶୀର୍ଷ ଓ ଜିହ୍ୱାର ଧାର | କଠିନ ତାଲୁ |
| ମୂର୍ଦ୍ଧନ୍ୟ ଧ୍ୱନି | ଜିହ୍ୱାଶୀର୍ଷ | ମୂର୍ଦ୍ଧା ବା କଠିନ ତାଲୁ |

*ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 3*

(କ) ଧ୍ୱନି ଉଚ୍ଚାରଣରେ ଜିହ୍ୱାର ଗୁରୁତ୍ୱ ନିର୍ଦ୍ଧାରଣ କର । (30ଟି ଶବ୍ଦରେ)

(ଖ) ଧ୍ୱନି ଉଚ୍ଚାରଣରେ ଓଷ୍ଠର ଭୂମିକା ନିର୍ଦ୍ଧାରଣ କର । (30ଟି ଶବ୍ଦରେ)

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ)

## 1.9 ବିଷୟବସ୍ତୁର ସାରମର୍ମ

ଆମ ଚତୁଃପାର୍ଶ୍ୱର ସମସ୍ତ ଧ୍ୱନିକୁ ବାକ୍ ଧ୍ୱନି କୁହାଯାଇପାରିବନାହିଁ କେବଳ ମାନବର ବାଗ୍‌ଯନ୍ତ୍ରରୁ ନିର୍ଦ୍ଦିଷ୍ଟ ପ୍ରଯତ୍ନର ଫଳସ୍ୱରୂପ ଉଚ୍ଚାରିତ ଧ୍ୱନି ହିଁ ବାକ୍ ଧ୍ୱନି ପଦବାଚ୍ୟ।

ଧ୍ୱନିବିଜ୍ଞାନ ଯେତିକି ପରିମାଣରେ ଗୋଟିଏ ଭାଷାରେ ଥିବା ବାଚିକ-ଧ୍ୱନିର ଭୌତିକ ଉଚ୍ଚାରଣ ସହିତ ସଂଶ୍ଳିଷ୍ଟ, ତାହାଠାରୁ କାହିଁ ଅଧିକ ମାତ୍ରାରେ ବାଚିକ-ଧ୍ୱନିର ମାନସିକ ବା ଭାବଗତ ଦିଗ ସହିତ ସମ୍ବନ୍ଧିତ।

ଫୁସ୍‌ଫୁସ୍ ଭିତରୁ ବାହାରକୁ ଆସୁଥିବା ଶ୍ୱାସ ବାୟୁ ବାଗ୍‌ଯନ୍ତ୍ର ଭିତରେ ନାନା ଭାବରେ ଆଘାତପ୍ରାପ୍ତ ହୋଇ ଧ୍ୱନିରେ ପରିଣତ ହୋଇଥାନ୍ତି।

ବାଗ୍‌ଯନ୍ତ୍ରର ବିଭିନ୍ନ ଭାଷାଣ ଅବୟବ ବିଭିନ୍ନ ଭାଷିକ ଧ୍ୱନି ଉତ୍ପାଦନରେ ସାହାଯ୍ୟ କରିଥାନ୍ତି।। ଧ୍ୱନି ଉଚ୍ଚାରଣ ବେଳେ ଯଦି ସ୍ୱରତନ୍ତ୍ରୀ ନିଷ୍କମ୍ପ ରୁହେ ତେବେ ଅଘୋଷ ଧ୍ୱନିର ସୃଷ୍ଟି ହୁଏ, କିନ୍ତୁ ଧ୍ୱନିର ଉତ୍ପନ୍ନରେ ଯଦି ସ୍ୱରତନ୍ତ୍ରୀରେ କମ୍ପନ ଥାଏ ତେବେ ସେଥିରୁ ସଘୋଷ ଧ୍ୱନି ସୃଷ୍ଟି ହୋଇଥାଏ।

ଫୋନିମ୍ ବା ଧ୍ୱନିଗ୍ରାମ୍ ବା ଧ୍ୱନିମ କୌଣସି ଭାଷାର କ୍ଷୁଦ୍ରତମ ଏକକ, ଯାହା ସମାନ ଧ୍ୱନିଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ ।

ସ୍ୱନିମର ଭିନ୍ନଭିନ୍ନ ଉଚ୍ଚାରଣଗତ ରୂପ ହିଁ ଆଲୋଫୋନ୍ ବା ସଂସ୍ୱନ । ସ୍ୱନିମର ପରିବର୍ତ୍ତନରେ ଶବ୍ଦର ଅର୍ଥରେ ପରିବର୍ତ୍ତନ ଘଟୁଥିବାବେଳେ, ସଂସ୍ୱନର ପରିବର୍ତ୍ତନରେ ଶବ୍ଦର ଅର୍ଥରେ ପରିବର୍ତ୍ତନ ଘଟିନଥାଏ ।

ଧ୍ୱନିର ଉଚ୍ଚାରଣ ଓ ବୈଶିଷ୍ଟ୍ୟକୁ ଠିକ୍ ଭାବେ ବର୍ଣ୍ଣନା ଓ ବିଶ୍ଳେଷଣ କରିବା ଓ ତାହାର ପ୍ରୟୋଗାତ୍ମକ ଦିଗରେ ଅଭିନିବେଶ କରିବା ଆଜିର ଧ୍ୱନିବିଜ୍ଞାନ ଅଧ୍ୟୟନର ପ୍ରମୁଖ ଉଦ୍ଦେଶ୍ୟ । ବାଗ୍‌ଯନ୍ତ୍ରରେ ବାଚିକ ଧ୍ୱନିର ଉତ୍ପତ୍ତି ଓ ଏହାର ଉଚ୍ଚାରଣରେ ବାଗ୍‌ଯନ୍ତ୍ରର ବିଭିନ୍ନ ଅବୟବର ଭୂମିକାକୁ ସ୍ପଷ୍ଟରୂପେ ଜାଣିପାରିଲେ ଜଣେ ଶିକ୍ଷାର୍ଥୀ ଆଗକୁ ଧ୍ୱନି ବ୍ୟବସ୍ଥା, ଧ୍ୱନିତତ୍ତ୍ୱ ଓ ଧ୍ୱନିବିଚାର ସଂପର୍କରେ ବିସ୍ତୃତ ଜ୍ଞାନ ଆହରଣ କରିପାରିବେ ।

ଅନୁରୂପଭାବେ ଧ୍ୱନି ସଂଚରଣ ସଂପର୍କରେ ବୈଜ୍ଞାନିକ ନ୍ୟୁଟନ୍ ଯେଉଁ ମତ ପ୍ରକାଶ କରିଥିଲେ, ତାହା ଆଜିବି ସର୍ବଗ୍ରାହ୍ୟ । ବାୟୁକଣିକାରେ ଉତ୍ପନ୍ନ କମ୍ପନ ଧ୍ୱନିର ଉତ୍ପାଦକ ନୁହେଁ, କାରଣ ତାଙ୍କ ମତରେ ଅଣୁ ଭିତରେ ବି ଗତି ରହିଛି । ସ୍ୱରତନ୍ତ୍ରୀରୁ ଉତ୍ପନ୍ନ ହେଉଥିବା କମ୍ପନ ଯେତେବେଳେ ବାୟୁର ସଂସ୍ପର୍ଶରେ ଆସେ, ସେତେବେଳେ ବାୟୁକଣିକାରେ ବି ଅନୁରୂପ କମ୍ପନ ଉତ୍ପନ୍ନ ହୋଇଥାଏ ।ପୁନଃ ଏହି କମ୍ପନ ନିକଟସ୍ଥ କଣିକାକୁ ପ୍ରଭାବିତ କରିଥାଏ, ଓ ଏଥିରୁ ଧ୍ୱନି ସଂଚରିତ ହୁଏ । ତେଣୁ ଧ୍ୱନିର ସଂଚରଣପାଇଁ ମାଧ୍ୟମର ଆବଶ୍ୟକତା ପଡେ ।

## 1. 10 ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର*

(କ) ଶରୀରର ବାଗ୍‌ଯନ୍ତ୍ରସ୍ଥ ଦୁଇଟି ଅଂଶ ମଧ୍ୟରେ ସ୍ପର୍ଶ, ସଂଘର୍ଷ ବା ଅନ୍ୟ ପ୍ରକ୍ରିୟା ହେତୁ ଉଚ୍ଚାରିତ ସ୍ୱନକୁ ବାଚିକ ଧ୍ୱନି ବା ଭାଷିକ ଧ୍ୱନି କୁହାଯାଏ ।ଓଡ଼ିଆ ଭାଷାରେ [ଅ],[ଇ], [କ], [ତ], [ବ],[ଯ], [ମ] ଇତ୍ୟାଦି ଗୋଟିଏ ଗୋଟିଏ ବାଚିକ ଧ୍ୱନି ପଦବାଚ୍ୟ ଅଟନ୍ତି.ଏଗିକ ବାଗ୍‌ଯନ୍ତ୍ରସ୍ଥ ବିଭିନ୍ନ ଅବୟବର ସ୍ୱତନ୍ତ୍ର ପ୍ରଯତ୍ନରୁ ଉତ୍ପନ୍ନ ହୋଇଥାନ୍ତି ।

(ଖ) ସଙ୍କେତ: (1) ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 1.4.1 କୁ ଅଧ୍ୟୟନ କରନ୍ତୁ।

(ଗ) ଗୋଟିଏ ଫୋନିମ୍ ବା ସ୍ୱନିମର ଏହି ଭିନ୍ନଭିନ୍ନ ଉଚ୍ଚାରଣଗତ ରୂପ ହିଁ ଆଲୋଫୋନ୍ ବା ସଂସ୍ୱନ ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2 ର ଉତ୍ତର*

(କ) ସଙ୍କେତ: (1) ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 1.5.1 ଓ 1.5.2. କୁ ଅଧ୍ୟୟନ କରନ୍ତୁ।

(ଖ) ସଙ୍କେତ: (1) ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 1.5.2 ଓ 1.5.3 କୁ ଅଧ୍ୟୟନ କରନ୍ତୁ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 3 ର ଉତ୍ତର*

**(କ)** ଭାଷଣ ସମୟରେ ଜିହ୍ୱା ଆଗକୁ ପଛକୁ ଗତିକରି ବା ବିଭିନ୍ନ ଅବସ୍ଥାରେ ବିଭିନ୍ନ ଆକୃତି ଧାରଣ କରି ଧ୍ୱନି ଉତ୍ପାଦନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭୂମିକା ଗ୍ରହଣ କରେ । ଧ୍ୱନିର ଉଚ୍ଚାରଣରେ ଜିହ୍ୱାର ଉପଯୋଗିତା ଦୃଷ୍ଟିରୁ ସଂପୂର୍ଣ୍ଣ ଜିହ୍ୱାକୁ ଜିହ୍ୱାଗ୍ର, ଜିହ୍ୱାଫଳକ, ଜିହ୍ୱାମଧ୍ୟ, ଜିହ୍ୱାପଶ୍ଚାତ୍ ଭାବରେ ଚାରି ଭାଗରେ ବିଭକ୍ତ କରାଯାଇଛି। ସଙ୍କେତ: ଅଧିକ ବିବରଣୀ ପାଇଁ ବିଭାଗ 1.6.2କୁ ଅନୁସରଣ କରନ୍ତୁ ।

(ଖ) ଧ୍ୱନି ଉଚ୍ଚାରଣରେ କେତେବେଳେ ଗୋଟିଏ ଓଷ୍ଠ ତ ଆଉ କେତେବେଳେ ଉଭୟ ଓଷ୍ଠ ବ୍ୟବହୃତ ହୋଇଥାଏ। ଓଡ଼ିଆ ଭାଷାରୁ ପ, ବ, ମ ଭଳି ବା ଇଂରାଜୀ ଭାଷାରୁ p, b, m ଭଳି ଧ୍ୱନିର ଉଚ୍ଚାରଣରେ ଓଷ୍ଠହିଁ ପ୍ରଧାନ ଉଚ୍ଚାରକର ଭୂମିକା ଗ୍ରହଣ କରିଥାଏ।

## 1.11 ସହାୟକ ପୁସ୍ତକାବଳୀ


- ଧଳ, ଗୋଲୋକ ବିହାରୀ, 'ଭାଷାଶାସ୍ତ୍ର ପରିଚୟ', ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- ସାହୁ, ପ୍ରଫେସର ବାସୁଦେବ, 'ଭାଷାବିଜ୍ଞାନର ରୂପରେଖ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ସପ୍ତମ ପ୍ରକାଶ 2005
- Ladefoged Peter, 'Vowels and Consonants (An Introduction to the sound of languages)', Blackwell, USA, 2001
- Boersma, Paul, 'Sound Change in Functional Phonology' University of Amsterdam, The Netherlands, December 22, 1997


## 1.12 ପାରିଭାଷିକ ଶବ୍ଦାବଳୀ

- ଧ୍ୱନିବିଜ୍ଞାନ (Phonology): ଭାଷିକ ଧ୍ୱନିର ବୈଜ୍ଞାନିକ ବିଚାର ସମ୍ବଳିତ ଅଧ୍ୟୟନ
- ସ୍ୱରବର୍ଣ୍ଣ (Vowel):ଓଡ଼ିଆରେ 'ଅ, ଆ, ଇ, ଉ' ଇତ୍ୟାଦି ଓ ଇଂରାଜୀରେ 'a, e, I, o, u' ଇତ୍ୟାଦି
- ବାଗ୍‌ଯନ୍ତ୍ର: ଉଚ୍ଚାରଣ ଯନ୍ତ୍ର ବା ଉଚ୍ଚାରଣ ପାଇଁ ବ୍ୟବହୃତ ଫୁସଫୁସ, ଶ୍ୱାସନଳୀ ଓ ମୁଖରନ୍ଧ୍ର ଅବୟବର ସମାହାର

## 1.13 କେତେକ ଆଦର୍ଶ ପ୍ରଶ୍ନ

(କ) ଉଚ୍ଚାରଣର ସ୍ଥାନ ଓ ପ୍ରକାର ଦୃଷ୍ଟିରୁ ଓଡ଼ିଆ ବ୍ୟଞ୍ଜନଧ୍ୱନିର କିପରି ବର୍ଗୀକରଣ କରାଯାଇପାରିବ ତାହାର ଏକ ଚାର୍ଟ ପ୍ରସ୍ତୁତ କରି ସେହି ଧ୍ୱନିଗୁଡ଼ିକର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର।

(ଖ) ବାଗ୍‌ଯନ୍ତ୍ର ପ୍ରତ୍ୟେକ ଅଂଶକୁ ସଚୀତ୍ର ଉପସ୍ଥାପନ କର ।

(ଗ) ଧ୍ୱନି ଉଚ୍ଚାରଣରେ ବିଭିନ୍ନ ଅବୟବର ଭୂମିକା ନିର୍ଦ୍ଧାରଣ କର ।

# ଦ୍ୱିତୀୟ ଏକକ : ଭାଷିକ ଧ୍ୱନିର ପରିଚୟ

**ବିଷୟର ଗଠନ**

2.1 ପଠନର ଉଦ୍ଦେଶ୍ୟ
2.2 ବିଷୟ ପରିଚୟ
2.3 ଭାଷିକ ଧ୍ୱନିର ବର୍ଗୀକରଣ
2.4 ସ୍ୱର ଚତୁର୍ଭୁଜ (vowel quadrilateral)
2.5 ମୌଳିକ ସ୍ୱରଧ୍ୱନି ବା ମାନ ସ୍ୱରଧ୍ୱନି (Cardinal Vowel)
2.6 ଓଡ଼ିଆ ସ୍ୱରଧ୍ୱନିର ପରିଚୟ
2.7 ବ୍ୟଞ୍ଜନଧ୍ୱନିର ବର୍ଗୀକରଣ
2.8 ଓଡ଼ିଆ ବ୍ୟଞ୍ଜନଧ୍ୱନିର ପରିଚୟ
2.9 ବିଷୟବସ୍ତୁର ସାରମର୍ମ
2.10 ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା
2.11 ସହାୟକ ପୁସ୍ତକାବଳୀ
2.12 ପାରିଭାଷିକ ଶବ୍ଦାବଳୀ
2.13 କେତେକ ଆଦର୍ଶ ପ୍ରଶ୍ନ

## 2.1 ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଭାଷିକ ଧ୍ୱନିର ବର୍ଗୀକରଣ କରିବା, ଓଡ଼ିଆ ଭାଷିକଧ୍ୱନିର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କରିବା ଓ ସେଗୁଡ଼ିକର ଉଚ୍ଚାରଣ ବିଧି ସଂପର୍କରେ ଜ୍ଞାନ ଆହରଣ କରିବା । ତେଣୁ ଏହି ଏକକରେ ଆପଣ ଶିକ୍ଷା କରିବାକୁ ଯାଉଛନ୍ତି ଭାଷିକ ଧ୍ୱନିଗୁଡ଼ିକର ବର୍ଗୀକରଣ ଓ ସେଗୁଡ଼ିକର ଉଚ୍ଚାରଣ ବେଳେ ବିଭିନ୍ନ ଭାଷିକ ଅବୟବର ସ୍ଥିତି ଓ ବୈଶିଷ୍ଟ୍ୟ ;

- ଓଡ଼ିଆ ସ୍ୱରଧ୍ୱନି ଓ ବ୍ୟଞ୍ଜନଧ୍ୱନିର ପରିଚୟ ଓ ସେଗୁଡ଼ିକର ବର୍ଗୀକରଣ ;
- ତଥା ଓଡ଼ିଆ ଭାଷା ଶିକ୍ଷାରେ ଓଡ଼ିଆ ବାଚିକ ଧ୍ୱନିଗୁଡ଼ିକର ସଠିକ୍ ଉଚ୍ଚାରଣର ବିଧି ଓ ତାହାର ପ୍ରଯତ୍ନ ପ୍ରକ୍ରିୟା।

## 2.2 ବିଷୟ ପରିଚୟ

ଏହି ଏକକରେ, ମୁଁ ଭାଷିକ ଧ୍ୱନିର ବର୍ଗୀକରଣ ପ୍ରକ୍ରିୟା ଓ ଓଡ଼ିଆ ସ୍ୱର ଓ ବ୍ୟଞ୍ଜନ ଧ୍ୱନିଗୁଡ଼ିକର ପରିଚୟ ସମ୍ପର୍କରେ ଆଲୋଚନା କରିବାକୁ ଯାଉଛି । ଧ୍ୱନି ବିନା ଶବ୍ଦ, ପଦ ବା ବାକ୍ୟ କାହାରି କଳ୍ପନା ବି କରାଯାଇପାରିବ ନାହିଁ । ଉଚ୍ଚାରଣ ଦୃଷ୍ଟିରୁ ଭାଷାର ଲଘୁତମ ଏକକ ହେଉଛି ଧ୍ୱନି ଓ ସାର୍ଥକତା ଦୃଷ୍ଟିରୁ ଶବ୍ଦ । ଧ୍ୱନିବିଜ୍ଞାନ ବା ସ୍ୱନିମବିଜ୍ଞାନକୁ ଧ୍ୱନିଗୁଡ଼ିକର ଉତ୍ପାଦନ, ସଂଚାରଣ ଓ ଗ୍ରହଣ ଆଧାରରେ ତିନିଭାଗରେ ବିଭକ୍ତ କରାଯାଇଛି ।

ଯଥା 1. ଉଚ୍ଚାରିକ ଧ୍ୱନିବିଜ୍ଞାନ (Articuletory Phonetics), ଭୌତିକ ଧ୍ୱନିବିଜ୍ଞାନ (Acoustic Phonetics)ଓ ଶ୍ରୋତୀୟ ଧ୍ୱନିବିଜ୍ଞାନ (Auditory Phonetics)। ଏଥିରୁ ଧ୍ୱନି ସଂରଚନା ବିଷୟ ଉଚ୍ଚାରିତ ଧ୍ୱନିବିଜ୍ଞାନର ଅନ୍ତର୍ଗତ ହୋଇଥାଏ । ଧ୍ୱନିର ସବୁଠୁଁ ଅଧିକ ପ୍ରଚଳିତ ଓ ପ୍ରାଚୀନ ବିଭାଜନ ସ୍ୱର ଓ ବ୍ୟଞ୍ଜନ ରୂପେ ମିଳିଥାଏ । ସ୍ୱର ଧ୍ୱନି ସ୍ୱତନ୍ତ୍ର ହୋଇଥିବାବେଳେ, ବ୍ୟଞ୍ଜନ ଧ୍ୱନି ସ୍ୱରଧ୍ୱନି ଉପରେ ନିର୍ଭର କରିଥାଏ । ତେବେ ବିଶ୍ୱରେ ଏପରି କିଛି ଭାଷା ଅଛି (ଦକ୍ଷିଣ ଆଫ୍ରିକୀୟ ବାଣ୍ଟୁ) ଯେଉଁଥିରେ ସ୍ୱର ବିନା ବ୍ୟଞ୍ଜନରେ ଉଚ୍ଚାରିତ ହୋଇଥାଏ, ତେଣୁ ଉପରୋକ୍ତ ପରିଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ସଂସ୍କୃତ ଆଦି ଭାରତୀୟ ଭାଷାପାଇଁ ପ୍ରଯୁଜ୍ୟ ହେଲେବି ବିଶ୍ୱର ସବୁଭାଷା ପାଇଁ ନୁହେଁ । କୌଣସ ସ୍ୱରର ଉଚ୍ଚାରଣରେ ଲାଗୁଥିବା ସମୟକୁ ସଂସ୍କୃତରେ ମାତ୍ରା କୁହାଯାଏ  ଏହି ଆଧାରରେ ସଂସ୍କୃତରେ ମାତ୍ରାର ଆଧାରରେ ସ୍ୱର କୁ ତିନି ଭାଗରେ ବିଭକ୍ତ କରାଯାଇଛି, ଯଥା ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ । ଏହିସବୁ ଦୃଷ୍ଟିରୁ ଭାଷିକ ଧ୍ୱନିର ବର୍ଗୀକରଣ ସମ୍ବନ୍ଧରେ ଜ୍ଞାନ ଲାଭ କରିବାର ଆବଶ୍ୟକତା ରହିଛି।

## 2.3 ଭାଷିକ ଧ୍ୱନିର ବର୍ଗୀକରଣ

ଭାଷିକ ଧ୍ୱନିର ସର୍ବାଧିକ ପ୍ରଚଳିତ ତଥା ଲୋକପ୍ରିୟ ବର୍ଗୀକରଣ ହେଉଛି ସ୍ୱର ଓ ବ୍ୟଞ୍ଜନ। ଯେଉଁ ଧ୍ୱନି ବାଗ୍‌ଯନ୍ତ୍ରରେ ଉଚ୍ଚାରିତ ହେବାବେଳେ ବାୟୁମାର୍ଗ ଖୋଲାରହି ବାୟୁ କୌଣସି ସ୍ଥାନରେ ବାଧାପ୍ରାପ୍ତ ନହୋଇ ବା ବାୟୁମାର୍ଗ ସଂକୀର୍ଣ୍ଣ ନକରି ବହିର୍ମୁଖୀ ହୋଇ ଉଚ୍ଚାରିତ ହୁଏ ତାହାକୁ ସ୍ୱରଧ୍ୱନି କୁହାଯାଏ। ସ୍ୱରଧ୍ୱନି ଅନ୍ୟଧ୍ୱନିର ସହାୟତା ବିନା ଉଚ୍ଚାରିତ ହୋଇଥାଏ। ସ୍ୱର ସଂପର୍କରେ 'ନାଟ୍ୟ ରତ୍ନାକର' କୁହେ –

ସ୍ୱୟଂ ଯୋ ରାଜତେ ନାଦଃ ସ ସ୍ୱରଃ ପରିକୀର୍ତ୍ତିତଃ|

ସୋଽପି ସପ୍ତସ୍ୱରସ୍ତଜଜ୍ଞୈଃପ୍ରୋକ୍ତଃ ଷଡ୍ ଜାଦି ଭେଦତଃ||

ଅର୍ଥାତ୍ ଯେଉଁ ନାଦ ନିଜେ ପ୍ରକାଶିତ ହୁଏ, ତାହାକୁ ସ୍ୱର କୁହାଯାଏ।

ଅନ୍ୟ ପଟରେ ଯେଉଁ ଭାଷିକ ଧ୍ୱନି ସ୍ୱରଧ୍ୱନିର ସହାୟତାରେ ଉଚ୍ଚାରିତ ହୋଇଥାଏ ତାହାକୁ ବ୍ୟଞ୍ଜନଧ୍ୱନି କୁହାଯାଏ। ପତଞ୍ଜଳି ତାଙ୍କର 'ମହାଭାଷ୍ୟ'ରେ ସ୍ୱର ଓ ବ୍ୟଞ୍ଜନର ସଂଜ୍ଞା ନିର୍ଣ୍ଣୟ କରି କହିଛନ୍ତି – "ସ୍ୱୟଂ ରାଜନ୍ତେ ସ୍ୱରା ଅନ୍ୱଗ୍ ଭବତି ବ୍ୟଞ୍ଜନମିତି"।

ତେବେ ଆଧୁନିକ ଭାଷାବିଜ୍ଞାନ ଭାଷିକ ଧ୍ୱନି ଉଚ୍ଚାରଣର ସ୍ଥାନ, ଜିହ୍ୱାର ସ୍ଥିତି, ଓଷ୍ଠ ଦ୍ୱୟର ଅବସ୍ଥିତି, ଭାଷିକ ଅବୟବଗୁଡ଼ିକ ମଧ୍ୟରେ ସ୍ପର୍ଶ, ନିର୍ଗତ ବାୟୁର ସଂଘାତ ଇତ୍ୟାଦି ଉପରେ ନିର୍ଭର କରୁଥିବାରୁ ଏହାକୁ ବିଭିନ୍ନ ଭାବରେ ବିଭକ୍ତ ବା ବର୍ଗୀକରଣ କରାଯାଇପାରେ। ବୋଧଗମ୍ୟତା ଦୃଷ୍ଟିରୁ ଏହି ବିଭାଗୀକରଣ ପର୍ଯ୍ୟାୟକୁ ନିମ୍ନଲିଖିତ ଭାବରେ ସୂଚିତ କରାଯାଉଛି।

ପୃଥିବୀର ପ୍ରାୟତଃ ସମସ୍ତ ଭାଷାରେ ପାଖାପାଖି ସମସ୍ତ ସିଲେବଲରେ ଗୋଟିଏ ଗୋଟିଏ ସ୍ୱରଧ୍ୱନି ରହିଛି। ସ୍ୱର ଧ୍ୱନିଗୁଡ଼ିକ ସଘୋଷ ଧ୍ୱନି ଅଟନ୍ତି। ଯେକୌଣସି ସ୍ୱରଧ୍ୱନିର ଉଚ୍ଚାରଣ ପ୍ରଧାନତଃ ଜିହ୍ୱା ଓ ଓଷ୍ଠ ଉପରେ ନିର୍ଭର କରିଥାନ୍ତି। ସ୍ୱରଧ୍ୱନିର ଉଚ୍ଚାରଣକୁ ବିଚାରକୁ ନେବାବେଳେ ଜିହ୍ୱାର ପ୍ରକାର୍ଯ୍ୟ, ଉଚ୍ଚତା ସହିତ ଓଷ୍ଠଦ୍ୱୟର ଅବସ୍ଥିତିକୁ




ବିଚାରକୁ ନେବାକୁ ପଡିଥାଏ। ଏହି ଦୃଷ୍ଟିରୁ ଜିହ୍ୱା ଓ ଓଷ୍ଠକୁ ନେଇ ଉଚ୍ଚାରିତ ହେଉଥିବା ସ୍ୱରଧ୍ୱନି ପ୍ରଧାନ ସ୍ୱରଧ୍ୱନି ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ବାଗ୍‌ଯନ୍ତ୍ରର ଅନ୍ୟାନ୍ୟ ଅବୟବ ଯଦି ଏହି ସ୍ୱରଧ୍ୱନିର ଉଚ୍ଚାରଣରେ ବ୍ୟବହୃତ ହୋଇଥାନ୍ତି, ତେବେ ସେଗୁଡ଼ିକୁ ଆମେ ଅପ୍ରଧାନ ବର୍ଗୀକରଣର ଅନ୍ତର୍ଭୁକ୍ତ କରିପାରିବା।

## 2.3.1 ସ୍ୱରଧ୍ୱନିର ପ୍ରଧାନ ବର୍ଗୀକରଣ

### 2.3.1.1 ଜିହ୍ୱାର ପ୍ରକାର୍ଯ୍ୟ ଦୃଷ୍ଟିରୁ

ଜିହ୍ୱାର ବିଭିନ୍ନ ଅଂଶର ପ୍ରକାର୍ଯ୍ୟ ଦୃଷ୍ଟିରୁ ସ୍ୱରଧ୍ୱନିକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ସେହି ବିଭାଗଗୁଡ଼ିକ ହେଉଛନ୍ତି (କ) ଅଗ୍ରସ୍ୱର (Front vowel), (ଖ) ପଶ୍ଚାତ୍ ସ୍ୱର (Back Vowel), ଓ (ଗ) କେନ୍ଦ୍ରୀୟସ୍ୱର (Mid Vowel)। ଜିହ୍ୱାର ପ୍ରକାର୍ଯ୍ୟ କହିଲେ ଏଠାରେ ଆମେ ଜିହ୍ୱାର ଆଗକୁ ବା ପଛକୁ ଗତି ସହିତ ସ୍ୱରଧ୍ୱନିର ଉଚ୍ଚାରଣରେ ଜିହ୍ୱାର କେଉଁ ଅଂଶ ଉଚ୍ଚତମ ସ୍ତରରେ ରହିଛି ତାହାକୁ ବୁଝିଥାଉ।

ଅଗ୍ରସ୍ୱରର ଉଚ୍ଚାରଣବେଳେ ଜିହ୍ୱାଟି ଆଗକୁ ଲମ୍ୱିଯାଏ। ଇଂରାଜୀ ଭାଷାର '[i]'ସ୍ୱରଧ୍ୱନିକୁ ଜିହ୍ୱାକୁ ମୂର୍ଦ୍ଧା ଆଡ଼କୁ ପ୍ରସାରିତ କରି ଉଚ୍ଚାରଣ କରାଯାଇଥାଏ। ଆମ ଓଡ଼ିଆ ଭାଷାରୁ ଇ, ଏ ଆଦି ଅଗ୍ରସ୍ୱର ଅଟନ୍ତି।

ପଶ୍ଚାତ୍ ସ୍ୱରର ଉଚ୍ଚାରଣବେଳେ ଜିହ୍ୱାଟି ପଛଆଡ଼କୁ ଟାଣି ହୋଇଯାଏ। ଇଂରାଜୀ ଭାଷାର '[u]'ସ୍ୱରଧ୍ୱନିକୁ ଜିହ୍ୱାକୁ କୋମଳତାଳୁ ଆଡ଼କୁ ପ୍ରସାରିତ କରି ଉଚ୍ଚାରଣ କରାଯାଇଥାଏ। ଓଡ଼ିଆ ଭାଷାରୁ ଉ, ଓ ଆଦି ପଶ୍ଚାତ୍ ସ୍ୱର ଅଟନ୍ତି।

କେନ୍ଦ୍ରୀୟ ସ୍ୱରର ଉଚ୍ଚାରଣ ବେଳେ ଜିହ୍ୱା କେନ୍ଦ୍ର ଉପରକୁ ଉଠିଯାଏ। ଇଂରାଜୀ ଭାଷାରୁ about ଶବ୍ଦର ପ୍ରଥମ ସିଲେବଲର ଉଚ୍ଚାରଣ ଏହି କେନ୍ଦ୍ରୀୟ ସ୍ୱର ହେତୁ ସମ୍ଭବ ହୋଇଥାଏ। ଓଡ଼ିଆ ଭାଷାରୁ ଅ  କେନ୍ଦ୍ରୀୟ ସ୍ୱରର ଅନ୍ତର୍ଭୁକ୍ତ ଅଟେ।

## 2.3.1.2 ଜିହ୍ୱାର ଉତ୍ତୋଳନ ଦୃଷ୍ଟିରୁ

ଜିହ୍ୱାର ଉତ୍ତୋଳନ ଜିହ୍ୱାର ଉଚ୍ଚତମ ସ୍ତର ଓ ମୁଖବିବରର ଉପର ଅଂଶ ମଧ୍ୟରେ ଥିବା ସମ୍ବନ୍ଧ ସହିତ ସଂଶ୍ଳିଷ୍ଟ। ଜିହ୍ୱାର ଉତ୍ତୋଳନ ଦୃଷ୍ଟିରୁ ସ୍ୱରଧ୍ୱନିଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ, ଯଥା: (କ) ସଂବୃତ, (ଖ) ବିବୃତ, (ଗ) ଅର୍ଦ୍ଧସଂବୃତ, (ଘ) ଅର୍ଦ୍ଧବିବୃତ ।

ସଂବୃତ ସ୍ୱରର ଉଚ୍ଚାରଣ ବେଳେ ଜିହ୍ୱାର କିଛି ଅଂଶ ଉପରକୁ ଉପରକୁ ଉତ୍ତୋଳିତ ହୋଇଯାଇ ମୁଖବିବର ଅଧିକ ସଂବୃତ ବା ସଂକୁଚିତ ହୋଇଯାଏ। ଇଂରାଜୀ ଭାଷାର '[i]'ସ୍ୱରଧ୍ୱନିର ଉଚ୍ଚାରଣ ବେଳେ ଜିହ୍ୱା ମୂର୍ଦ୍ଧାର ଦିଗରେ ଉତ୍ତୋଳିତ ହୋଇଥାଏ। ଓଡ଼ିଆର 'ଇ, ଉ' ସଂବୃତ ସ୍ୱରର ଅନ୍ତର୍ଭୁକ୍ତ।

ବିବୃତ ସ୍ୱରର ଉଚ୍ଚାରଣ ବେଳେ ଜିହ୍ୱାର କିଛି ଅଂଶ ଅଳ୍ପ ଉପରକୁ ଉତ୍ତୋଳିତ ହୋଇଥାଏ। ମୁଖବିବର ଓ ତାଳୁ ଭିତରେ ଅଧିକ ଫାଙ୍କ ରହି ଖୋଲି ହୋଇଯାଏ। ଇଂରାଜୀ ଭାଷାର '[a]' କୁ ବିବୃତ ସ୍ୱରଧ୍ୱନିର ଅନ୍ତର୍ଭୁକ୍ତ କରାଯାଇପାରେ। ଓଡ଼ିଆର 'ଅ, ଆ' ବିବୃତ ସ୍ୱରର ଅନ୍ତର୍ଭୁକ୍ତ ।

ଅର୍ଦ୍ଧସଂବୃତ ସ୍ୱରର ଉଚ୍ଚାରଣ ବେଳେ ଜିହ୍ୱା ଅଳ୍ପ ଉପରକୁ ଅତ୍ତୋଳିତ ହୋଇଥାଏ ଓ ମୁଖବିବର ଅଧା ସଂକୁଚିତ ରହିଥାଏ। ଇଂରାଜୀ ଭାଷାର 'dress' ଶବ୍ଦକୁ ଉଚ୍ଚାରଣ କଲାବେଳେ ଏହି ଅର୍ଦ୍ଧସଂବୃତ ସ୍ୱରଧ୍ୱନିର ଉଚ୍ଚାରିତ ହୋଇଥାଏ। ଓଡ଼ିଆର 'ଏ, ଓ' ଅର୍ଦ୍ଧସଂବୃତ ସ୍ୱରର ଅନ୍ତର୍ଭୁକ୍ତ ଅଟନ୍ତି ।

ଅର୍ଦ୍ଧବିବୃତ ସ୍ୱରର ଉଚ୍ଚାରଣ ବେଳେ ଜିହ୍ୱା ଅଳ୍ପ ଉପରକୁ ଉତ୍ତୋଳିତ ହୋଇଥାଏ ଓ ମୁଖବିବର ଅଧା ଖୋଲା ରହିଥାଏ। ଓଡ଼ିଆର 'ଏ, ଓ' ଅର୍ଦ୍ଧବିବୃତ ସ୍ୱରର ଅନ୍ତର୍ଭୁକ୍ତ ଅଟନ୍ତି।

## 2.3.1.3 ଓଷ୍ଠଦ୍ୱୟର ଅବସ୍ଥିତି ଦୃଷ୍ଟିରୁ

ସ୍ୱରଧ୍ୱନିର ବୈଶିଷ୍ଟ୍ୟକୁ ନିୟନ୍ତ୍ରଣ କରିବାରେ ଓଷ୍ଠ ହେଉଛି ତୃତୀୟ କାରଣ। ଓଷ୍ଠଦ୍ୱୟର ଅବସ୍ଥାନ ଦୃଷ୍ଟିରୁ ସ୍ୱରମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ, ଯଥା – ଗୋଲାକୃତ ଓ ଅଗୋଲାକୃତ । ଓଡ଼ିଆରେ 'ଉ, ଓ' ଉଚ୍ଚାରଣ କଲାବେଳେ ଓଷ୍ଠ ଗୋଲାକୃତ ହୋଇଥାଏ; ଆ, ଏ ପାଇଁ ଗୋଲାକୃତ ନହୋଇ ଅଧିକ ବିସ୍ତୃତ ହୋଇଥାଏ।  କିନ୍ତୁ ଅ ଉଚ୍ଚାରଣ ବେଳେ ଓଷ୍ଠଦ୍ୱୟ ଅଳ୍ପ ଗୋଲାକାର ହୋଇଥାନ୍ତି।

## 2.3.2. ସ୍ୱରଧ୍ୱନିର ଅପ୍ରଧାନ ବର୍ଗୀକରଣ

ସ୍ୱରଧ୍ୱନିକୁ ସାଧାରଣତଃ ଓଷ୍ଠ ଓ ଜିହ୍ୱା ଉପରେ ବିଚାର କରି ବିଭକ୍ତ କରାଯାଇଥିଲେ ମଧ୍ୟ ଉଚ୍ଚାରଣ ସମୟରେ ବାଗ୍‌ଯନ୍ତ୍ରର ଅନ୍ୟାନ୍ୟ ଅବୟବର ପ୍ରଭାବରେ ଆଉ କେତୋଟି ପ୍ରକାରର ସ୍ୱରଧ୍ୱନିକୁ ବିଚାରକୁ ନିଆଯାଇପାରେ., ଯଥା-

### 2.3.2.1 ଅନୁନାସିକ୍ୟ ସ୍ୱର

ଯେଉଁ ସ୍ୱରଧ୍ୱନିର ଉଚ୍ଚାରଣ ସମୟରେ କୋମଳ ତାଳୁ ତଳକୁ ଓହଳି ରହିବା ଫଳରେ ବାୟୁ ପ୍ରବାହର କିଛି ଅଂଶ ନାସାରନ୍ଧ୍ର ଦେଇ ବାହାରକୁ ବାହାରିଆସେ, ତାହାକୁ ଅନୁନାସିକ୍ୟ ସ୍ୱରଧ୍ୱନି କୁହାଯାଏ, ଯଥା – ଅଁ, ଆଁ, ଇଁ, ଉଁ, ଏଁ, ଓଁ ଇତ୍ୟାଦି। ତେବେ ଅନୁନାସିକ୍ୟ ସ୍ୱରଧ୍ୱନି ସାଧାରଣତଃ କୋମଳ ଭାବେ ଉଚ୍ଚାରିତ ହୋଇଥାନ୍ତି।

### 2.3.2.2 ମୂର୍ଦ୍ଧଣ୍ୟ ସ୍ୱର

ଜିହ୍ୱାଗ୍ରକୁ ମୂର୍ଦ୍ଧା ଆଡକୁ ଟେକି କୌଣସି ସ୍ୱରଧ୍ୱନିର ଉଚ୍ଚାରଣ କରାଗଲେ, ମୂର୍ଦ୍ଧନ୍ୟ ସ୍ୱରଧ୍ୱନି କୁହାଯାଏ। ଆମେରିକୀୟ ଇଂରାଜୀରେ Bird, hurt ଇତ୍ୟାଦି ଭଳି ଶବ୍ଦର ଉଚ୍ଚାରଣବେଳେ ସିଲେବଲରେ ମୂର୍ଦ୍ଧଣ୍ୟ ସ୍ୱରଧ୍ୱନିର ଅବସ୍ଥିତିକୁ ଲକ୍ଷ୍ୟ କରାଯାଇପାରେ।

### 2.3..2.3 ଅଘୋଷ ସ୍ୱର

ଆମେ କୌଣସି ସ୍ୱରଧ୍ୱନିକୁ ଯଦି ଫୁସଫୁସ କରି ଉଚ୍ଚାରିତ କରିଥାଉ, ସେଥିରୁ ଯେଉଁ ସ୍ୱରଧ୍ୱନିର ଉଚ୍ଚାରଣ ହୋଇଥାଏ, ତାହାକୁ ଅଘୋଷ ସ୍ୱରଧ୍ୱନି କୁହାଯାଇପାରେ।

### 2.3.2.4 ଦୃଢ ଓ ଶିଥିଳ ସ୍ୱର

କୌଣସି ସ୍ୱରଧ୍ୱନିର ଉଚ୍ଚାରଣ ବେଳେ ଜିହ୍ୱାର ମାଂସପେଶୀ ଦୃଢ଼ ହୋଇ ରହିଲେ ତାହାକୁ ଦୃଢ଼ ଓ ଶିଥିଳ ହୋଇ ରହିଲେ ତାହାକୁ ଶିଥିଳ ସ୍ୱରଧ୍ୱନି କୁହାଯାଏ। ଫରାସୀ ଭାଷାରୁ sci, ici ଭଳି ଶବ୍ଦରେ ଥିବା 'i' ଏହାର ବିଶେଷ ଉଦାହରଣ । ବ୍ୟଞ୍ଜନଧ୍ୱନି ତୁଳନାରେ, ବହୁ ସ୍ୱରଧ୍ୱନିକୁ ଜୋରରେ ଓ ଦୀର୍ଘ ସମୟ ଧରି ଉଚ୍ଚାରିତ କରିବାକୁ ପଡେ। ଆମ ଓଡ଼ିଆରେ ଏହି ଦୃଷ୍ଟିରୁ ଦୀର୍ଘ ସ୍ୱରଧ୍ୱନିର ଅବସ୍ଥିତି ରହିଛି ।

### 2.3.2.5 ମର୍ମର ସ୍ୱର

ସଘୋଷ ଓ ଅଘୋଷ ସ୍ୱରର ମଧ୍ୟବର୍ତ୍ତୀ ସ୍ଥିତିରେ ଉଚ୍ଚାରିତ ସ୍ୱରଧ୍ୱନିକୁ ମର୍ମର ସ୍ୱରଧ୍ୱନି କୁହାଯାଇଥାଏ। ହିନ୍ଦୀ ଭାଷାରେ 'ୟହ୍, ୱହ୍' ଇତ୍ୟାଦି ଶବ୍ଦରେ 'ହ୍' ଅନୁଚ୍ଚାରିତ ଥିବାବେଳେ, ତାହାର ପୂର୍ବବର୍ତ୍ତୀ ସ୍ୱର ମର୍ମର ସ୍ୱର ହୋଇଯାଏ।

### 2.3.2.6 ଶୁଦ୍ଧସ୍ୱର ଓ ସଂଯୁକ୍ତ ସ୍ୱର

ସ୍ୱରଧ୍ୱନିର ଉଚ୍ଚାରଣ ବେଳେ ଜିହ୍ୱା ଗୋଟିଏ ସ୍ଥାନରେ ରହିଲେ ସେହି ସ୍ୱରଧ୍ୱନିକୁ ଶୁଦ୍ଧ ସ୍ୱରଧ୍ୱନି (Monophothong) କୁହାଯାଇଥାଏ। ଅର୍ଥାତ୍ ଶୁଦ୍ଧସ୍ୱରର ଉଚ୍ଚାରଣର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାଗ୍‌ଯନ୍ତ୍ରରେ କୌଣସି ପରିବର୍ତ୍ତନ ହୁଏନାହିଁ। କିନ୍ତୁ ଉଚ୍ଚାରଣ ବେଳେ ଜିହ୍ୱା ଏକ ସ୍ୱରର ଉଚ୍ଚାରଣରୁ ଅନ୍ୟ ସ୍ୱରର ଉଚ୍ଚାରଣକୁ ଚାଲିଗଲେ ସେହି ସ୍ୱରଧ୍ୱନିକୁ ସଂଯୁକ୍ତ ସ୍ୱରଧ୍ୱନି (Dipthong) କୁହାଯାଏ। ତେଣୁ ସଂଯୁକ୍ତ ସ୍ୱରଧ୍ୱନି ଗୋଟିଏ

ସିଲେବଲ ଭିତରେ ବି ପରିବର୍ତ୍ତିତ ହୋଇଥାନ୍ତି। ଓଡ଼ିଆରେ ଅ, ଓ, ଇ, ଉ , ଏ, ଓ ଆଦିକୁ ମୂଳ ସ୍ୱରଧ୍ୱନି ତଥା 'ଐ, ଔ' କୁ ସଂଯୁକ୍ତ ସ୍ୱରଧ୍ୱନି କୁହାଯାଏ। ସଂଯୁକ୍ତସ୍ୱରକୁ ଧ୍ୱନିବିଜ୍ଞାନରେ ଦୁଇଟି ସଙ୍କେତ ଦ୍ୱାରା ସୂଚୀତ କରାଯାଏ, ଯଥା ଐ [ɔi] ଓ ଔ [ɔu]। ଇଂରାଜୀରେ ୨ ଟି ଓ ଓଡ଼ିଆରେ ପାଞ୍ଚୋଟି ସଂଯୁକ୍ତ ସ୍ୱରଧ୍ୱନି ରହିଛି। ଗୋଟିଏ ମାତ୍ର ସ୍ୱରଧ୍ୱନିର ଉଚ୍ଚାରଣ କଲାବେଳେ ଯେଉଁ ସମୟ ଲାଗେ, ସଂଯୁକ୍ତ ସ୍ୱରଧ୍ୱନିର ଉଚ୍ଚାରଣ କଲାବେଳେ ସେତିକି ସମୟ ଲାଗିଥାଏ। ଓଡ଼ିଆରେ 'ଔଷଧ, ଐରାବତ' ଇତ୍ୟାଦି ଶବ୍ଦ ଏହି ସଂଯୁକ୍ତ ସ୍ୱରଧ୍ୱନିରୁ ସମିଶ୍ରଣରୁ ଉତ୍ପନ୍ନ ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ: 2***

(କ) ଧ୍ୱନି ଉଚ୍ଚାରଣରେ ଜିହ୍ୱାର ଗୁରୁତ୍ୱ ନିର୍ଦ୍ଧାରଣ କର । (30ଟି ଶବ୍ଦରେ)

(ଖ) ସ୍ୱରଧ୍ୱନିର ଅପ୍ରଧାନ ବର୍ଗୀକରଣକୁ ସଂକ୍ଷିପ୍ତରେ ଆଲୋଚନା କଲାବେଳେ ଶୁଦ୍ଧସ୍ୱର ଓ ସଂଯୁକ୍ତସ୍ୱର ମଧ୍ୟରେ ପ୍ରଭେଦ ଦର୍ଶାଅ । (100ଟି ଶବ୍ଦରେ)

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## 2.4 ସ୍ୱର ଚତୁର୍ଭୁଜ (vowel quadrilateral)

ମାନସ୍ୱରକୁ ଇଂରାଜୀରେ 'Cardinal Vowels' କୁହାଯାଏ। ସାଂପ୍ରତିକ ସମୟରେ ମାନସ୍ୱରର ଅଧ୍ୟୟନ ସର୍ବପ୍ରଥମେ 1953 ବେଳକୁ ଜନ ୱଲିସ୍ କରିଥିଲେ । ଏହା ପୂର୍ବରୁ ଉଚ୍ଚାରଣ ସ୍ଥାନର ଆଧାରରେ ହେଲବେଗ୍ 1780 ମସିହାରେ ଉଚ୍ଚାରଣ ସ୍ଥାନର ଆଧାରରେ ସ୍ୱର ତ୍ରିଭୁଜର ପରିକଳ୍ପନା କରିଥିଲେ । ଏହି ସ୍ୱର ତ୍ରିଭୁଜକୁ ପରେ ଦାନିଏଲ୍ ଜୋନ୍‌ସ ସ୍ୱର ଚତୁର୍ଭୁଜ ଆକାରରେ ପ୍ରସ୍ତୁତ କରିଥିଲେ । ଦାନିଏଲ୍ ଜୋନ୍‌ସଙ୍କ ଦ୍ୱାରା ପ୍ରସ୍ତୁତ ଏହି ସ୍ୱର ଚତୁର୍ଭୁଜ ଏବେ ସବୁଠୁଁ ଅଧିକ ଲୋକପ୍ରିୟ ।

ମୁଖଗହ୍ୱର ଭିତରେ ସ୍ୱରର ଉଚ୍ଚାରଣ ପାଇଁ ଜିହ୍ୱା ତାହାର ପହଞ୍ଚୁଥିବା ସର୍ବୋଚ୍ଚ ସୀମା ପର୍ଯ୍ୟନ୍ତ କ୍ଷେତ୍ରଟି ପାଖାପାଖି ନିମ୍ନରେ ପ୍ରଦର୍ଶିତ ଏକ ଚତୁର୍ଭୁଜ କ୍ଷେତ୍ର ବିଶିଷ୍ଟ। ଏହି ଚତୃଭୂଜ ଭିତରେ ଗୋଟିଏ ସ୍ୱରର ବୈଶିଷ୍ଟ୍ୟକୁ ଗୋଟିଏ ବିନ୍ଦୁ ମଧ୍ୟରେ ସୂଚିତ କରାଯାଇଥାଏ। ଅର୍ଥାତ, ଏହି ବିନ୍ଦୁର ଅବସ୍ଥାନରେ ସ୍ୱର x ଜିହ୍ୱାର ଉଚ୍ଚତମ ସ୍ତରରେ ଧ୍ୱନିତ ହେଉଛି। ନିମ୍ନସ୍ଥ ଚିତ୍ରରେ ସୂଚିତ ବିନ୍ଦୁ ଓଡ଼ିଆ ସ୍ୱର [ଏ] କୁ ସୂଚିତ କରୁଛି ଯାହାର ବୈଶିଷ୍ଟ୍ୟ ହେଉଛି ପାଖାପାଖି ଅର୍ଦ୍ଧସଂବୃତ, ଅଗ୍ରାଭିମୁଖୀ କିନ୍ତୁ ସଂପୂର୍ଣ୍ଣ ଆଗକୁ ନୁହେଁ। ଅର୍ଥାତ୍ ଜିହ୍ୱାର ଅବସ୍ଥିତି ଏହାର ଉଚ୍ଚାରଣବେଳେ ପାଟି ଭିତରେ ଓ ଉଭୟ ଓଷ୍ଠର ମଧ୍ୟରେ ରହିଛି। ବହୁ ଭାଷାବୈଜ୍ଞାନିକ ମଧ୍ୟ ଉଚ୍ଚାରଣରେ ଜିହ୍ୱାର ଚାଳନ ଏକ ନିର୍ଦ୍ଦିଷ୍ଟ ବିନ୍ଦୁର ଆରମ୍ଭ ହୋଇ ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ପର୍ଯ୍ୟନ୍ତ ଗତି କରି ଏକ ଅର୍ଦ୍ଧବୃତ୍ତାକାର ପରିଧି ଗଠନ କରୁଥିବାରୁ ଏହାକୁ 'ସ୍ୱର-ତ୍ରିକୋଣ' ମଧ୍ୟ କହିଥାନ୍ତି। ତେବେ ଏହି ସ୍ୱର ଚତୁର୍ଭୁଜ ସ୍ୱରଧ୍ୱନିର ଶ୍ରାବ୍ୟ ସ୍ଥିତିକୁ ଦର୍ଶାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କଲେ ବି ଏକଦମ୍ ସଠିକ୍ ଉଚ୍ଚାରଣକୁ ଦର୍ଶାଇବାରେ ଅକ୍ଷମ ହେଉଛି।




## 2.5 ମୌଳିକ ସ୍ୱରଧ୍ୱନି ବା ମାନ ସ୍ୱରଧ୍ୱନି (Cardinal Vowel)

କୌଣସି ସ୍ୱରଧ୍ୱନିର ଉଚ୍ଚାରଣ ମୁଖ୍ୟତଃ (କ) ଜିହ୍ୱାର ବ୍ୟବହୃତ ଭାଗ, (ଖ) ଜିହ୍ୱାଟି ଉତ୍ତୋଳିତ ହେଉଥିବା ଉଚ୍ଚତା ଓ (ଗ) ଓଷ୍ଠର ଆକାର ଉପରେ ନିର୍ଭର କରିଥାଏ। ଏହି ଦୃଷ୍ଟିରୁ ସର୍ବପ୍ରଥମେ ଲଣ୍ଡନ ବିଶ୍ୱବିଦ୍ୟାଳୟର ଭାଷାତତ୍ତ୍ୱ ପ୍ରଫେସର 'ଦାନିଏଲ ଜୋନସ୍' ଉପରୋକ୍ତ ଏହି ତିନୋଟି ଦିଗକୁ ଆଖିଆଗରେ ରଖି ମୌଳିକ ସ୍ୱରଧ୍ୱନି ବା ମାନ ସ୍ୱରଧ୍ୱନିର ପରିକଳ୍ପନା କରିଥିଲେ। ଏହି ସ୍ୱରଧ୍ୱନିଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଭାଷା ସହିତ ସଂପୃକ୍ତି ନରଖୁଥିଲେ ବି ଏହାକୁ କୌଣସି ଏକ ଭାଷାର ସ୍ୱରଧ୍ୱନିକୁ ବିଶ୍ଳେଷଣ କରିବାବେଳେ ଯେ ମାନାଙ୍କଭାବେ ଗ୍ରହଣ କରାଯାଇପାରିବ ଏହାକୁ ଅସ୍ୱୀକାର କରାଯାଇନପାରେ। ଜିହ୍ୱାର ସାଧାରଣ ଅବସ୍ଥିତିଠାରୁ ସର୍ବୋଚ୍ଚ ଉତ୍ତୋଳନ ପର୍ଯ୍ୟନ୍ତ ଦୂରତାକୁ ସମାନ ସମାନ ଭାବରେ ବିଭକ୍ତ କରି ପ୍ରତି ବିଭାଜିତ ଉଚ୍ଚତାରେ ଜିହ୍ୱାକୁ ରଖି ଉଚ୍ଚାରଣ କଲେ, ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଧ୍ୱନି ଉଚ୍ଚାରିତ ହୋଇଥାଏ। ଯାହାକୁ ଆମେ ସ୍ୱରଧ୍ୱନି କ୍ଷେତ୍ରରେ ଏକ ମାନଦଣ୍ଡ ରୂପେ ଗ୍ରହଣ କରିଛୁ, ତେଣୁ ଏଗୁଡ଼ିକ ମାନସ୍ୱର ରୂପେ ପରିଚିତ।

ଜିହ୍ୱାର ଅବସ୍ଥାନକୁ ଲକ୍ଷ୍ୟକରି ଉଚ୍ଚାରଣର ସ୍ୱାତନ୍ତ୍ର୍ୟ ଅନୁସାରେ ଆଠୋଟି ମୌଳିକ ସ୍ୱରଧ୍ୱନିର ଅନୁସନ୍ଧାନ କରାଯାଇଛି। ସେଗୁଡ଼ିକ ହେଉଛନ୍ତି – ଇ (i), ଏ (e), ଏ¯ (E), ଆ (a), ଅ (a), ଓ (o) ଓ ଓ¯ (ɔ), ଉ (u)। ପୁନଃ ଏହି ମୌଳିକ ସ୍ୱରଧ୍ୱନି ଦୁଇଭାଗରେ ବିଭକ୍ତ, ଅଗ୍ର ଜିହ୍ୱା ସାହାଯ୍ୟରେ ଚାରୋଟି ଓ ପଶ୍ଚ ଜିହ୍ୱା ଅନୁସାରେ ଚାରୋଟି ଧ୍ୱନି ଏହାର ଅନ୍ତର୍ଭୁକ୍ତ। ଇ, ଏ, ଏ¯, ଆ ଅଗ୍ରସ୍ୱରଧ୍ୱନି ହୋଇଥିବାବେଳେ ଅ¯, ଓ¯, ଓ ଅବଂ ଉ ପଶ୍ଚ ସ୍ୱର ଅଟନ୍ତି।

ପୁଣି ପ୍ରତ୍ୟେକ ମାନସ୍ୱରଧ୍ୱନି ଉଚ୍ଚାରଣରେ ହ୍ରସ୍ୱ ଓ ଦୀର୍ଘ ହୋଇପାରନ୍ତି। ଅତଏବ ହ୍ରସ୍ୱ ଓ ଦୀର୍ଘ ଭେଦରେ ଏହି ସ୍ୱରଧ୍ୱନି ସଂଖ୍ୟା ହେଉଛି ,ଷୋହଳ। ସ୍ୱରତ୍ରିକୋଣରେ ଏହି ମାନସ୍ୱର ମାନଙ୍କ ସ୍ଥିତିକୁ ନିମ୍ନରେ ପ୍ରଦର୍ଶନ କରାଯାଇପାରେ।




ଉପରୋକ୍ତ  ସ୍ୱର ଚତୁର୍ଭୁଜରେ ଯେଉଁ ତ୍ରିକୋଣାକାର ସ୍ଥାନ ସୂଚିତ ହୋଇଛି, ସେଠାରେ ଯଦି କୌଣସି ସ୍ୱର ସୂଚିତ ହୁଏ ତାହାକୁ କେନ୍ଦ୍ରୀୟ ସ୍ୱର କୁହାଯାଇପାରେ।

## 2.6 ଓଡ଼ିଆ ସ୍ୱରଧ୍ୱନିର ପରିଚୟ

କୌଣସି ସ୍ୱରଧ୍ୱନିକୁ ଆଲୋଚନା କଲାବେଳେ ନିମ୍ନଲିଖିତ ବୈଶିଷ୍ଟ୍ୟକୁ ଧ୍ୟାନଦେବାକୁ ପଡ଼ିଥାଏ।

(କ) ଜିହ୍ୱାର କେଉଁ ବିଭାଗ ବ୍ୟବହୃତ : ଅଗ୍ର, ପଶ୍ଚ କିମ୍ବା ମଧ୍ୟ

(ଖ) ଜିହ୍ୱାର ଉଚ୍ଚତା : ସଂବୃତ, ଅର୍ଦ୍ଧ ସଂବୃତ, ଅର୍ଦ୍ଧ ବିବୃତ, ବିବୃତ

(ଗ) ଓଷ୍ଠର ସ୍ଥିତି :  ଗୋଲାକୃତ ନା ଅଗୋଲାକୃତ

(ଘ) କୋମଳ ତାଳୁ: ଉପରକୁ ବା ତଳକୁ

(ଙ) ସ୍ୱରତନ୍ତ୍ରୀରେ : କମ୍ପନ ଅଛି ନା ନାହିଁ।

ଏପର୍ଯ୍ୟନ୍ତ ଆଲୋଚିତ ସ୍ୱରଧ୍ୱନିର ସଂଜ୍ଞା ଓ ଉପରୋକ୍ତ ବୈଶିଷ୍ଟ୍ୟର ଆଧାରରେ ନିମ୍ନରେ ଓଡ଼ିଆ ଭାଷାରେ ଥିବା ଆଠଗୋଟି ମୌଳିକ ସ୍ୱରଧ୍ୱନି ଇ (i), ଏ (e), ଏ¯ (E), ଆ (a), ଅ (a), ଓ (o), ଓ¯ (Ɔ), ଉ (u)। ଦୁଇଗୋଟି ସଂଯୁକ୍ତ ସ୍ୱରଧ୍ୱନି(ଐ, ଔ)କୁ ନିମ୍ନରେ ଆଲୋଚନା କରାଗଲା। ଏହା ବ୍ୟତୀତ ଓଡ଼ିଆ ଭାଷାରେ ଅନୁନାସିକତା ସାର୍ଥକ ହୋଇଥିବାରୁ ଇଁ, ଉଁ, ଏଁ ଇତ୍ୟାଦିକୁ ବିଚାର କରାଯାଇପାରେ।

**[ଅ] ସ୍ୱରଧ୍ୱନି:** ଏହି ଧ୍ୱନି ଉଚ୍ଚାରଣରେ ଜିହ୍ୱାର ପଛପଟ ବ୍ୟବହାର ହୋଇଥାଏ। ଓଠ ଦୁଇଟି ଖୋଲା ଓ ଉଦାସୀନ ରହେ କିନ୍ତୁ ସାମାନ୍ୟ ଗୋଲାକୃତ ରହିଥାଏ। ତେଣୁ ଏହା **ପଶ୍ଚ-ଉଦାସୀନ-ଗୋଲାକୃତ-ବିବୃତ ସ୍ୱରଧ୍ୱନି** ଅଟେ। ମାତ୍ର ବହୁ ସମୟରେ ଏହି ଧ୍ୱନି ଉଚ୍ଚାରଣ ବେଳେ ଜିହ୍ୱାକେନ୍ଦ୍ର ଉପରକୁ ଉଠିଯାଉଥିବାରୁ ଏହାକୁ **କେନ୍ଦ୍ରୀୟ ସ୍ୱର** ବି କୁହାଯାଇଥାଏ। ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଏହି ଧ୍ୱନି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

**[ଆ] ସ୍ୱରଧ୍ୱନି**: ଏହି ଧ୍ୱନି ଉଚ୍ଚାରଣ ବେଳେ ଜିଭର ମଧ୍ୟଭାଗ ବ୍ୟବହୃତ ହୁଏ ଓ ଜିହ୍ୱା ତାର ସର୍ବନିମ୍ନ ପ୍ରାକୃତିକ ସ୍ଥିତିରେ ଥିବାରୁ ମୁଖରନ୍ଧ୍ର ସଂପୂର୍ଣ୍ଣ ଉନ୍ମୁକ୍ତ ଥାଏ। ଓଠ ଖୋଲା ଓ ଉଦାସୀନ ରହିଥାନ୍ତି। ତେଣୁ ଏହାକୁ **ମଧ୍ୟ-ଉଦାସୀନ-ବିବୃତ ସ୍ୱରଧ୍ୱନି** କୁହାଯାଏ। ଏହି ଧ୍ୱନି ଶବ୍ଦର ଆଦି, ମଧ୍ୟ ଓ ଅନ୍ତ ସବୁଠାରେ ବ୍ୟବହୃତ ହୋଇଥାଏ।

**[ଇ] ସ୍ୱରଧ୍ୱନି**: ଏହି ଧ୍ୱନି ଉଚ୍ଚାରଣରେ ଜିଭର ଆଗଭାଗ ସାମାନ୍ୟ ଆଗକୁ ଆସି ଉପରକୁ ଉଠେ। ଜିହ୍ୱାର ଉଚ୍ଚତା ସଂବୃତ ଓ ଅର୍ଦ୍ଧସଂବୃତର ମଧ୍ୟବର୍ତ୍ତୀ ସ୍ଥିତିରେ ରହିଥାଏ। ଓଠ ଦୁଇଟି ସାମାନ୍ୟ ଚଉଡା ହୋଇ ଦୁଇପାଖକୁ ଲମ୍ବି ଥିବାରୁ ଅଗୋଲାକୃତ ଓ ବିସ୍ତୃତ ଅବସ୍ଥାରେ ଥାଆନ୍ତି। ତେଣୁ ଏହି ଧ୍ୱନିକୁ **ଅଗ୍ରବିସ୍ତୃତ-ଅଗୋଲାକୃତ-ସଂବୃତ ସ୍ୱରଧ୍ୱନି** କୁହାଯାଏ।

**[ଉ] ସ୍ୱରଧ୍ୱନି**: ଏହି ଧ୍ୱନି ଉଚ୍ଚାରଣ ପାଇଁ ଜିଭର ପଛଭାଗ ଉପରକୁ ଉଠିଯାଇ ଅର୍ଦ୍ଧସଂବୃତର ଟିକିଏ ଉପରକୁ ରହେ। ଓଠ ଦୁଇଟି ଗୋଲାକୃତ ରହିଥାନ୍ତି। ତେଣୁ ଏହି ଧ୍ୱନିକୁ **ପଶ୍ଚ-ଗୋଲାକୃତ-ସଂବୃତ ସ୍ୱରଧ୍ୱନି** କୁହାଯାଏ। ଏହି ଧ୍ୱନି ଓଡ଼ିଆ ଭାଷାରେ ଶବ୍ଦରେ ଆଦ୍ୟ, ମଧ୍ୟ ଓ ଅନ୍ତରେ ବ୍ୟବହୃତ ହୋଇଥାଏ।

**[ଏ] ସ୍ୱରଧ୍ୱନି**: ଏହି ଧ୍ୱନି ଉଚ୍ଚାରଣ ବେଳେ ଜିଭର ଆଗଭାଗ ସାମାନ୍ୟ ଉପରକୁ ଉଠି ଅର୍ଦ୍ଧସଂବୃତ ଓ ଅର୍ଦ୍ଧବିବୃତର ମଧ୍ୟବର୍ତ୍ତୀ ଅବସ୍ଥାରେ ରହେ। ଓଠ ଦୁଇଟି ଖୋଲା ଓ ସାମାନ୍ୟ ବିସ୍ତୃତ ଥାଆନ୍ତି। ତେଣୁ ଏହି ଧ୍ୱନିକୁ **ଅଗ୍ର-ମଧ୍ୟଉଚ୍ଚ-ଅଗୋଲାକୃତ-ଅର୍ଦ୍ଧବିବୃତ-ବିସ୍ତୃତ ସ୍ୱରଧ୍ୱନି** କୁହାଯାଏ। ଏହି ଧ୍ୱନି ଓଡ଼ିଆ ଭାଷାରେ ଶବ୍ଦରେ ଆଦ୍ୟ, ମଧ୍ୟ ଓ ଅନ୍ତ ସବୁଠାରେ ବ୍ୟବହୃତ ହୋଇଥାଏ।

**[ଓ] ସ୍ୱରଧ୍ୱନି**: ଏହି ଧ୍ୱନି ଉଚ୍ଚାରଣ ବେଳେ ଜିଭର ପଛଭାଗ ସାମାନ୍ୟ ଉପରକୁ ଉଠି ଅର୍ଦ୍ଧସଂବୃତ ଓ ଅର୍ଦ୍ଧବିବୃତର ମଧ୍ୟବର୍ତ୍ତୀ ଅବସ୍ଥାରେ ରହେ। ଓଠ ଦୁଇଟି ସାମାନ୍ୟ ଖୋଲା ଓ ଅଧା ଗୋଲାକୃତ ଅବସ୍ଥାରେ ଥାଆନ୍ତି। ତେଣୁ ଏହି ଧ୍ୱନିକୁ **ପଶ୍ଚ-ମଧ୍ୟଉଚ୍ଚ-ଗୋଲାକୃତ-ଅର୍ଦ୍ଧସଂବୃତ ସ୍ୱରଧ୍ୱନି** କୁହାଯାଏ। ଏହି ଧ୍ୱନି ଓଡ଼ିଆ ଭାଷାରେ ଶବ୍ଦରେ ଆଦ୍ୟ, ମଧ୍ୟ ଓ ଅନ୍ତ ସବୁଠାରେ ବ୍ୟବହୃତ ହୋଇଥାଏ।

## 2.6.1. ଓଡ଼ିଆ ସଂଯୁକ୍ତ ସ୍ୱରଧ୍ୱନି

ସଂଯୁକ୍ତ ସ୍ୱରଧ୍ୱନି ଏପିର ଦୁଇଟି ସ୍ୱରଧ୍ୱନିର ମିଶ୍ରିତରୂପ, ଯେଉଁଠି ଉକ୍ତ ସ୍ୱରଧ୍ୱନି ନିଜନିଜର ସ୍ୱତନ୍ତ୍ର ସତ୍ତାକୁ ହରାଇ ଏକରୂପରେ ଓ ଶ୍ୱାସରେ ଗୋଟିଏ ବର୍ଗରେ ହିଁ ଉଚ୍ଚାରିତ ହୋଇଥାନ୍ତି । ଦୁଇଟି ସ୍ୱରର ମିଶ୍ରଣ ହେତୁ ଏହାକୁ ସଂଯୁକ୍ତ ସ୍ୱର କୁହାଯାଇଥାଏ । ଇଂରାଜୀରେ ଏହାକୁ Diphthong କୁହାଯାଏ । ସଂଯୁକ୍ତ ସ୍ୱରକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ପ୍ରଥମିଟି ଆରୋହୀ (Rising) ଓ ଦ୍ୱିତୀୟଟି ଅବରୋହୀ (Falling) । ଆରୋହୀରେ ପ୍ରଥମ ସ୍ୱର ଗୌଣ ଓ ଦ୍ୱିତୀୟଟି ମୁଖ୍ୟ ।ଏହି ପ୍ରାକାର ସ୍ୱରଧ୍ୱନି ଉଚ୍ଚାରଣ ସଂବୃତରୁ ବିବୃତ ଆଡ଼କୁ ହୋଇଥାଏ । ଫରାସୀ ଭାଷାରେ 'oi' ଧ୍ୱନିର ଉଚ୍ଚାରଣରେ ପରବର୍ତ୍ତି ଧ୍ୱନି ଅଧିକ ମୁଖରିତ ହୋଇ ଉଚ୍ଚାରିତ ହୋଇଥାଏ । ଓଡ଼ିଆରେ ଦୁଇଟି ସଂଯୁକ୍ତ ସ୍ୱର ରହିଛି, ଯଥା ଐ ଓ ଔ ।

**[ଐ] ସ୍ୱରଧ୍ୱନି:** ଏହା ଏକ ସଂଯୁକ୍ତ ସ୍ୱରଧ୍ୱନି। ଏହାର ଉଚ୍ଚାରଣ 'ଅ' ଠାରୁ ଆରମ୍ଭ ହୋଇ 'ଇ' ପର୍ଯ୍ୟନ୍ତ ହୁଏ। ଏହାର ଉଚ୍ଚାରଣ ଅଲଗାଭାବେ 'ଅ' ନୁହେଁ କି 'ଇ' ମଧ୍ୟ ନୁହେଁ।

**[ଔ] ସ୍ୱରଧ୍ୱନି:** ଏହା ଏକ ସଂଯୁକ୍ତ ସ୍ୱରଧ୍ୱନି। ଏହାର ଉଚ୍ଚାରଣ 'ଓ' ଠାରୁ ଆରମ୍ଭ ହୋଇ 'ଉ' ପର୍ଯ୍ୟନ୍ତ ହୁଏ। ଏହାର ଉଚ୍ଚାରଣ ଅଲଗାଭାବେ 'ଓ' ନୁହେଁ କି 'ଉ' ମଧ୍ୟ ନୁହେଁ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ: 2***

(କ) ଓଡ଼ିଆ ମୌଳିକ ସ୍ୱରଧ୍ୱନିର ପରିଚୟ ପ୍ରଦାନ କର । (30ଟି ଶବ୍ଦରେ)

(ଖ) ସ୍ୱରଧ୍ୱନିର ବର୍ଗୀକରଣରେ ସ୍ୱରଚତୁର୍ଭୁଜର ଭୂମିକା ନିର୍ଦ୍ଧାରଣ କର । (100ଟି ଶବ୍ଦରେ)

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## 2.7 ବ୍ୟଞ୍ଜନଧ୍ୱନିର ବର୍ଗୀକରଣ

ଯେଉଁ ଧ୍ୱନିର ଉଚ୍ଚାରଣ ବେଳେ ବାୟୁପ୍ରବାହ ବାଗ୍‌ଯନ୍ତ୍ରର କୌଣସି ସ୍ଥାନରେ ଅବରୋଧ ହୋଇ ବାଧା ସୃଷ୍ଟି ହୁଏ, ତାହାକୁ ବ୍ୟଞ୍ଜନଧ୍ୱନି କହନ୍ତି। ଏହି ବାଧା ଦୁଇପ୍ରକାର ହୋଇପାରେ। ଯେପରିକି ବାଗ୍‌ଯନ୍ତ୍ରର କୌଣସି ଦୁଇଟି ଅଂଶ ପରସ୍ପର ସହିତ ମିଳିତ ହୋଇ ବାୟୁକୁ ସଂପୂର୍ଣ୍ଣ ବନ୍ଦ କରିଦେଇପାରନ୍ତି ନଚେତ୍ ପରସ୍ପରର ନିକଟବର୍ତ୍ତୀ ହୋଇ ବାୟୁମାର୍ଗକୁ ଏତେ ସଂକୀର୍ଣ୍ଣ କରିଦିଅନ୍ତି ଯେ, ବାୟୁ ସେହି ସଂକୀର୍ଣ୍ଣ ପଥରେ ଅତିକ୍ରମ କରିବାବେଳେ ସଂଘର୍ଷ ହେତୁ କଂପନ ସୃଷ୍ଟି ହୋଇଥାଏ।

ବ୍ୟଞ୍ଜନଧ୍ୱନିର ବର୍ଗୀକରଣ ବେଳେ ଚାରୋଟି କଥାକୁ ବିଚାରକୁ ନିଆଯାଇଥାଏ। (କ) ବାଗ୍‌ଯନ୍ତ୍ରରେ ଧ୍ୱନିର ଉଚ୍ଚାରଣର ସ୍ଥାନ, (ଖ) ଧ୍ୱନିର ଉଚ୍ଚାରଣର ବିଧି, (ଗ) ଉଚ୍ଚାରଣ ସମୟରେ ସ୍ୱରତନ୍ତ୍ରୀରେ କମ୍ପନ ବା ଘୋଷର ପ୍ରଭାବ, (ଘ) ବ୍ୟବହୃତ ପ୍ରାଣ ଶକ୍ତି।

### 2.7.1 ଉଚ୍ଚାରଣର ସ୍ଥାନ ଦୃଷ୍ଟିରୁ ବ୍ୟଞ୍ଜନଧ୍ୱନିର ବର୍ଗୀକରଣ

ଉଚ୍ଚାରଣର ସ୍ଥାନ (point of articulation) ଦୃଷ୍ଟିରୁ ବିଚାର କଲେ ଓଠ ଠାରୁ କାକଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଧ୍ୱନିକୁ ଉତ୍ପନ୍ନ କରାଯାଇପାରେ।

**(କ) କଣ୍ଠ୍ୟ ଧ୍ୱନି (glottal):** ଜିହ୍ୱାର ପଛଭାଗ ଯେତେବେଳେ ଉପରକୁ ଉଠି କଣ୍ଠ ପାଖରେ କୋମଳ ତାଳୁକୁ ସ୍ପର୍ଶ କରେ, ସେତେବେଳେ କଣ୍ଠ୍ୟ ଧ୍ୱନି ଉଚ୍ଚାରିତ ହୋଇଥାନ୍ତି। ଓଡ଼ିଆ ଭାଷର କ୍, ଖ୍, ଗ୍, ଘ୍, ଙ୍ ହେଉଛି କଣ୍ଠ୍ୟ ଧ୍ୱନି।

**(ଖ) ତାଲବ୍ୟ ଧ୍ୱନି (palatal):** ଜିହ୍ୱାର ଶୀର୍ଷ ବା ମଧ୍ୟଭାଗ ଯେତେବେଳେ ଉପରକୁ ଉଠି କଠିନ ତାଳୁକୁ ସ୍ପର୍ଶ କଲେ ତାଲବ୍ୟ ଧ୍ୱନିର ସୃଷ୍ଟି ହୋଇଥାଏ। ଓଡ଼ିଆ ଭାଷରୁ ଚ୍, ଛ୍,ଜ୍,ଝ୍, ଞ ଆଦି ତାଲବ୍ୟ ଧ୍ୱନିର ଅନ୍ତର୍ଭୁକ୍ତ ଅଟନ୍ତି।

**(ଗ) ମୂର୍ଦ୍ଧନ୍ୟ ଧ୍ୱନି (cerebral):** ଯେତେବେଳେ ଜିହ୍ୱାଶୀର୍ଷ ଉପରକୁ ମୋଡ଼ିହୋଇ ମୂର୍ଦ୍ଧା ବା କଠିନ ତାଳୁର ଉପର ଅଂଶକୁ ସ୍ପର୍ଶ କରେ, ସେତେବେଳେ ମୂର୍ଦ୍ଧନ୍ୟ ଧ୍ୱନିର ସୃଷ୍ଟି ହୋଇଥାଏ। ଏହି ଧ୍ୱନିର ଉଚ୍ଚାରଣରେ ଜିହ୍ୱା ଉପରକୁ ମୋଡ଼ିହୋଇ ମୂର୍ଦ୍ଧାକୁ ସ୍ପର୍ଶ କରିଥାଏ। ଏହାକୁ ଇଂରାଜୀରେ Retroflex ଧ୍ୱନି ବି କୁହାଯାଏ। କାରଣ ଏହା ଉଚ୍ଚାରଣର ସ୍ଥାନ ଅପେକ୍ଷା ବହୁଭାବେ ପ୍ରଯତ୍ନ ଉପରେ ନିର୍ଭର କରିଥାଏ । ଓଡ଼ିଆରେ ଟ୍, ଠ୍, ଡ୍, ଢ୍, ଣ୍ ଇତ୍ୟାଦି ମୂର୍ଦ୍ଧନ୍ୟ ଧ୍ୱନି ଅଟନ୍ତି।

**(ଘ) ଦନ୍ତ୍ୟ ଧ୍ୱନି (Dental):** ଯେତେବେଳେ ଜିହ୍ୱାଶୀର୍ଷ ଉପର ଦାନ୍ତକୁ ଛୁଇଁ ପବନକୁ ଅଟକାଇ ପୁଣି ବାଟ ଛାଡିଦିଅନ୍ତି, ସେତେବେଳେ ଦନ୍ତ୍ୟ ଧ୍ୱନିର ସୃଷ୍ଟି ହୋଇଥାଏ। ଓଡ଼ିଆରେ ତ୍, ଥ୍, ଦ୍, ଧ୍, ନ୍ ଇତ୍ୟାଦି ଦନ୍ତ୍ୟ ଧ୍ୱନି ଅଟନ୍ତି।

**(ଙ) ଓଷ୍ଠ୍ୟ ଧ୍ୱନି (Bilabial):** ଯେତେବେଳେ ଓଷ୍ଠ ଦ୍ୱୟ ପରସ୍ପରକୁ ଛୁଇଁ ପବନକୁ ଅଟକାଇ ପୁଣି ବାଟ ଛାଡିଦିଅନ୍ତି, ସେତେବେଳେ ଓଷ୍ଠ୍ୟ ଧ୍ୱନିର ସୃଷ୍ଟି ହୋଇଥାଏ। ଓଡ଼ିଆରେ ପ୍, ଫ୍, ବ୍, ଭ୍, ମ୍ ଇତ୍ୟାଦି ଓଷ୍ଠ୍ୟ ଧ୍ୱନି ଅଟନ୍ତି।

## 2.7.2 ଉଚ୍ଚାରଣର ବିଧି (Manner of articulation) ଦୃଷ୍ଟିରୁ ବ୍ୟଞ୍ଜନ ଧ୍ୱନିର ବର୍ଗୀକରଣ

ସଂସ୍କୃତର "ସିଦ୍ଧାନ୍ତ କୌମୁଦି"ରେ ବାହ୍ୟ ପ୍ରଯତ୍ନ ଦୃଷ୍ଟିରୁ ବ୍ୟଞ୍ଜନ ଧ୍ୱନିକୁ 11 ଭାଗରେ ବିଭକ୍ତ କରାଯାଇ କୁହାଯାଇଛି, "ବାହ୍ୟପ୍ରଯତ୍ନସ୍ତୈକାଦଶଧା । ବିବାରଃ ସଂବାରଃ ଶ୍ୱାସୋ ନାଦୋ ଘୋଷଽଘୋଷଅଳ୍ପପ୍ରାଣୋ ମହାପ୍ରାଣ ଉଦାତ୍ତଽନୁଦାତଃ ସ୍ୱରିତଶ୍ଚେତି ।" ପତଞ୍ଜଳି ଏହାକୁ ଆଠଭାଗରେ ବିଭକ୍ତ କରିଛନ୍ତି, ଯଥା: ବିବାର, ସଂବାର, ଶ୍ୱାସ, ନାଦ, ଘୋଷ, ଅଘୋଷ, ଅଳ୍ପପ୍ରାଣ ଓ ମହାପ୍ରାଣ । ମାତ୍ର ଆଧୁନିକ ଭାଷାବିଜ୍ଞାନରେ ଉଚ୍ଚାରଣର ବିଧି ଦୃଷ୍ଟିରୁ ବ୍ୟଞ୍ଜନ ଧ୍ୱନିକୁ ବିଭିନ୍ନ ଭାବେ ବିଭକ୍ତ କରାଯାଉଛି। ସେଗୁଡ଼ିକ ହେଉଛନ୍ତି: 1. ସ୍ପର୍ଶୀ (plosive), 2. ସଂଘର୍ଷୀ (Fricative), 3. ସ୍ପର୍ଶ-ସଂଘର୍ଷୀ (Affricative), 4. ନାସିକ୍ୟ (Nasal), 5. ପାର୍ଶ୍ୱିକ (Lateral), 6. ଲୋଡିତ (Thrilled), 7. ତାଡିତ (Flapped), 8. ଅର୍ଦ୍ଧସ୍ୱର ଇତ୍ୟାଦି ।

ସ୍ପର୍ଶ (plosive): ସ୍ପର୍ଶବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣ ବେଳେ ଉଭୟ ଓଠର ପରସ୍ପରକୁ ସ୍ପର୍ଶ, ଜିହ୍ୱାର ତଳ ଓଠ ଓ ଉପର ଦାନ୍ତ ଆଦିକୁ ସ୍ପର୍ଶ କରିଥାନ୍ତି ଏପିର ସ୍ପର୍ଶ ବାୟୁ ପ୍ରବାହକୁ କିଛି ସମୟପାଇଁ ଅବରୁଦ୍ଧ କରିଥାନ୍ତି। ପରେ ଏହି ଉଚ୍ଚାରଣ ଅବୟବ ପରସ୍ପରଠାରୁ ଅପସରିଯିବା ପରେ ବାୟୁପଥ ଉନ୍ମୁକ୍ତ ହୋଇଥାଏ। ଏହି କ୍ରମରେ ଓଷ୍ଠ ଦ୍ୱୟର ପରସ୍ପର ସ୍ପର୍ଶରୁ ଓଷ୍ଠ୍ୟ-ସ୍ପର୍ଶ ଧ୍ୱନି, ଜିହ୍ୱାର ଦନ୍ତ୍ୟ ସ୍ପର୍ଶରୁ ଦନ୍ତ୍ୟ-ସ୍ପର୍ଶ ଧ୍ୱନି ଇତ୍ୟାଦି ସୃଷ୍ଟି ହୋଇଥାନ୍ତି। ଓଡ଼ିଆରେ [କ୍, ଖ୍, ଗ୍, ଘ୍] କଣ୍ଠ୍ୟସ୍ପର୍ଶ ଧ୍ୱନି, [ପ୍, ଫ୍, ବ୍, ଭ] ଓଷ୍ଠ୍ୟ ସ୍ପର୍ଶ ଧ୍ୱନିର ଉଦାହରଣ ଅଟନ୍ତି।

ସଂଘର୍ଷୀ (Fricative) : ସଂଘର୍ଷୀ ଧ୍ୱନିର ଉଚ୍ଚାରଣ ବେଳେ ବାୟୁ ପ୍ରବାହ ସ୍ପର୍ଶ ଧ୍ୱନି ଭଳି ସଂପୂର୍ଣ୍ଣ ଅବରୁଦ୍ଧ ହୁଏନାହିଁ ବରଂ ବାୟୁମାର୍ଗ ବାଗ୍‌ଯନ୍ତ୍ରର କୌଣସି ନା କୌଣସି ସ୍ଥାନରେ ଏପରି ସଂକୀର୍ଣ୍ଣ ହୋଇଯାଏ ଯେ ସେହି ସଂକୀର୍ଣ୍ଣ ମାର୍ଗଦେଇ ବାୟୁ ନିର୍ଗତ ହେଲାବେଳେ ଏକପ୍ରକାର ସଂଘର୍ଷ ସୃଷ୍ଟି ହୋଇଥାଏ। ଓଡ଼ିଆରେ ଏହି ଧ୍ୱନିର

ଦୁଇଟି ପ୍ରକୃଷ୍ଟ ଉଦାହରଣ ହେଉଛି [ସ] ଓ [ହ]। [ସ] ଧ୍ୱନିର ଉଚ୍ଚାରଣ ବେଳେ ଜିହ୍ୱାଗ୍ର ବର୍ତ୍ସର ବିପରୀତ ଦିଗରେ ରହି ଯେଉଁ ସଂକୀର୍ଣ୍ଣ ମାର୍ଗ ତିଆରି କରେ ତାହାରି ମଧ୍ୟ ଦେଇଇ ବାୟୁ ସଂଘର୍ଷ ସହିତ ବାହାରକୁ ବାହାରି ଥାଏ। [ହ] ଧ୍ୱନି ଉଚ୍ଚାରଣ ବେଳେ ଗଳା ଓ ଛୋଟଜିଭ ପରସ୍ପରର ନିକଟବର୍ତ୍ତୀ ହୋଇ ବାୟୁମାର୍ଗକୁ ସଂକୀର୍ଣ୍ଣ କରିଥାନ୍ତି ଓ ସେହି ସଂକୀର୍ଣ୍ଣ ପଥରେ ବାୟୁ ବାହାରକୁ ଏକ ସଂଘର୍ଷ ସହିତ ଆସିଥାଏ।

ସ୍ପର୍ଶ-ସଂଘର୍ଷୀ (Affricative): ଏହି ଧ୍ୱନିର ଉଚ୍ଚାରଣ ପାଇଁ ଯେଉଁ ପ୍ରଯତ୍ନର ଆବଶ୍ୟକ ପଡ଼େ ତାହା ପ୍ରଥମେ ସ୍ପର୍ଶରୁ ଆରମ୍ଭ ହେଲେବି ହଠାତ୍ ନଖୋଲି ଧୀରେ ଧୀରେ ଖୋଲିଥାଏ, ଯାହାଫଳରେ କିଛି ଡେରିରେ ବାୟୁର ଘର୍ଷଣ ହେତୁ ସ୍ଫୋଟ ସୃଷ୍ଟି ହୋଇଥାଏ। ବାଗ୍‌ଯନ୍ତ୍ରରେ ଯେଉଁ ଅଂଶରେ ସ୍ପର୍ଶଧ୍ୱନି ଉତ୍ପନ୍ନ ହୁଏ ସେହି ଅଂଶରେ ସଂଘର୍ଷ ଧ୍ୱନି ମଧ୍ୟ ଉଚ୍ଚାରିତ ହୋଇଥାଏ। ଓଡ଼ିଆରେ [ଚ, ଛ, ଜ, ଝ] ସ୍ପର୍ଶୀ-ସଂଘର୍ଷୀ ଅଟନ୍ତି।ଏହି ଧ୍ୱନି ଉଚ୍ଚାରଣ ବେଳେ ଅଗ୍ରଜିହ୍ୱା ଉପରକୁ ଉଠି ବର୍ତ୍ସକୁ ସ୍ପର୍ଶ କରି ବାୟୁ ମାର୍ଗକୁ ଅବରୁଦ୍ଧ କଲେବି ଏହି ମାର୍ଗ ହଠାତ୍ ନ ଖୋଲି ଜିହ୍ୱା ଆସ୍ତେଆସ୍ତେ ତଳକୁ ଖସିବା ଫଳରେ ସ୍ପର୍ଶ ସହିତ ଏକ ସଂଘର୍ଷୀ ଧ୍ୱନି ଶୁଣାଯାଇଥାଏ।

ନାସିକ୍ୟ (Nasal): ନାସିକ୍ୟ ବ୍ୟଞ୍ଜନଧ୍ୱନିର ଉଚ୍ଚାରଣ ବେଳେ କୋମଳ ତାଲୁ ତଳକୁ ଝୁଲି ରହିବା ଫଳରେ ବାୟୁପ୍ରବାହ ନାସାରନ୍ଧ୍ର ମାର୍ଗରେ ନିର୍ଗତ ହୁଏ ଓ ସ୍ୱରଯନ୍ତ୍ରରେ କମ୍ପନ ହୋବାରୁ ଘୋଷ ସୃଷ୍ଟି ହୋଇଥାଏ।ଓଡ଼ିଆର [ଙ, ଣ, ନ, ମ] ଇତ୍ୟାଦି ନାସିକ୍ୟ ବ୍ୟଞ୍ଜନଧ୍ୱନି ଅଟନ୍ତି। ଏହି ନାସିକ୍ୟତାକୁ ବିଚାରକୁ ନେଇ ବ୍ୟଞ୍ଜନଧ୍ୱନିକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସେଥିରୁ କ୍, ଖ୍, ଗ୍, ଘ୍ ଇତ୍ୟାଦି ନିରନୁନାସିକ; କ୍ଁ, ଖ୍ଁ, ଗ୍ଁ, ଘ୍ଁ ଇତ୍ୟାଦି ଅନୁନାସିକ ଓ ଙ୍, ଞ୍, ଣ୍, ନ୍, ମ୍ ଇତ୍ୟାଦି ନାସିକ୍ୟ ବ୍ୟଞ୍ଜନ ଧ୍ୱନି ଅଟନ୍ତି।

ପାର୍ଶ୍ୱିକ (Lateral): ଏହି ଧ୍ୱନିର ଉଚ୍ଚାରଣ ବେଳେ ମୁଖବିବରର ମଧ୍ୟରେଖାରେ କୌଣସି ନା କୌଣସି ସ୍ଥାନରେ ଜିହ୍ୱା ବାୟୁମାର୍ଗକୁ ଅବରୋଧ କରେ, କିନ୍ତୁ ଜିହ୍ୱାର ଏକ ପାର୍ଶ୍ୱରେ ବା ଉଭୟ ପାର୍ଶ୍ୱରେ ବାୟୁମାର୍ଗ ଉନ୍ମୁକ୍ତ ରହିଥାଏ। ଫଳରେ ବାୟୁ ଏକପାର୍ଶ୍ୱ ବା ଉଭୟ ପାର୍ଶ୍ୱରେ ବାୟୁ ନିର୍ଗତ ହୋଇଥାଏ। ଓଡ଼ିଆରେ ଲ ଓ ଳ ଦିଇଟି ପାର୍ଶ୍ୱିକ ବ୍ୟଞ୍ଜନ ଧ୍ୱନିର ଉଦାହରଣ ଅଟନ୍ତି। 'ଳ' ଏକପାର୍ଶ୍ୱିକ ଓ 'ଲ' ଦୁଇପାର୍ଶ୍ୱିକ ବ୍ୟଞ୍ଜନଧ୍ୱନି ଅଟନ୍ତି।

ଲୋଡ଼ିତ (Thrilled):ଯେତେବେଳେ ଜିହ୍ୱାଗ୍ର ଖୁବ୍ ଜୋରରେ ଆଲୋଡ଼ିତ ହୋଇ ତାଲୁକୁ ବାରମ୍ବାର ଆଘାତ କରେ ଓ ସେହି ଆଲୋଡନରୁ ଲୋଡ଼ିତ ଧ୍ୱନିର ଉତ୍ପନ୍ନ ହୋଇଥାଏ। ଓଡ଼ିଆରେ 'ର' ଧ୍ୱନି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ।

ତାଡିତ (Flapped): ଏହି ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱାଗ୍ର ପଛକୁ ଓଲଟି କଠିନ ତାଲୁର ସମ୍ମୁଖ ଅଂଶ ପର୍ଯ୍ୟନ୍ତ ଉଠିଯାଏ ଏବଂ ପରେ ବାୟୁ ପ୍ରବାହର ଚାପରେ ହଠାତ୍ ଜୋରରେ ଛିଞ୍ଚାଡ଼ି ହୋଇପଡ଼େ। ଜିହ୍ୱା ଖସିବା ସମୟରେ ଜିହ୍ୱାର ପଛଭାଗ ଦାନ୍ତମୂଳରେ ପିଟି ହୋଇଯିବା ଫଳରେ ଉତକ୍ଷିପ୍ତ ବା ତାଡ଼ିତ ଧ୍ୱନି ଶୁଣାଯାଏ। ଓଡ଼ିଆରେ ଡ଼, ଢ଼ ହେଉଛି ତାଡ଼ିତ ଧ୍ୱନି।

ଅର୍ଦ୍ଧସ୍ୱର/ସପ୍ରବାହ ବ୍ୟଞ୍ଜନ (semi-consonant) : ଏହି ଧ୍ୱନିର ଉଚ୍ଚାରଣରେ ବାୟୁ ପ୍ରବାହର ଗତି ବହୁଭାବେ ଧୀର ହୋଇଥାଏ। ଏହାର ଉଚ୍ଚାରଣରେ ଜିହ୍ୱା ସଂବୃତ ସ୍ଥାନରୁ ବିବୃତ ସ୍ଥାନ ଆଡ଼କୁ ଗତିକରେ। କେହିକେହି ଏହି ଧ୍ୱନିର ଉଚ୍ଚାରଣରେ ସ୍ୱର ପରି କମ୍ ଘୋଷ ହେଉଥିବାରୁ ଅର୍ଦ୍ଧସ୍ୱର ବି କହିଥାନ୍ତି। ଓଡ଼ିଆରେ ଦୁଇଟି ଅର୍ଦ୍ଧ ସ୍ୱର ବା ଅର୍ଦ୍ଧବ୍ୟଞ୍ଜନ ରହିଛି - ୱ, ୟ ।

## 2.7.3 ସ୍ୱରତନ୍ତ୍ରୀରେ କମ୍ପନ ବା ଘୋଷ ଦୃଷ୍ଟିରୁ ବ୍ୟଞ୍ଜନ ଧ୍ୱନି

ଫୁସ୍‌ଫୁସ୍‌ରୁ ନିର୍ଗତ ବାୟୁ ଚାପରେ ସ୍ୱରତନ୍ତ୍ରୀରେ ଯେଉଁ କମ୍ପନ ସୃଷ୍ଟି ହୁଏ ତାହାକୁ ଘୋଷ କହନ୍ତି। ଯେଉଁ ଧ୍ୱନି ଉଚ୍ଚାରଣରେ ଏହି ଘୋଷ ଉତ୍ପନ୍ନ ହୁଏ ତାହାକୁ ସଘୋଷ (voiced) ଧ୍ୱନି କୁହାଯାଏ। କିନ୍ତୁ ଯେଉଁ ଧ୍ୱନିର ଉଚ୍ଚାରଣରେ ସ୍ୱରତନ୍ତ୍ରୀରେ କମ୍ପନ ସୃଷ୍ଟି ହୁଏନାହିଁ ତାହାକୁ ଅଘୋଷ (voiceless) ଧ୍ୱନି କହନ୍ତି। ଓଡ଼ିଆ ବ୍ୟଞ୍ଜନ ଧ୍ୱନିକୁ ଏହି ଘୋଷ ଦୃଷ୍ଟିରୁ ବିଭକ୍ତ କଲେ 'କ୍, ଚ୍, ଟ୍, ତ୍, ପ୍' ବର୍ଗର ପ୍ରଥମ, ଦ୍ୱିତୀୟ ଧ୍ୱନି ହେଉଛି ଅଘୋଷ ଏବଂ ତୃତୀୟ, ଚତୁର୍ଥ, ପଞ୍ଚମ ଧ୍ୱନି ତଥା 'ଯ, ର, ଳ, ବ, ହ' ହେଉଛି ସଘୋଷ ଧ୍ୱନି।

## 2.7.4 ଉଚ୍ଚାରଣରେ ବ୍ୟବହୃତ ପ୍ରାଣତ୍ୱ ଦୃଷ୍ଟିରୁ ବର୍ଗୀକରଣ

ଧ୍ୱନିବିଜ୍ଞାନ ଅନୁସାରେ ବ୍ୟବହୃତ ବାୟୁକୁ ପ୍ରାଣ କୁହାଯାଏ। ଏହି ଭିତ୍ତିରେ ବ୍ୟଞ୍ଜନକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ, ଯଥା – ଅଳ୍ପପ୍ରାଣ (un-aspirated) ଓ ମହାପ୍ରାଣ (Aspirated)। ଅଳ୍ପପ୍ରାଣ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଶ୍ୱାସଶକ୍ତିକୁ ଅଳ୍ପ ପରିମାଣରେ ପ୍ରୟୋଗ କରିବାକୁ ହୁଏ ତେଣୁ ବାୟୁ ପ୍ରବାହ ଅଳ୍ପ ସ୍ଫୋଟନ ସହିତ ନିର୍ଗତ ହୋଇଥାଏ। ମାତ୍ର ମହାପ୍ରାଣ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଅଧିକ ଶ୍ୱାସଶକ୍ତିକୁ ପ୍ରୟୋଗ କରିବାକୁ ହୁଏ, ଫଳରେ ବାୟୁ ପ୍ରବାହ ଅଧିକ ସ୍ଫୋଟନ ସହିତ ନିର୍ଗତ ହୁଏ। ଓଡ଼ିଆ ବ୍ୟଞ୍ଜନ ଧ୍ୱନିକୁ ଏହି ପ୍ରାଣତ୍ୱ ଦୃଷ୍ଟିରୁ ବିଭକ୍ତ କଲେ 'କ୍, ଚ୍, ଟ୍, ତ୍, ପ୍' ବର୍ଗର ପ୍ରଥମ, ତୃତୀୟ ଓ ପଞ୍ଚମ ଧ୍ୱନି ହେଉଛି ଅଳ୍ପପ୍ରାଣ ଏବଂ ଦ୍ୱିତୀୟ , ଚତୁର୍ଥ ଧ୍ୱନି ହେଉଛି ମହାପ୍ରାଣ ଧ୍ୱନି। ଅବର୍ଗ୍ୟ ବ୍ୟଞ୍ଜନମାନଙ୍କ ମଧ୍ୟରୁ କେବଳ 'ହ' ବ୍ୟତୀତ ଅନ୍ୟ ବର୍ଣ୍ଣଗୁଡିକ ଅଳ୍ପପ୍ରାଣ ।

ଉପରେ ବର୍ଣ୍ଣିତ ଏହି ବର୍ଗୀକରଣ ବ୍ୟତୀତ ଜଣେ ଆଲୋଚକ ବା ଧ୍ୱନିବିଜ୍ଞାନୀ ବ୍ୟଞ୍ଜନବର୍ଣ୍ଣକୁ ସଂଯୁକ୍ତ-ଅସଂଯୁକ୍ତ, ସ୍ଫୋଟନ ପଦ୍ଧତି ଆଦି ବିଭିନ୍ନ ଦିଗରୁ ମଧ୍ୟ ବର୍ଗୀକରଣ କରିପାରନ୍ତି।

# 2.8 ଓଡ଼ିଆ ବ୍ୟଞ୍ଜନଧ୍ୱନିର ପରିଚୟ

## 2.8.1 ଓଡ଼ିଆ ବ୍ୟଞ୍ଜନ ଧ୍ୱନି ଚାର୍ଟ

ଉପରେ ବର୍ଣ୍ଣିତ ବ୍ୟଞ୍ଜନଧ୍ୱନିର ବିଭିନ୍ନ ବର୍ଗୀକରଣ ଓ ତାହାର ବୈଶିଷ୍ଟ୍ୟ ଦୃଷ୍ଟିରୁ ଓଡ଼ିଆ ଭାଷାରେ ଥିବା ବ୍ୟଞ୍ଜନଧ୍ୱନିଗୁଡ଼ିକୁ ବିଚାର କଲେ ଆମେ ଏକ ଉପଯୁକ୍ତ ଓ ସବିଶେଷ ଚିତ୍ର ପାଇପାରିବା। ଯାହାକୁ ନିମ୍ନସ୍ଥ ଚାର୍ଟରୁ ପ୍ରାପ୍ତ କରାଯାଇପାରେ।

ଦିଆଯାଇଥିବା ବ୍ୟଞ୍ଜନ ଧ୍ୱନି ଚାର୍ଟକୁ ଅନୁସରଣ କରି ଓଡ଼ିଆ ବ୍ୟଞ୍ଜନ ଧ୍ୱନିଗୁଡ଼ିକର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କଲେ ଏହି ଧ୍ୱନିଗୁଡ଼ିକ ନିମ୍ନମତେ ବର୍ଣ୍ଣିତ ହୋଇଥାନ୍ତି।

| | | ଓଷ୍ଠ୍ୟ | | ଦନ୍ତ୍ୟ | | ବର୍ତ୍ସ୍ୟ | | ବର୍ତ୍ସ୍ୟପର (ମୂର୍ଦ୍ଧା) | | ତାଲବ୍ୟ | | କଣ୍ଠ୍ୟ | | କାକଳ | |
|---|---|---|---|---|---|---|---|---|---|---|---|---|---|---|---|
| | | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ |
| ସ୍ପର୍ଶ | ଅଘୋଷ | ପ୍ | ଫ୍ | ତ୍ | ଥ୍ | | | ଟ୍ | ଠ୍ | | | କ୍ | ଖ୍ | | |
| | ସଘୋଷ | ବ୍ | ଭ୍ | ଦ୍ | ଧ୍ | | | ଡ୍ | ଢ୍ | | | ଗ୍ | ଘ୍ | | |
| ସଂଘର୍ଷୀ | ଅଘୋଷ | | | ସ୍ | | | | ଷ୍ | | ଶ୍ | | | | | |
| | ସଘୋଷ | | | | | | | | | | | | | | |
| ସ୍ପର୍ଶ ସଂଘର୍ଷୀ | ଅଘୋଷ | | | | | | | | | ଚ୍ | ଛ୍ | | | | |
| | ସଘୋଷ | | | | | | | | | ଜ୍ | ଝ୍ | | | | |
| ନାସିକ୍ୟ | ସଘୋଷ | ମ୍ | | ନ୍ | | | | ଣ୍ | | | | ଙ୍ | | | |
| ପାର୍ଶ୍ୱିକ | ସଘୋଷ | | | | | ଲ୍ | | ଳ୍ | | | | | | | |
| ଲୋଡିତ | ସଘୋଷ | | | | | ର୍ | | | | | | | | | |
| ତାଡିତ | ସଘୋଷ | | | | | | | ଡ଼୍ | ଢ଼୍ | | | | | | |
| ଅର୍ଦ୍ଧସ୍ୱର | ସଘୋଷ | ୱ୍ | | | | | | ୟ୍ | | | | | | | |

ଟେବୁଲ : ଓଡ଼ିଆ ବ୍ୟଞ୍ଜନଧ୍ୱନି ଚାର୍ଟ୍

## 2.8.2 ଓଡ଼ିଆ ବ୍ୟଞ୍ଜନ ଧ୍ୱନି ବୈଶିଷ୍ଟ୍ୟ

[କ୍] : କଣ୍ଠ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଖ୍] : କଣ୍ଠ୍ୟ ସ୍ପର୍ଶ ଅଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଗ୍] : କଣ୍ଠ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଘ୍] : କଣ୍ଠ୍ୟ ସ୍ପର୍ଶ ସଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଙ] : କଣ୍ଠ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନାସିକ୍ୟ ବ୍ୟଞ୍ଜନ ଧ୍ୱନି

[ଚ୍] : ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଛ୍] : ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ଅଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଜ୍] : ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଝ୍] : ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ସଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଞ୍]: ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ସଘୋଷ ଅଳ୍ପପ୍ରାଣ ନାସିକ୍ୟ ବ୍ୟଞ୍ଜନ ଧ୍ୱନି। ତେବେ କେତେକ ଭାଷାବିଜ୍ଞାନୀ 'ଞ'ର ଉଚ୍ଚାରଣ ଓଡ଼ିଆ ଭାଷାରେ ପ୍ରାୟତଃ ଅନୁପଲବ୍ଧ ଥିବାରୁ ଏହାକୁ ଧ୍ୱନି ଚାର୍ଟରେ ସ୍ଥାନିତ କରାଯାଇନାହିଁ। ମାତ୍ର ଏହି ଧ୍ୱନି ଅନ୍ୟ ସଂଯୁକ୍ତ ଧ୍ୱନି ସହିତ ଆସୁଥିବାରୁ ଏଠାରେ କେବଳ ତାହାର ବୈଶିଷ୍ଟ୍ୟ ପ୍ରତିପାଦନ କରାଯାଇଛି।

[ଟ୍] : ବର୍ତ୍ସ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଠ୍] : ବର୍ତ୍ସ୍ୟ ସ୍ପର୍ଶ ଅଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଡ୍] : ବର୍ତ୍ସ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଢ୍] : ବର୍ତ୍ସ୍ୟ ସ୍ପର୍ଶ ସଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଣ୍] : ବର୍ତ୍ସ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନାସିକ୍ୟ ବ୍ୟଞ୍ଜନ ଧ୍ୱନି

[ତ୍] : ଦନ୍ତ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଥ୍] : ଦନ୍ତ୍ୟ ସ୍ପର୍ଶ ଅଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଦ୍] : ଦନ୍ତ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଧ୍] : ଦନ୍ତ୍ୟ ସ୍ପର୍ଶ ସଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ନ୍] : ଦନ୍ତ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନାସିକ୍ୟ ବ୍ୟଞ୍ଜନ ଧ୍ୱନି

[ପ୍] : ଓଷ୍ଠ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଫ୍] : ଓଷ୍ଠ୍ୟ ସ୍ପର୍ଶ ଅଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ବ୍] : ଓଷ୍ଠ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଭ୍] : ଓଷ୍ଠ୍ୟ ସ୍ପର୍ଶ ସଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ମ୍] : ଓଷ୍ଠ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନାସିକ୍ୟ ବ୍ୟଞ୍ଜନ ଧ୍ୱନି

[ୟ]: ତାଲବ୍ୟ ସଂଘର୍ଷ ରହିତ ଅର୍ଦ୍ଧସ୍ୱର ସଘୋଷ ଅଳ୍ପପ୍ରାଣ ନିରନୁନାସିକ ଅର୍ଦ୍ଧବ୍ୟଞ୍ଜନ ଧ୍ୱନି

[ର୍] : ବର୍ତ୍ସ୍ୟ ସ୍ପର୍ଶ ସଘୋଷ ଲୋଡିତ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଳ] : ବର୍ତ୍ସ୍ୟପର ସ୍ପର୍ଶ/ପାର୍ଶ୍ୱିକ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ଲ୍] : ବର୍ତ୍ସ୍ୟ ସ୍ପର୍ଶ/ପାର୍ଶ୍ୱିକ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ୱ]: ଓଷ୍ଠ୍ୟ ସଂଘର୍ଷରହିତ ଅର୍ଦ୍ଧସ୍ୱର ସଘୋଷ ଅଳ୍ପପ୍ରାଣ ନିରନୁନାସିକ ଅର୍ଦ୍ଧବ୍ୟଞ୍ଜନ ଧ୍ୱନି

[ସ]: ଦନ୍ତ୍ୟ ସଂଘର୍ଷୀ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

[ହ]: କାକଲ୍ୟ ସଂଘର୍ଷୀ ସଘୋଷ ମହାପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି

## 2.8.3 ଓଡ଼ିଆରେ ସଂଯୁକ୍ତ ବ୍ୟଞ୍ଜନ

ବ୍ୟଞ୍ଜନ ନିଜେ ଏକଲା ଉଚ୍ଚାରିତ ନ ହୋଇପାରିବା ହେତୁ ପ୍ରତ୍ୟେକ ବ୍ୟଞ୍ଜନର ଉଚ୍ଚାରଣରେ ସ୍ୱରଧ୍ୱନିଟି ଯୋଡ଼ିହୋଇଥାଏ। ଏହି ସ୍ୱରଧ୍ୱନି ବ୍ୟଞ୍ଜନର ପୂର୍ବରୁ ବା ପରେ ଯୁକ୍ତ ହୋଇ ତାହାର ଉଚ୍ଚାରଣରେ ସାହାଯ୍ୟ କରନ୍ତି। ଯେତେବେଳେ ଗୋଟିଏ ବ୍ୟଞ୍ଜନ ସହିତ ଏକାଧିକ ବ୍ୟଞ୍ଜନ ଧ୍ୱନି ମିଶି ନୂତନ ଧ୍ୱନିର ଆବଶ୍ୟକ ପଡ଼େ, ସେହିଠାରୁ ସଂଯୁକ୍ତ ବ୍ୟଞ୍ଜନର ଉତ୍ପନ୍ନ ହୁଏ। ଯେପରିକି କ୍ + ତ୍ଅ = କ୍ତ ମାତ୍ର ତ୍ + କ୍ଅ = ତ୍କ। ଓଡ଼ିଆରେ ଏହି ସଂଯୁକ୍ତ ବ୍ୟଞ୍ଜନରୁ କେତେକ ସାର୍ଥକ ଉଦାହରଣ ହେଉଛି : କ୍କ, କ୍ଲ, ଣ୍ଡ, ଣ୍ଟ, ଷ୍ଟ, ଣ୍ଠ, ନ୍ତ, ନ୍ଥ, ନ୍ଦ, ନ୍ଧ, କ୍ୟ, ଷ୍ଟ, ଷ୍ଠ, ମ୍ର, ମ୍ଭ ପ୍ର, ଇତ୍ୟାଦି। ଓଡ଼ିଆରେ 'କ୍କ,ଚ୍ଚ, ଟ୍ଟ, ଡ୍ଡ, ଦ୍ଦ, ନ୍ନ, ପ୍ପ, ମ୍ମ' ଆଦି ଦ୍ୱିତ ବ୍ୟଞ୍ଜନଗୁଡ଼ିକ ସାଧାରଣତଃ ଦ୍ୱିତ ଉଚ୍ଚାରଣ ହୁଅନ୍ତିନାହିଁ। ସେହିପରି 'କ୍ତ, ଷ୍ଟ, ଗ୍ମ, ଚ୍ଛ, ପ୍ତ, ସ୍ନ, ଭ, ଷ୍ଣ, ଣ୍ଡ୍ର' ଆଦି ସଂଯୁକ୍ତ ବ୍ୟଞ୍ଜନ ଶବ୍ଦର ଆରମ୍ଭରେ ପ୍ରାୟତଃ ବ୍ୟବାହାର ହେବା ଦେଖାଯାଏନାହିଁ।

*ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 3*

(କ) ଓଡ଼ିଆ ବ୍ୟଞ୍ଜନ ଧ୍ୱନି 'କ୍, ଚ୍, ଟ୍, ତ୍, ପ୍, ର୍, ଓ ଲ୍' ର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର । (30ଟି ଶବ୍ଦରେ)

(ଖ) ଉଚ୍ଚାରଣ ବିଧି ଦୃଷ୍ଟିରୁ ଓଡ଼ିଆ ବ୍ୟଞ୍ଜନ ଧ୍ୱନିର ବର୍ଗୀକରଣ କିପରି କରାଯାଇପାରେ ତାହାର ସୂଚନା ପ୍ରଦାନ କର ।

## 2.9 ବିଷୟବସ୍ତୁର ସାରମର୍ମ

ବାଗ୍‌ଯନ୍ତ୍ରର ବିଭିନ୍ନ ଭାଷାଣ ଅବୟବ ବିଭିନ୍ନ ଭାଷିକ ଧ୍ୱନି ଉତ୍ପାଦନରେ ସାହାଯ୍ୟ କରିଥାନ୍ତି। ଧ୍ୱନି ଉଚ୍ଚାରଣ ବେଳେ ଯଦି ସ୍ୱରତନ୍ତ୍ରୀ ନିଷ୍କମ୍ପ ରୁହେ ତେବେ ଅଘୋଷ ଧ୍ୱନିର ସୃଷ୍ଟି ହୁଏ, କିନ୍ତୁ ଧ୍ୱନିର ଉତ୍ପନ୍ନରେ ଯଦି ସ୍ୱରତନ୍ତ୍ରୀରେ କମ୍ପନ ଥାଏ ତେବେ ସେଥିରୁ ସଘୋଷ ଧ୍ୱନି ସୃଷ୍ଟି ହୋଇଥାଏ।

ଭାଷିକ ଧ୍ୱନି ମୁଖ୍ୟତଃ ସ୍ୱରଧ୍ୱନି ଓ ବ୍ୟଞ୍ଜନଧ୍ୱନି ଭଳି ଦୁଇଭାଗରେ ବିଭକ୍ତ ହେଲେ ହେଁ ଉଚ୍ଚାରଣର ସ୍ଥାନ, ଉଚ୍ଚାରଣର ବିଧି, ଜିହ୍ୱାର ସ୍ଥିତି, ବ୍ୟବହୃତ ପ୍ରାଣଶକ୍ତି ଇତ୍ୟାଦିକୁ ବିଚାରକୁ ନେଇ ଧ୍ୱନିକୁ ବିଭିନ୍ନ ଦିଗରୁ ବର୍ଗୀକରଣ କରାଯାଇପାରେ।

ଉଚ୍ଚାରଣର ସ୍ଥାନ ଦୃଷ୍ଟିରୁ ବ୍ୟଞ୍ଜନବର୍ଣ୍ଣକୁ କଣ୍ଠ୍ୟ ଧ୍ୱନି, ତାଲବ୍ୟ ଧ୍ୱନି, ମୂର୍ଦ୍ଧନ୍ୟ ଧ୍ୱନି, ଦନ୍ତ୍ୟ ଧ୍ୱନି, ଓଷ୍ଠ୍ୟ ଧ୍ୱନି, ବର୍ତ୍ସ୍ୟ ଧ୍ୱନି ଆଦି ଭାବରେ ବିଭକ୍ତ କରାଯାଇଥାଏ।

ଉପଯୁକ୍ତ ବାହ୍ୟ ପ୍ରଯତ୍ନର ଭିନ୍ନତା ଦୃଷ୍ଟିରୁ ବିଚାର କରି ଦେଖିଲେ ଏହିସବୁ ଭିନ୍ନତାର ସ୍ପଷ୍ଟ ସଂପର୍କ ସ୍ୱରତନ୍ତ୍ରୀ ସହିତ ରହିଛି । ଏଥିରୁ ଅଳ୍ପପ୍ରାଣ ଓ ମହାପ୍ରାଣର ସଂପର୍କ ଭିତରୁ ଆସୁଥିବା ବାୟୁର ଅଧିକ ବା କମ୍ ସହିତ ରହିଛି । ସ୍ୱରଧ୍ୱନି ସଂୟ ଉଚ୍ଚାରିତ ହୋଇପାରୁଥିବାବେଳେ, ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣ ସ୍ୱରର ସହାୟତାରେ ହୋଇଥାଏ । ପତଞ୍ଜଳିଙ୍କ ମହାଭାଷ୍ୟରେ ଉପରେ ବର୍ଣ୍ଣିତ ସ୍ୱର ଓ ବ୍ୟଞ୍ଜନର ବର୍ଗୀକରଣ କରି କୁହାଯାଇଛି : "ସ୍ୱୟମ ରାଜନ୍ତେ ଇତି ସ୍ୱରାଃ । ଅନ୍ୱଗ୍ ଭବତି ବ୍ୟଞ୍ଜନମ୍ ଇତି" । ତେବେ ଧ୍ୱନିର ବର୍ଗୀକରଣ ମୁଖ୍ୟତଃ ବାଗ୍‌ଯନ୍ତ୍ରର ସମସ୍ତ ଅବୟବର କାର୍ଯ୍ୟ ଓ ଉପଯୋଗିତା ଅନୁସାରେ ହୋଇଥାଏ । ପୁନଃ ଏହି ବର୍ଗୀକରଣ ମୁଖ୍ୟତଃ ଉଚ୍ଚାରକ (Articulators) ଓ ଉଚ୍ଚାରଣର ସ୍ଥାନ (Point of Articulation) ଅନୁସାରେ ହୋଇଥାଏ ।

## 2.10 ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର*

(କ) ଶରୀରର ବାଗ୍‌ଯନ୍ତ୍ରସ୍ଥ ଦୁଇଟି ଅଂଶ ମଧ୍ୟରେ ସ୍ପର୍ଶ, ସଂଘର୍ଷ ବା ଅନ୍ୟ ପ୍ରକ୍ରିୟା ହେତୁ ଉଚ୍ଚାରିତ ସ୍ୱନକୁ ବାଚିକ ଧ୍ୱନି ବା ଭାଷିକ ଧ୍ୱନି କୁହାଯାଏ । ଓଡ଼ିଆ ଭାଷାରେ [ଅ],[ଇ], [କ], [ତ], [ବ],[ଯ], [ମ] ଇତ୍ୟାଦି ଗୋଟିଏ ଗୋଟିଏ ବାଚିକ ଧ୍ୱନି ପଦବାଚ୍ୟ ଅଟନ୍ତି । ଏଗଡିକ ବାଗ୍‌ଯନ୍ତ୍ରସ୍ଥ ବିଭିନ୍ନ ଅବୟବର ସ୍ୱତନ୍ତ୍ର ପ୍ରଯତ୍ନରୁ ଉତ୍ପନ୍ନ ହୋଇଥାନ୍ତି ।

(ଖ) ସଙ୍କେତ: (1) ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 1.2 କୁ ଅଧ୍ୟୟନ କରନ୍ତୁ ଓ (2) ବିଭାଗ 1.2.3 ରେ ପ୍ରଦାନ କରାଯାଇଥିବା ସିଲେବଲ ବିଭାଜନକୁ ଲକ୍ଷ୍ୟ କରନ୍ତୁ ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2 ର ଉତ୍ତର*

(କ) ବିଭାଗ 1.5 କୁ ଅଧ୍ୟୟନ କରନ୍ତୁ ।

(ଖ) ବିଭାଗ 1.3 କୁ ପଢନ୍ତୁ ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 3 ର ଉତ୍ତର*

(କ) [କ୍]: କଣ୍ଠ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ଧ୍ୱନି; [ଚ୍]: ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ଅଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ଧ୍ୱନି; [ଟ୍]: ବର୍ତ୍ସ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ଧ୍ୱନି; [ତ୍]: ଦନ୍ତ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ଧ୍ୱନି; [ପ୍]: ଓଷ୍ଠ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି; [ର୍]: ବର୍ତ୍ସ୍ୟ ସ୍ପର୍ଶ ସଘୋଷ ଲୋଡ଼ିତ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି; [ଲ୍]: ବର୍ତ୍ସ୍ୟପର ସ୍ପର୍ଶ/ପାର୍ଶ୍ୱିକ ସଘୋଷ ଅଳ୍ପପ୍ରାଣ ନିରନୁନାସିକ ବ୍ୟଞ୍ଜନ ଧ୍ୱନି ।

(ଖ) ସଙ୍କେତ : ଉଚ୍ଚାରଣ ଦୃଷ୍ଟିରୁ ବ୍ୟଞ୍ଜନ ଧ୍ୱନିର ବର୍ଗୀକରଣ ପାଇଁ ବିଭାଗ 1.11.2 କୁ ପଢନ୍ତୁ ।

## 2.11 ସହାୟକ ପୁସ୍ତକାବଳୀ


- ଧଳ, ଗୋଲୋକ ବିହାରୀ, 'ଭାଷାଶାସ୍ତ୍ର ପରିଚୟ', ଓଡିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- ସାହୁ, ପ୍ରଫେସର ବାସୁଦେବ, 'ଭାଷାବିଜ୍ଞାନର ରୂପରେଖ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ସପ୍ତମ ପ୍ରକାଶ 2005
- Ladefoged Peter, 'Vowels and Consonants (An Introduction to the sound of languages)', Blackwell, USA, 2001
- Boersma, Paul, 'Sound Change in Functional Phonology' University of Amsterdam, The Netherlands, December 22, 1997


## 2.12 ପାରିଭାଷିକ ଶବ୍ଦାବଳୀ

- ଧ୍ୱନିବିଜ୍ଞାନ (Phonology): ଭାଷିକ ଧ୍ୱନିର ବୈଜ୍ଞାନିକ ସମ୍ବଳିତ ଅଧ୍ୟୟନ
- ସ୍ୱରବର୍ଣ୍ଣ (Vowel):ଓଡ଼ିଆରେ 'ଅ, ଆ, ଇ, ଉ' ଇତ୍ୟାଦି ଓ ଇଂରାଜୀରେ 'a, e, I, o, u' ଇତ୍ୟାଦି
- ବାଗ୍‌ଯନ୍ତ୍ର: ଉଚ୍ଚାରଣ ଯନ୍ତ୍ର ବା ଉଚ୍ଚାରଣ ପାଇଁ ବ୍ୟବହୃତ ଫୁସଫୁସ, ଶ୍ୱାସନଳୀ ଓ ମୁଖରନ୍ଧ୍ର ଅବୟବର ସମାହାର

## 2.13 କେତେକ ଆଦର୍ଶ ପ୍ରଶ୍ନ

(କ) ଉଚ୍ଚାରଣର ସ୍ଥାନ ଓ ପ୍ରକାର ଦୃଷ୍ଟିରୁ ଓଡ଼ିଆ ବ୍ୟଞ୍ଜନଧ୍ୱନିର କିପରି ବର୍ଗୀକରଣ କରାଯାଇପାରିବ ତାହାର ଏକ ଚାର୍ଟ ପ୍ରସ୍ତୁତ କରି ସେହି ଧ୍ୱନିଗୁଡ଼ିକର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର।

(ଖ) ମୌଳିକ ବା ମାନସ୍ୱର ଧ୍ୱନିର ସଂଜ୍ଞା ନିର୍ଦ୍ଧାରଣ କରି ଏହାକୁ ସ୍ୱର ଚତୁର୍ଭୁଜରେ ଉପସ୍ଥାପନା ସଂପର୍କରେ ଲେଖ ।

# ତୃତୀୟ ଏକକ : ଧ୍ୱନି ପରିବର୍ତ୍ତନର ବିଭିନ୍ନ କାରଣ ଓ ଧ୍ୱନି ନିୟମ

**ବିଷୟର ଗଠନ**

3.1 ପଠନର ଉଦ୍ଦେଶ୍ୟ

3.2 ବିଷୟ ପରିଚୟ

3.3 ଧ୍ୱନିଗୁଣ

3.4 ବିଭିନ୍ନ ଧ୍ୱନିମାପକ ଯନ୍ତ୍ର

3.5 ଧ୍ୱନି ପରିବର୍ତ୍ତନ କାହାକୁ କହନ୍ତି?

3.6 ଧ୍ୱନି ପରିବର୍ତ୍ତନର ବିଭିନ୍ନ କାରଣ

3.7 ବିଷୟବସ୍ତୁର ସାରମର୍ମ

3.8 ଆତ୍ମ ପରୀକ୍ଷଣ ପ୍ରଶ୍ନର ଉତ୍ତର ସମୂହ

3.9 ସହାୟକ ପୁସ୍ତକାବଳୀ

3.10 ପାରିଭାଷିକ ଶବ୍ଦାବଳୀ

3.11 କେତେକ ଆଦର୍ଶ ପ୍ରଶ୍ନ

## 3.1 ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି ଧ୍ୱନିର ବିଭିନ୍ନ ବୈଶିଷ୍ଟ୍ୟ ନିର୍ଦ୍ଧାରଣ କରିବା, ବିଭିନ୍ନ ଧ୍ୱନିମାପକ ଯନ୍ତ୍ର ସଂପର୍କରେ ଅବଗତ ହେବା, ଧ୍ୱନି ପରିବର୍ତ୍ତନର ବିଭିନ୍ନ କାରଣ ଓ ତାହାର ବୈଜ୍ଞାନିକ ସମ୍ବଳିତ ଅଧ୍ୟୟନ ସମ୍ବନ୍ଧିତ ବିଷୟରେ ଆପଣଙ୍କୁ ଅଭିନିବେଶ କରାଇବା ଏବଂ ଧ୍ୱନି ପରିବର୍ତ୍ତନ ପଛରେ ନିହିତ ବିଭିନ୍ନ ଧ୍ୱନିନିୟମ ସଂପର୍କରେ ଏକ ମୋଟାମୋଟି ଧାରଣା ଆପଣଙ୍କୁ ପ୍ରଦାନ କରିବା । ତେଣୁ, ଏହି ଏକକରେ ଆପଣ ଶିକ୍ଷା କରିବ-

- ଧ୍ୱନିଗୁଣର ବିଭିନ୍ନ ଉପାଦାନ ସଂପର୍କରେ ସମ୍ୟକ ଜ୍ଞାନ;
- ବିଭିନ୍ନ ଧ୍ୱନିମାପକ ଯନ୍ତ୍ରର କାର୍ଯ୍ୟକାରିତା;
- ଧ୍ୱନି ପରିବର୍ତ୍ତନର ବିଭିନ୍ନ ବାହ୍ୟକାରଣ;
- ଗ୍ରୀମ୍, ଗ୍ରାସମ୍ୟାନ, ବର୍ନର ପ୍ରଭୃତି ଭାଷାବିତ୍‌ଙ୍କ ଦ୍ୱାରା ପ୍ରଣିତ ଧ୍ୱନିନିୟମ ଇତ୍ୟାଦି

## 3.2 ବିଷୟର ପରିଚୟ

ପରିବର୍ତ୍ତନ ସୃଷ୍ଟିର ନିୟମ । ଏହିକ୍ରମେ ପ୍ରତ୍ୟେକ ଭାଷାରେ ନିହିତ ଧ୍ୱନିରେ ନିରନ୍ତର ପରିବର୍ତ୍ତନ ଘଟିଥାଏ। ଅନ୍ୟଭାଷାରୁ ଆସୁଥିବା ଶବ୍ଦଗୁଡ଼ିକରେ ଯଦି ସିଧାସଳଖ ଆସି ଆମ ଭାଷାରେ ମିଶିଯାନ୍ତି, ସେଗୁଡ଼ିକୁ ଆମେ ଆଗତ ଶବ୍ଦ ହିସାବରେ ବିଚାର କରିଥାଉ । ପୁନଃ ଯେକୌଣସି ଭାଷାର ବ୍ୟକ୍ତି ଆବଶ୍ୟକ ଅନୁସାରେ ଖୁବ୍ ଶୀଘ୍ର

ବା ଖୁବ୍ ଧୀରେ କଥାବାର୍ତ୍ତା କରିପାରନ୍ତି । ତେଣୁ କଥା କହବାବେଳେ, ଧ୍ୱନିଗୁଡ଼ିକ ଗୋଟିଗୋଟି ହୋଇ ନରହି, ନିରବଚ୍ଛିନ୍ନ ଧାରାରେ ପ୍ରବାହିତ ହୋଇଥାଏ ଓ ପରସ୍ପର ସହିତ ମିଶିଯାଇଥାଏ । ଫଳରେ ଧ୍ୱନିର ରୂପ ତାହାର ବିଭିନ୍ନ ଗୁଣ ଯେପରିକି ଉଚ୍ଚାରଣର ମାତ୍ରା (Quantity), ସ୍ୱରାଘାତ (Accent), ବଳାଘାତ (Stress Accent) ଆଦି କାରଣରୁ ବହୁବିଧ ହୋଇଥାଏ ।

କେବେ ଆପଣ ଭାବିଛନ୍ତି କି କାହିଁକି ଆମେ 'ଶିକ୍ଷକ ଶ୍ରେଣୀରେ ପାଠ ପଢାଉଛି' ବାକ୍ୟ ବଦଳରେ 'ଶିକ୍ଷକ ଶ୍ରେଣୀରେ ପାଠ ପଢ଼ାଉଛନ୍ତି' ବୋଲି କହିଥାଉ? ବା କାହିଁକି ଛୋଟପିଲାଟିଏ 'ବାକ୍ସ'କୁ 'ବାସ୍କ', ପର୍ବତ କୁ ପବ୍ରତ ଭାବେ ଉଚ୍ଚାରଣ କରିଦେଇଥାଏ? ବା କାହିଁକି ଆମେ ଯାହା କହିବାକୁ ଚାହୁଁଥାଉ ତାହାକୁ ସଂପୂର୍ଣ୍ଣରୂପେ କହିପାରିନଥାଉ? ଏହିସବୁ ପ୍ରଶ୍ନର ଉତ୍ତର ଖୋଜିବା ସର୍ବଦା ଜଣେ ଭାଷାବିଜ୍ଞାନୀଙ୍କୁ ଆନ୍ଦୋଳିତ କରିଥାଏ । ଜଣେ ଭାଷାବିତ୍ ସର୍ବଦା କୌଣସି ଏକ ଭାଷାର ସଂରଚନା, ତାହାର ବ୍ୟବହାର, ତାହା ପଛରେ ଥିବା ଇତିହାସ ବା ମନସ୍ତତ୍ତ୍ୱ ଦିଗ ଉପରେ ଆଲୋକପାତ କରିଥାଏ । ତେଣୁ ଭାଷାବିଜ୍ଞାନ ସର୍ବଦା ଭାଷାର ପ୍ରକୃତି ଓ ଭାଷଣ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ହୋଇଥିବାରୁ ଭାଷାର ପରିବର୍ତ୍ତନ କହିଲେ ଏଥିରେ ନିହିତ ଧ୍ୱନି, ଶବ୍ଦ, ଅର୍ଥ ଇତ୍ୟାଦି ସମସ୍ତ ଦିଗର ପରିବର୍ତ୍ତନ ଜନିତ ଅଧ୍ୟୟନକୁ ବୁଝାଇଥାଏ । ଧ୍ୱନି ବିନାକୌଣସି ଉଦ୍ଦେଶ୍ୟରେ ବାୟୁ ବା ଅନ୍ୟକୌଣସି ଏକ ମାଧ୍ୟମରେ ତରଙ୍ଗାୟିତ ରୂପରେ ସଂଚରିତ ହୋଇଥାଏ । ଅର୍ଥାତ୍ ପୂର୍ବରୁ ପ୍ରଦତ୍ତ ଏକ ମାଧ୍ୟମରେ ଧ୍ୱନି ଗତି କରିଥାଏ । ଏହି ମାଧ୍ୟମର କୌଣସି ଏକ ପୃଷ୍ଠଦେଶରେ ଯେତେବେଳେ ଧ୍ୱନିତରଙ୍ଗ ଆଘାତପ୍ରାପ୍ତ ହୁଏ, ସେତେବେଳେ ତାହା ଅନ୍ୟ ଏକ ଦିଗରେ ପ୍ରତିଫଳିତ ହୋଇଯାଏ. ଯାହାକୁ ଆମେ ବୌଜ୍ଞାନିକ ଦୃଷ୍ଟିରୁ ଧ୍ୱନି ପରିବର୍ତ୍ତନ କହିଥାଉ ।

ପୂର୍ବ ଏକକରେ ଆପଣ ଧ୍ୱନି ବ୍ୟବସ୍ଥା ସଂପର୍କରେ ମୋଟାମୋଟି ଧାରଣା ପ୍ରାପ୍ତ କରି ସାରିଥିବାରୁ, ଆମେ ଏଠାରେ ପ୍ରଥମେ ଧ୍ୱନିର ବୈଶିଷ୍ଟ୍ୟ ଓ ତାହାକୁ ବିଶ୍ଳେଷଣ କରିବାକୁ ବ୍ୟବହୃତ ବିଭିନ୍ନ ଧ୍ୱନିମାପକ ଯନ୍ତ୍ର ସଂପର୍କରେ ଜାଣିବା; ଓ ପରେ ଧ୍ୱନିର ପରିବର୍ତ୍ତନର ବିଭିନ୍ନ କାରଣ ସଂପର୍କରେ ଅବଗତ ହେବା ।

## 3.3 ଧ୍ୱନି ଗୁଣ (Sound Quality)

ଧ୍ୱନି ଗୁଣକୁ ଧ୍ୱନି ଲକ୍ଷଣ (Sound Attribute) ବି କୁହାଯାଏ । ଏବେ ପର୍ଯ୍ୟନ୍ତେ ଆମେ ଭାଷାରେ ସ୍ୱର ବର୍ଗୀକରଣ ମାଧ୍ୟମରେ ସ୍ୱର ଓ ବ୍ୟଞ୍ଜନ ଧ୍ୱନି ସଂପର୍କରେ ଜାଣି ସାରିଛନ୍ତି । ମାତ୍ର ଏହି ଧ୍ୱନିଗୁଡ଼ିକୁ ଆମେ ଯାହା ଆଲୋଚନା କରିଛନ୍ତି, ସେମାନଙ୍କୁ ଅଲଗା ଅଲଗା କରି ବିଶ୍ଳେଷଣ କରିଛନ୍ତି, ବା ସେଗୁଡ଼ିକର ବୈଶିଷ୍ଟ୍ୟ ଜାଣିଛନ୍ତି। କୌଣସି ଭାଷାର ସାର୍ଥକ ଅବୟବ ବାକ୍ୟ । ବାକ୍ୟରେ ସ୍ୱର ଓ ବ୍ୟଞ୍ଜନ ଧ୍ୱନି ସ୍ୱତନ୍ତ୍ରରୂପେ ବ୍ୟବହୃତ ନହୋଇ ପରସ୍ପର ସହିତ ସମ୍ବନ୍ଧ ରକ୍ଷା କରି ଉଚ୍ଚାରିତ ହୋଇଥାନ୍ତି । ତେଣୁ ବିଭିନ୍ନ ଧ୍ୱନିର ଉଚ୍ଚାରଣରେ ମାତ୍ରା, ସ୍ୱର, ଆଘାତ ଓ ବୃତ୍ତି ଆଦିରେ ପାର୍ଥକ୍ୟ ଦେଖିବାକୁ ମିଳିଥାଏ । ଅନୁରୂପଭାବେ କୌଣସି ବାକ୍ୟରେ ବ୍ୟବହୃତ ଧ୍ୱନିର ବିବେଚନ କେବଳ ସ୍ୱର ବା ବ୍ୟଞ୍ଜନ ଆଧାରରେ ନହୋଇ ସେଥିରେ ବ୍ୟବହୃତ ଧ୍ୱନି ଉଚ୍ଚାରଣର ମାତ୍ରା (Quantity), ସ୍ୱରାଘାତ (Accent), ବଳାଘାତ (Stress Accent) ଆଦିର ଆଧାରରେ ହୋଇଥାଏ । ତବେ ପାଶ୍ଚାତ୍ୟ ଭାଷାବିଦ୍‌ମାନେ ଏହି ଧ୍ୱନିମାତ୍ରା ଓ ଆଘାତକୁ ବିଶେଷଭାବେ ଧ୍ୱନିଗୁଣ ରୂପେ ଗ୍ରହଣ କରିଛନ୍ତି ।

**ଧ୍ୱନିମାତ୍ରା:** ପାଶ୍ଚାତ୍ୟ ଭାଷାବିଦ୍‌ଗଣ ଧ୍ୱନିମାତ୍ରାକୁ ଆଲୋଚନା କରିବାକୁ ଯାଇ ପରିମାଣ (Quantity), ଦୀର୍ଘତା (Length), ଧ୍ୱନିକାଳ (Duration) ଆଦି ଶବ୍ଦର ବ୍ୟବହାର କରିଛନ୍ତି । ତେବେ ମୋଟାମୋଟି କୌଣସି ଧ୍ୱନିର ଉଚ୍ଚାରଣରେ ଯେଉଁ ସମୟ ଲାଗିଥାଏ, ତାହାକୁ ଧ୍ୱନିମାତ୍ରା ବା ଧ୍ୱନିଦୀର୍ଘତା କୁହାଯାଇପାରେ । କେତେକ ଧ୍ୱନିର ଉଚ୍ଚାରଣରେ କମ୍ ସମୟ ଲାଗୁଥିବାବେଳେ, ଆଉ କେତେକ ଧ୍ୱନିର ଉଚ୍ଚାରଣରେ ଅପେକ୍ଷାକୃତ ଅଧିକ ସମୟ ଲାଗିଥାଏ । ଏହି ଆଧାରରେ ସଂସ୍କୃତ ଭାଷାବିଦ୍‌ମାନେ ସଂସ୍କୃତରେ ବ୍ୟବହୃତ ଧ୍ୱନିକୁ ହ୍ରସ୍ୱ, ଦୀର୍ଘ ଓ ପ୍ଳୁତ ଭାବେ ତିନି ଭାଗରେ ବିଭକ୍ତ କରିଛନ୍ତି । ଇଂରାଜୀ ଭାଷାବିଦ୍‌ଗଣ ଏହି ଧ୍ୱନି ଦୀର୍ଘତାକୁ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି, ଯଥା: ପ୍ଳୁତ (Over long), ଦୀର୍ଘ (long), ଦୀର୍ଘାର୍ଦ୍ଧ (Half long), ହ୍ରସ୍ୱ (Short), ହ୍ରସ୍ୱାର୍ଦ୍ଧ (Half short) । ପରୀକ୍ଷା ଦ୍ୱାରା ଏହା ଜମାଯାଇଛି ଯେ, ଇଂରାଜୀ ହ୍ରସ୍ୱ ସ୍ୱରର ଉଚ୍ଚାରଣରେ ପାଖାପାଖି 118 ସେକେଣ୍ଡ ଓ ଦୀର୍ଘ ଧ୍ୱନିର ଉଚ୍ଚାରଣରେ ପାଖାପାଖି 318 ସେକେଣ୍ଡ ଲାଗିଥାଏ ।

**ସ୍ୱରାଘାତ ବା ଆକ୍‌ସେଣ୍ଟ (Accent) :** ସ୍ୱରାଘାତର ପ୍ରୟୋଗ ଉପରେ ବିଭିନ୍ନ ବିଦ୍ୱାନ ଭିନ୍ନଭିନ୍ନ ମତ ପୋଷଣ କରିଥାନ୍ତି । ପାମର (Palmer) ଏହାକୁ ବ୍ୟାପକ ଅର୍ଥରେ ପ୍ରୟୋଗ କରି ଏହାଭିତରେ ଧ୍ୱନିପ୍ରକୃତି, ଧ୍ୱନିଦୀର୍ଘତା, ବଳାଘାତ (Stress), ସ୍ୱରଲହର (Intonation) କୁ ଅନ୍ତର୍ଭୁକ୍ତ କରିଥିବାବେଳେ, ଆଉ କେତେକ ଭାଷାବିତ୍ ଏହାକୁ କେବଳ ବଳାଘାତ ଅର୍ଥରେ ବ୍ୟବହାର କରିଥାନ୍ତି ।

**ବଳାଘାତ (Stress) :** ସାଧାରଣ କଥାବାର୍ତ୍ତାରେ ଯେଉଁ ଧ୍ୱନିଗୁଡ଼ିକ ଉପରେ ବଳ ଅଧିକ ପ୍ରୟୋଗ କରାଯାଏ, ତାହାକୁ ବଳାଘାତଯୁକ୍ତ ଧ୍ୱନି କୁହାଯାଏ । ଭାଷାର ଲିଖିତ ରୂପରେ ଏହି ବଳାଘାତକୁ ସେତେ ଅଧିକ ସ୍ପଷ୍ଟରୂପେ ପ୍ରକାଶ କରାଯାଇପାରେନାହିଁ । ଇଂରାଜୀ ଗୋଟିଏ ବଳାଘାତ ପ୍ରଧାନ ଭାଷା । ଏହି ଭାଷାର କୌଣସି ଶବ୍ଦକୁ କିପରି ଉଚ୍ଚାରଣ କରାଯିବା ବା କେଉଁ ଧ୍ୱନି ଉପରେ ଅଧିକ ବଳ ଦେବାକୁ ହେବ, ତାହାକୁ ଅଭିଧାନରେ ସୂଚିତ କରାଯାଇଥାଏ । ଉଦାହରଣ ସ୍ୱରୂପ Con'duct ଶବ୍ଦରେ ପ୍ରଥମ ସ୍ୱର କନ୍ ଉପରେ ବଳାଘାତ ଦେଲେ ତାହା ବିଶେଷ୍ୟସୂଚକ ପଦ ହୋଇଥାଏ ଓ ଏହା ଚରିତ୍ର ବା ଆଚରଣକୁ ବୁଝାଇଥାଏ । ମାତ୍ର, Conduct' ଶବ୍ଦରେ ଯଦି ବଳାଘାତ ଡକ୍ଟ ଉପରେ ଦିଆଯାଏ, ତେବେ ତାହା କ୍ରିୟାବାଚକ ପଦ ହୋଇଥାଏ ଓ ଏହା ବ୍ୟବହାର କରିବାର ଅର୍ଥକୁ ବୁଝାଇଥାଏ । ଫରାସୀ ଭାଷାରେ ବି ବହୁ ବଳାଘାତଯୁକ୍ତ ଶବ୍ଦର ବ୍ୟବହାର ହୋଇଥାଏ । ଏହି ବଳାଗାତକୁ ସୂଚାଇବାପାଇଁ " ' " ଉଦାତ୍ତ ଚିହ୍ନର ବ୍ୟବହାର କରାଯାଇଥାଏ । ଉଦାହରଣ ସ୍ୱରୂପ ଓଡ଼ିଆରେ ଯଦି 'ଇନ୍ଦ୍ରଶତ୍ରୁ' ଶବ୍ଦରୁ ଇନ୍ଦ୍ର ଉପରେ ବଳାଘାତ ପ୍ରୟୋଗ କରି ଉଚ୍ଚାରଣ କରାଯାଏ, ତେବେ ଏହା ବହୁବ୍ରିହୀ ସମାସ ହୁଏ, ଏବଂ ଏହା ଇନ୍ଦ୍ରଙ୍କୁ ଶତ୍ରୁ ରୂପେ ପରିଭାଷିତ କରିଥାଏ । ମାତ୍ର 'ଇନ୍ଦ୍ରଶତ୍ରୁ' ଶବ୍ଦରୁ ଶତ୍ରୁ ଉପରେ ବଳାଘାତ ପ୍ରୟୋଗ କରି ଉଚ୍ଚାରଣ କଲେ ଏହା ତତ୍‌ପୁରୁଷ ସମାସ ହୁଏ ଏବଂ ଏହା ଇନ୍ଦ୍ରଙ୍କର ଶତ୍ରୁକୁ ବୁଝାଇଥାଏ ।

**ସୁର ବା ସ୍ୱର (Tone, Pitch) :** ସ୍ୱରକୁ କେହି କେହୁ ସୁର ବି କହିଥାନ୍ତି । ସ୍ୱରର ସମ୍ବନ୍ଧ ସ୍ୱରତନ୍ତ୍ରୀରେ କମ୍ପନର ଆବୃତ୍ତି (frequency) ଉପରେ ନିର୍ଭର କରିଥାଏ । ଏହି କମ୍ପନ ଯେତେ ଅଧିକ ହୁଏ, ସ୍ୱର ସେତିକି ଉଚ୍ଚା ହୋଇଥାଏ ଓ କମ୍ପନ ଯେତିକି କମ୍ ହୁଏ, ସ୍ୱର ତଦନୁରୂପ କମ୍ ହୋଇଥାଏ । ସଙ୍ଗୀତଶାସ୍ତ୍ରରେ ନିଜର ଇଚ୍ଛା ଓ

ଆବଶ୍ୟକତାନୁସାରେ ସଙ୍ଗୀତଜ୍ଞ ସ୍ୱରର ଉଚ୍ଚତା ଓ ନିମ୍ନତାକୁ ବଢାଇଥାନ୍ତି ବା କମାଇଥାନ୍ତି । ଆଗରୁ ଆମେ ଅଘୋଷ ଓ ସଘୋଷ ଧ୍ୱନି ସଂପର୍କରେ ଜାଣିସାରିଛନ୍ତି । ଅଘୋଷ ଧ୍ୱନିର ଉଚ୍ଚାରଣରେ ସ୍ୱରତନ୍ତ୍ରୀରେ କମ୍ପନ ରହୁନଥିବାରୁ ଏଥିରେ ସ୍ୱରର ସମ୍ଭାବନା ରହିନଥାଏ । ମାତ୍ର ସ୍ୱର ମୁଖ୍ୟତଃ ଘୋଷ ଧ୍ୱନି ଉପେର ନିର୍ଭର କରିଥାଏ ପ୍ରତ୍ୟେକ ବ୍ୟକ୍ତି ଯେପରି କଥାବାର୍ତ୍ତା କଲାବେଳେ ଏକ ଶବ୍ଦକୁ ଭିନ୍ନଭିନ୍ନ ବଳାଘାତ ପ୍ରୟୋଗ କରି ଉଚ୍ଚାରଣ କରିଥାନ୍ତି, ସେହିପରି ଶବ୍ଦ ବା ବାକ୍ୟର ଉଚ୍ଚାରଣରେ ସ୍ୱର ସମାନ ହୋଇନଥାଏ, କ୍ରୋଧ, ଆବେଗ, ହସ, ଭୟ ଆଦି କ୍ଷେତ୍ରରେ ସ୍ୱର ଉଚ୍ଚ ହୋଇଯାଇଥାଏ । ସ୍ୱରର ଉଚ୍ଚତାକୁ ଆମେ ଆରୋହ ଓ ଏହାର ନିମ୍ନତାକୁ ଅବରୋହ କହିଥାଉ । ଗ୍ରୀକ୍ ଭାଷାରେ ଏକ୍ୟୁଟ୍ (Acute), ଗ୍ରେଭ୍ (Grave) ଓ ସରକମ୍ଫ୍ଲେକ୍ସ (Circumflex) ଭଳି ତିନୋଟି ସ୍ୱରର ପ୍ରଚଳନ ରହିଛି । ସଂସ୍କୃତରେ ଏହି ସ୍ୱରକୁ ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ଭାବେ ତିନିଭାଗରେ ବିଭକ୍ତ କରାଯାଇଛି।

**ସ୍ୱରଲହର (intonation) :** ଶବ୍ଦ ବା ବାକ୍ୟରେ ଆରୋହ ଓ ଅବରୋହର କ୍ରମକୁ ସ୍ୱରଲହର କୁହାଯାଏ । ପ୍ରତ୍ୟେକ ବାକ୍ୟରେ ଏହି ସ୍ୱର ଲହର ଆରମ୍ଭରୁ ଉଚ୍ଚାରଣର ଶେଷ ପର୍ଯ୍ୟନ୍ତ ରହିଥାଏ । ଇଂରାଜୀ ଭାଷାର ସ୍ୱରଲହରରେ କ୍ରମିକ ଆରୋହ ଓ ଅବରୋହକୁ ଦେଖିବାକୁ ମିଳିଥାଏ । ଅନୁରୂପଭାବେ ଫରାସୀ ଭାଷାରେ ସ୍ୱରଲହର କ୍ରମଶଃ ଆରୋହ ସ୍ତରକୁ ଯାଇ ଅନ୍ତିମ ଧ୍ୱନିରେ ହଠାତ୍ ଅବରୋହ ସ୍ତରକୁ ଆସିଥାଏ ।

**ସ୍ୱରସନ୍ଧି (Juncture)** : ସମ୍ବନ୍ଧ ବାକ୍ୟରେ ଗୋଟିଏ ଧ୍ୱନିର ଉଚ୍ଚାରଣ ପରେପରେ ଆଉଗୋଟିଏ ଧ୍ୱନି ସ୍ୱତଃ ଆସିଥାଏ । ବକ୍ତା ଗୋଟିଏ ଧ୍ୱନିର ଉଚ୍ଚାରଣକୁ ପୂରା କରି ଦ୍ୱିତୀୟ ଧ୍ୱନିକୁ ଉଚ୍ଚାରଣ କରିଥାଏ । ତେବେ ଏହି ଧ୍ୱନି ଉଚ୍ଚାରଣ କ୍ରମ ସାଧାରଣତଃ ଦୁଇପ୍ରାକର ହୋଇଥାଏ । ଯଥା, (କ) ବିରାମରହିତ ଧ୍ୱନିର ଆଗମନ, (ଖ) ବିରାମ ସହିତ ଧ୍ୱନିର ଆଗମନ, ଯେପରିକି 'ବରଜି ବରଷେ' ଓ 'ବରଜିବ ରଷେ' , ମୁଖରତା ଓ ମୁଖ ରତା । ତେବେ, ଶବ୍ଦର ଉଚ୍ଚାରଣରେ ଏହି ବିରାମ ରହିତ ବା ବିରାମ ବି ଅର୍ଥରେ ପରିବର୍ତ୍ତନ ଆଣିଥାଏ । ଓଡ଼ିଆ ସାହିତ୍ୟରେ ଶ୍ଳେଷାଳଙ୍କାରରେ ଏହାର ବହୁତ ପ୍ରୟୋଗ ଦେଖିବାକୁ ମିଳିଥାଏ ।

## 3.4 ବିଭିନ୍ନ ଧ୍ୱନିମାପକ ଯନ୍ତ୍ର

ବକ୍ତାଦ୍ୱରା ଉଚ୍ଚାରିତ ଧ୍ୱନିସମୂହ ଧ୍ୱନିତରଙ୍ଗ ମାଧମରେ ଶ୍ରୋତା ନିକଟରେ ପହଞ୍ଚିଥାଏ ଏବଂ ଏହି ଧ୍ୱନିତରଙ୍ଗକୁ ଗ୍ରହଣ କରି ଶ୍ରେତା ତାହାର ଅର୍ଥକୁ ବୁଝିଥାଏ। କୌଣସି ଧ୍ୱନିର ବିଶେଷ ପ୍ରକାର ସାଧାରଣତଃ ଧ୍ୱନିର ତାରତ୍ୱ (Pitch), ଆୟତନ (Volume) ଓ ଅନୁନାଦ (ଭିତରୁ ଆସୁଥିବା ବାୟୁର ଶକ୍ତି) ଉପରେ ନିର୍ଭର କରେ । ଏବେ ଭୌତିକ ଧ୍ୱନିବିଜ୍ଞାନ ଅଧ୍ୟୟନରେ ବହୁ ଅଗ୍ରହତି ହେତୁ ବିଭିନ୍ନ ଚିତ୍ରଦ୍ୱାରା ଏହି ଧ୍ୱନିତରଙ୍ଗର ଚିତ୍ର ନିଆଯିବା ସହିତ ଏହାର ବିଶ୍ଳେଷଣ ମଧ୍ୟ କରାଯାଇପାରୁଛି । ଏହି ବିଶ୍ଳେଷଣ ମାଧ୍ୟମରେ ଧ୍ୱନିର ଆବୃତ୍ତି (frequency), ତରଙ୍ଗ ଦୈର୍ଘ୍ୟ (Wave length), ଧ୍ୱନିଆୟାମ (Amplitude), ତୀବ୍ରତା (intensity)କୁ ମପା ଯାଇପାରୁଛି। ବଜାରରେ ଉପଲବ୍ଧ ବିଭିନ୍ନ ଧ୍ୱନିମାପକ ଯନ୍ତ୍ର ସଂପର୍କରେ ଏବେ ଆମେ ଜାଣିବା।

## 3.4.1 ପାଲେଟୋଗ୍ରାଫ୍ (Palatograph)

ଧ୍ୱନିମାପକ ଯନ୍ତ୍ର ଭିତରୁ ଏଇଟି ବହୁତ ପୁରୁଣା ଯନ୍ତ୍ରଟିଏ । ଏଥିରେ କୃତ୍ରିମ ତାଲୁ (Artificial Palate ) ର ବ୍ୟବହାର କରାଯାଇଥାଏ । ଏହାକୁ ମୁଖରେ ଦାନ୍ତର ପଛରେ ଲଗାଯାଇଥାଏ । ଯେଉଁ ଧ୍ୱନିର ପରୀକ୍ଷା କରିବାକୁ ଥାଏ, ତାହାକୁ ଉଚ୍ଚାରଣ କଲେ, ଜିହ୍ୱା କୃତ୍ରିମ ତାଲୁକୁ ସ୍ପର୍ଶ କରି ଏକ ଚିହ୍ନ ସୃଷ୍ଟି କରେ । ଏହାମାଧ୍ୟମରେ ଧ୍ୱନିର ଉଚ୍ଚାରଣ ସ୍ଥାନକୁ ନିଶ୍ଚିତ କରାଯାଇଥାଏ ।

## 3.4.2 କାଇମୋଗ୍ରାଫ୍ (Kymograph)

ଏହି ଯନ୍ତ୍ର ସଘୋଷ ବା ଅଘୋଷ ଧ୍ୱନିରେ ହେଉଥିବା କମ୍ପନଭେଦକୁ ସ୍ପଷ୍ଟରୂପେ ସୂଚାଇଥାଏ । ଅଘୋଷଧ୍ୱନିର ଉଚ୍ଚାରଣବେଳେ ଏହାର ଧ୍ୱନିତରଙ୍ଗ ଚିତ୍ର ସିଧା ଗାରଟି ଭଳି ହୋଇଥାଏ, ମାତ୍ର ସଘୋଷଧ୍ୱନିର ଉଚ୍ଚାରଣରେ ମୁହଁରେ କମ୍ପନ ଆସୁଥିବାରୁ ଏହାର ଚିତ୍ର ତରଙ୍ଗ ଚିତ୍ରଭଳି ଉପରତଳ ହୋଇଥାଏ। ଏବେ ଏହି କାଇମୋଗ୍ରାଫର ବିକଶିତ ରୂପ ଇଙ୍କ୍ ରାଇଟର୍ (Ink-writer) ଇଲେକ୍ଟ୍ରୋ କାଇମୋଗ୍ରାଫ୍ (Electro Kymograph), ମିଙ୍ଗୋଗ୍ରାଫ୍ (Mingograph), କ୍ରୋମୋଗ୍ରାଫ୍ (Chromograph) ଆଦି ଭାବରେ ବଜାରରେ ଉପଲବ୍ଧ ହେଲାଣି ।

## 3.4.3 ଓସିଲୋଗ୍ରାଫ୍ (Oscillograph)

ଧ୍ୱନିବିଜ୍ଞାନ ଅଧ୍ୟୟନରେ ଓସିଲୋଗ୍ରାଫ୍ ଏକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର ।ଏଥିରେ କଥା କହିଲେ, ଧ୍ୱନିତରଙ୍ଗର ନିର୍ମାଣ ହୋଇଥାଏ ଏବଂ ଏହି ଧ୍ୱନି ତରଙ୍ଗ ସ୍କ୍ରୀନ୍‌ରେ ଦେଖାଯାଇଥାଏ । ଏହି ଯନ୍ତ୍ର ମାଧ୍ୟମରେ ଧ୍ୱନିଗୁଡ଼ିକର ଉଚ୍ଚାରଣରେ ଲାଗୁଥିବା ସମୟ ଉପରେ ସୂକ୍ଷ୍ମତର ଜ୍ଞାନ ପ୍ରାପ୍ତ ହୋଇଥାଏ।ଏହାଦ୍ୱାରା ଧ୍ୱନିର ତୀବ୍ରତାକୁ ବି ମପାଯାଇପାରେ ।ଓସିଲୋଗ୍ରାଫ୍ ରେ ଅଙ୍କିତ ହେଉଥିବା ଧ୍ୱନି ତରଙ୍ଗକୁ ଓସିଲୋଗ୍ରାମ୍ କୁହାଯାଇଥାଏ ।

## 3.4.4 ସ୍ପେକ୍ଟ୍ରୋଗ୍ରାଫ୍

ଏହି ଯନ୍ତ୍ରକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାମରିକ ଉପଯୋଗ ପାଇଁ ନିର୍ମାଣ କରାଯାଇଥିଲା, ମାତ୍ର ଏବେ ଏହା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଭାଷାବିଜ୍ଞାନର ଅଧ୍ୟୟନପାଇଁ ବ୍ୟବହାର କରାଯାଉଛି । ଏହାଦ୍ୱାରା ଧ୍ୱନିଗୁଡ଼ିକର ମୂଳ ସ୍ୱରୂପ, ଏଥିରେ ବିଭିନ୍ନ ପରିବର୍ତ୍ତନ, ମୂଳ ସ୍ୱର ଓ ସଂଯୁକ୍ତ ସ୍ୱରରେ ଭେଦ ଆଦିକୁ ସ୍ପଷ୍ଟରୂପେ ଜଣାପଡିଥାଏ।ଏହି ମେସିନ୍‌ର ବିକଶିତ ରୂପ ଆଜିକାଲି ସୋନୋଗ୍ରାଫ୍ (Sonograph), କାର୍ଡିଆଲାଇଜର (Cardializer), ଭାଇବ୍ରାଲାଇଜର (Vibralizer) ଆଦି ଭଳି ବିଭିନ୍ନ ରୂପରେ ଉପଲବ୍ଧ ହେଉଛି ।

ଏହା ବ୍ୟତୀତ ଟେପ୍ ରେକର୍ଡର (Tape Recorder), ସ୍ପିଚ୍ ଷ୍ଟ୍ରେଚର (Speech Stretcher), ପ୍ୟାଟର୍ନ ପ୍ଲେବ୍ୟାକ୍ (Pattern Playback), ଟ୍ରାନ୍ସ ପିଚ୍‌ମିଟର (Trans pitch meter), କମ୍ପ୍ୟୁଟର (Computer), ଇଣ୍ଟେନସିଟିମିଟର (Intensity meter), ଅଟୋ-ଫୋନୋସ୍କୋପ୍ (Auto-phonoscope), ଗ୍ଲୋଟୋଗ୍ରାଫ୍ (Glotograph), ମନୋଗ୍ରାଫ୍ (Monograph), ଏୟାରମିଟର (Air meter), ଲାଉଡନେସ୍ ଆନାଲାଇଜର (Loudness Analyzer) ଆଦି ଭଳି ବହୁ ଧ୍ୱନିମାପକ ଓ ବିଶ୍ଳେଷଣ ଯନ୍ତ୍ରର ବିକାଶ ଓ ପ୍ରୟୋଗ ହେତୁ ଏବେ ଧ୍ୱନିବିଜ୍ଞାନ ଅଧ୍ୟୟନରେ ଉଲ୍ଲେଖନୀୟ ବିକାଶ ଘଟିଛି।

*ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 1*

(କ) ଧ୍ୱନିଗୁଣର ନିର୍ଦ୍ଧାରଣରେ ବଳାଘାତର ଭୂମିକା ନିର୍ଦ୍ଧାରଣ କର। (30ଟି ଶବ୍ଦରେ)

(ଖ) ବିଭିନ୍ନ ଧ୍ୱନିମାପକ ଯନ୍ତ୍ର ସଂପର୍କରେ ସଂକ୍ଷିପ୍ତରେ ଆଲୋଚନା କର। (100ଟି ଶବ୍ଦରେ)

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## 3.5 ଧ୍ୱନି ପରିବର୍ତ୍ତନ କାହାକୁ କହନ୍ତି?

ଭାଷଣ ପ୍ରକ୍ରିୟାରେ ବକ୍ତା, ଶ୍ରୋତା ଓ ଭାଷା ପ୍ରବାହର ମାଧ୍ୟମ ସଭିଏଁ ସମାନ ଗୁରୁତ୍ୱ ବହନ କରନ୍ତି। କଥା କହିଲାବେଳେ ଧ୍ୱନିଗୁଡ଼ିକ ଗୋଟିଗୋଟି ହୋଇ ନରହି ପରସ୍ପର ସହିତ ମିଶି ସଂଶ୍ଳେଷଣ ଅବସ୍ଥାରେ ରହିଥାନ୍ତି। ଗୋଟିଏ ଧ୍ୱନିର ଶେଷ ନ ହେଉଣୁ ଆଉ ଗୋଟାଏ ଧ୍ୱନିର ଆରମ୍ଭ ହୋଇଯାଏ। ତେଣୁ ବକ୍ତାଙ୍କର କହିବା, ଶ୍ରୋତାଙ୍କର ଶୁଣିବା ଓ ଉଭୟଙ୍କ ମଧ୍ୟରେ ଥିବା ବ୍ୟବଧାନରେ ପ୍ରବାହିତ ଧ୍ୱନିରେ ଯଦି ବୈଷମ୍ୟ ଘଟେ ତେବେ ଧ୍ୱନି ପରିବର୍ତ୍ତନ ବା ପାର୍ଥକ୍ୟ ଘଟିବା ସ୍ୱାଭାବିକ। ଭାଷାର ପ୍ରବାହରେ ଏହି ଅନ୍ତର୍ନିହିତ ଧ୍ୱନିଗତ ପରିବର୍ତ୍ତନକୁ 'ଧ୍ୱନି ପରିବର୍ତ୍ତନ' କୁହାଯାଏ।

ଧ୍ୱନି କେଉଁଠାରୁ ଓ କିପରି ପରିବର୍ତ୍ତିତ ହେଉଛି ସେ ସମ୍ବନ୍ଧରେ ଅଧିକ ବିଜ୍ଞାନ ସମ୍ବଳିତ ସମାଧାନର ଆବଶ୍ୟକତା ରହିଥିଲେ ମଧ୍ୟ, ଧ୍ୱନିରେ ଘଟୁଥିବା ନିରବଚ୍ଛିନ୍ନ ପରିବର୍ତ୍ତନକୁ ଅସ୍ୱୀକାର କରାଯାଇନପାରେ। ତେବେ ଏ କଥା ମଧ୍ୟ ସତ୍ୟ ଯେ, କୌଣସି ବକ୍ତା ଭାଷାରେ ଧ୍ୱନିର ପରିବର୍ତ୍ତନ ପରେ ଭାଷା କେଉଁଭଳି ପ୍ରକାଶିତ ହେଉଛି ତାହାକୁ ଦେଖିବାର ଉଦ୍ଦେଶ୍ୟ ରଖିନଥାଏ କି ଏହି ପରିବର୍ତ୍ତନ ମାଧ୍ୟମରେ ଭାଷାକୁ ବିକାଶ କରିବାର ଉଦ୍ଦେଶ୍ୟ ମଧ୍ୟ ରଖିନଥାଏ। ବରଂ ଜଣେ ବକ୍ତା କିପରି ତାର ଭାଷା ଶ୍ରୋତାଦ୍ୱାରା ଯଥାଶୀଘ୍ର ଓ ସହଜରେ ବୁଝାଯାଇପାରିବ ସେହି ଉଦ୍ଦେଶ୍ୟ ରଖିଥାଏ (ପ୍ୟାସି 1890)।

## 3.6 ଧ୍ୱନି ପରିବର୍ତ୍ତନର ବିଭିନ୍ନ କାରଣ

କୌଣସି ଭାଷାରେ ଥିବା ଧ୍ୱନିରେ ପରିବର୍ତ୍ତନର କାରଣ ଶାରୀରିକ, ମାନସିକ, ରାଜନୀତିକ, ସାଂସ୍କୃତିକ ଓ ଭୌଗୋଳିକ ଆଦି ବିଭିନ୍ନ ଭିତ୍ତି ଉପରେ ନିର୍ଭର କରିଥାଏ। କୌଣସି ଭାଷାରେ ଧ୍ୱନି ପରିବର୍ତ୍ତନର କାରଣକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ, ଯଥା ବାହ୍ୟକାରଣ ଓ ଅନ୍ତଃକାରଣ । ଭାଷାରେ ଧ୍ୱନିର ପରିବର୍ତ୍ତନ ଉପରୋକ୍ତ ବିଭିନ୍ନ କାରଣରୁ ଘଟୁଥିବାରୁ, ଏହିସବୁ ଭିତ୍ତି ଉପରେ ଗଢ଼ିଉଠିଥିବା କାରଣଗୁଡ଼ିକୁ ନିମ୍ନୋକ୍ତ ପ୍ରକାରେ ବିଶ୍ଳେଷଣ କରାଯାଇପାରେ –

### 3.6.1 ବାଗ୍‌ଯନ୍ତ୍ରରେ ବିଭିନ୍ନତା

ପ୍ରତ୍ୟେକ ମଣିଷର ବାଗଯନ୍ତ୍ର ଅନ୍ୟଠାରୁ ଅଲଗା ହୋଇଥିବାରୁ କୌଣସି ଧ୍ୱନିର ଉଚ୍ଚାରଣ ଜଣେ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିଠାରେ ଅଳ୍ପ ବହୁତେ ଭିନ୍ନ ହୋଇପାରେ। ଯଦିଓ ଏହି ପ୍ରଭେଦ ସୀମିତ ବ୍ୟକ୍ତି, ପରିସର ଓ ସମୟ ମଧ୍ୟରେ ସ୍ପଷ୍ଟ ଜଣାପଡ଼େନାହିଁ, କିନ୍ତୁ ସ୍ଥାନକାଳପାତ୍ରର ବ୍ୟାପକତାରେ ଏହି ପ୍ରଭେଦ ସ୍ପଷ୍ଟ ଜଣାପଡ଼େ।

ଜଣେ ବ୍ୟକ୍ତି ସଂଗୀତର ଗୋଟିଏ ପଦକୁ ଲଳିତ ମଧୁର ଧ୍ୱନିରେ ଗାୟନ କରିପାରୁଥିବାବେଳେ ଅନ୍ୟଜଣେ ଗୀତ ଗାଇପାରେନାହିଁ। ଗାଇଲେ ବି ତାହା ମଧୁର ହୁଏନାହିଁ। ତେବେ ଆଧୁନିକ ଭାଷାବିତ୍ କିନ୍ତୁ ଏହି ମତ ସହିତ ଏକମତ ହୋଇପାରନ୍ତି ନାହିଁ। ଆହୁରି ମଧ୍ୟ କେତେକଙ୍କ ଧାରଣା ଯେ କେତେକ ଭାଷାର ଧ୍ୱନିକୁ ଉଚ୍ଚାରଣ କରିବା ସଂପୂର୍ଣ୍ଣ ଅସମ୍ଭବ। ଆଫ୍ରିକୀୟ ଭାଷାଗୁଡ଼ିକରେ ଯେଉଁ ଅନ୍ତଃସ୍ଫୋଟୋ ଧ୍ୱନି ବ୍ୟବହୃତ ହୁଏ, ତାହା ଶୁଣିଲେ ମଧ୍ୟ ଉଚ୍ଚାରଣ କରିବା ଅନ୍ୟ ଭାଷାଭାଷୀ ଲୋକଙ୍କ ପାଇଁ କଷ୍ଟସାଧ୍ୟ ହୋଇଥାଏ।

## 3.6.2 ଶ୍ରବଣେନ୍ଦ୍ରିୟର ଗଠନରେ ଭିନ୍ନତା ଓ ସମସ୍ୟା

ଜଣେ ଉତ୍ତମ ଶ୍ରୋତା ହିଁ ଉତ୍ତମ ବକ୍ତା। ଜଣେ ତା'ର କାନରେ ଭୁଲ୍ ଶବ୍ଦଟିଏ ଶୁଣିଲେ ତାହାକୁ ଭ୍ରାନ୍ତ ରୂପେ ଉଚ୍ଚାରଣ କରିଥାଏ। ମାନବ ଶିଶୁଟି ତା'ର ମାତା, ପିତା ଓ ପାରିପାର୍ଶ୍ୱିକ ପରିବେଶରୁ ବିଭିନ୍ନ ବିଷୟ ଶୁଣି ଶୁଣି ଧୀରେ ଧୀରେ ଭାଷା ଶିକ୍ଷା କରିଥାଏ। ତେଣୁ ଶ୍ରବଣେନ୍ଦ୍ରିୟରେ ବିଭିନ୍ନତା ହେତୁ ଧ୍ୱନିରେ ପରିବର୍ତ୍ତନ ଘଟିଥାଏ। ଉଦାହରଣ ସ୍ୱରୂପ 'ପନ୍ଦର' ଶବ୍ଦକୁ 'ବନ୍ଦର' ଭଳି ଶୁଣିଲେ ତାହାକୁ ସେହିଭଳି ଉଚ୍ଚାରିତ  କରିଥାଏ। ଫଳରେ ଭାଷାରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରୀୟ ପରିବେଶରେ ଭ୍ରାନ୍ତ ଶବ୍ଦଟିଏ ପ୍ରଚଳିତ ହୋଇଥାଏ। ଓଡ଼ିଆରେ କେତେକ ବକ୍ତା 'ବ୍ରହ୍ମପୁର'କୁ 'ବରହମପୁର', 'ପାଳୁଅ'କୁ 'ପାରୁଅ', 'ଆମ୍ବେର' କୁ 'ଅମ୍ବର' 'ଓଡ଼ିଶା'କୁ 'ଉଡ଼ିଶା/ଓରିଶା' ଆଦି ଭଳି ଉଚ୍ଚାରିତ କରିଥାନ୍ତି। ଧ୍ୱନିବିଦ୍‌ମାନଙ୍କ ମତରେ ସ୍ପର୍ଶଧ୍ୱନି ଅପେକ୍ଷା ପାର୍ଶ୍ୱିକ ଓ ନାସିକ୍ୟ ଧ୍ୱନି ଅଧିକ ଶ୍ରୁତିଗମ୍ୟ । ଅନୁରୂପଭାବେ ଶୁଣିବାଟା ତ୍ରୁଟିପୂର୍ଣ୍ଣ ହେଲେ, ତଦନୁସାରେ କହିବାଟା ତ୍ରୁଟିପୂର୍ଣ୍ଣ ହୋଇ ଭାଷିକ ଧ୍ୱନିରେ ପରିବର୍ତ୍ତନ ଘଟିଥାଏ ।

## 3.6.3 ଅନୁକରଣରେ ଅପୂର୍ଣ୍ଣତା

ମାନବର ଆଙ୍ଗିକ ଓ ମାନସିକ ସଂଘଟନରେ ଭିନ୍ନତା ହିଁ ଅନୁକରଣରେ ଅପୂର୍ଣ୍ଣତାର ପ୍ରମୁଖ କାରଣ। ବାଗଯନ୍ତ୍ର ପରି ଶ୍ରବଣେନ୍ଦ୍ରିୟରେ ବ୍ୟତିକ୍ରମ ମଧ୍ୟ ଧ୍ୱନି ପରିବର୍ତ୍ତନର କାରଣ ହୁଏ। ଉଦାହରଣ ସ୍ୱରୂପ ଯଦି କେହି 'ଚାଉଳ'କୁ 'ଚାଉର' ରୂପରେ ଶୁଣେ ତେବେ ତାହାକୁ ସେହିଭାବେ ଉଚ୍ଚାରଣ କରିଥାଏ। ଆହୁରି ମଧ୍ୟ ଅଜ୍ଞାନତା ହେତୁ ବ୍ୟକ୍ତି ଅପୂର୍ଣ୍ଣ ଉଚ୍ଚାରଣ କରିଥାଏ। ଶବ୍ଦର ଶୁଦ୍ଧ ରୂପ କଣ ହେବା ଉଚିତ, ଏହାର ଅର୍ଥ କଣ, ଏହି ଜ୍ଞାନ ନହେବା ହେତୁ ବକ୍ତା ବହୁ ସମୟରେ ଭୁଲ୍ ଉଚ୍ଚାରଣ କରିଥାନ୍ତି।

ମଣିଷ ତାହାର ପରିପାର୍ଶ୍ୱରୁ ଭାଷାକୁ ଅନୁକରଣ ମାଧ୍ୟମରେ  ଶିକ୍ଷା ଲାଭ କରିଥାଏ। ଯଦି ଏହି ଅନୁକରଣରେ ଅପୂର୍ଣ୍ଣତା ରହିଯାଏ, ତେବେ କଥକ ଅପୂର୍ଣ୍ଣ ଶବ୍ଦ ବା ଭ୍ରାମକ ଶବ୍ଦର ଉଚ୍ଚାରଣ କରିଥାନ୍ତି। ଏହି କ୍ରମରେ ଇଂରାଜୀ ଭାଷାରୁ 'ଗ୍ଲାସ୍' ଶବ୍ଦକୁ ଓଡ଼ିଆରେ ଏବେ କେହିକେହି 'ଗିଲାସ' କହିଥାନ୍ତି। 'ରିକ୍ସା' ଶବ୍ଦକୁ 'ରିସ୍କା', 'କମ୍ପ୍ୟୁଟର'କୁ 'କମ୍ପୁଟର', 'ବ୍ରାହ୍ମଣ' କୁ 'ବାହ୍ମଣ' ଆଦି ଶବ୍ଦର ଉତ୍ପତ୍ତି ବା ପ୍ରଚଳନ ପଛରେ ଏହି ଅନୁକରଣରେ ଅପୂର୍ଣ୍ଣତା କାରଣ ବହୁଭାବେ ବିଦ୍ୟମାନ। ଛୋଟ ଶିଶୁଟିଏ ତାହାର ପ୍ରାରମ୍ଭିକ ସମୟରେ ଏହି ଅନୁକରଣରୁ ହିଁ ଭାଷା ଶିକ୍ଷା କରିଥାଏ ଓ ପ୍ରାଥମିକ ଅବସ୍ଥାରେ ଅଳ୍ପ ଅଳ୍ପ ଉଚ୍ଚାରଣ କରିପାରୁଥିବା ଶବ୍ଦଟିକୁ ପରେ ପୂର୍ଣ୍ଣ ଅନୁକରଣ ହେତୁ ସ୍ପଷ୍ଟରୂପେ କହିପାରେ। ସେହିପରି ବିଦେଶୀ ଶବ୍ଦ ବା ଅପରିଚିତ ଭାଷାର ଶବ୍ଦକୁ ଅଶିକ୍ଷା ଓ ଅଜ୍ଞତାବଶତଃ ପୂର୍ଣ୍ଣରୂପେ ଅନୁକରଣ କରିନପାରି ଆମେ ଭୁଲ ଉଚ୍ଚାରଣ କରିଥାନ୍ତି। ଯେପରିକି – ଇଞ୍ଜିନିୟର >ଇଞ୍ଜିନିଅର, ଆରମାରିଓ >ଆଲମାରି ଇତ୍ୟାଦି।

ବହୁକ୍ଷେତ୍ରରେ ପରିଚିତ ଭାଷାରେ ଥିବା ଧ୍ୱନି ସାମ୍ୟର ବିଶେଷତା ହେତୁ, ଶ୍ରୋତା ଗୋଟିଏ ଶବ୍ଦକୁ ଶୁଣିବାବେଳେ ଅନ୍ୟ ଅର୍ଥରେ ଗ୍ରହଣ କରିନେବା ଫଳରେ କହିବାବେଳେ ତାହାର ଲୌକିକ ବ୍ୟୁତ୍ପତ୍ତି ଢଙ୍ଗରେ ପ୍ରକାଶ କରିଥାଏ। ଯେପରିକି – କ୍ରିସମାସ > କିସ୍ ମିସ୍, କମ୍ପାଉଣ୍ଡର>କୁମ୍ପାଣ୍ଡର ଇତ୍ୟାଦି।

## 3.6.4 ସାମାଜିକ, ରାଜନୈତିକ ଓ ଭୌଗୋଳିକ ପ୍ରଭାବ

ଷ୍ଟେୱାର୍ଟ( Stewart (2001)) ଙ୍କ ଦୃଷ୍ଟିରେ ଭୌଗୋଳିକ କ୍ଷେତ୍ରର ଆଧାରରେ ଭାଷାରେ ପରିବର୍ତ୍ତନ ଆସିଥାଏ। ଭାରତ ଏକ ବହୁଭାଷୀୟ ଉପମହାଦେଶ ହେଇଥିବାରୁ ପ୍ରତ୍ୟେକ କ୍ଷତ୍ରରେ ରହୁଥିବା ବ୍ୟକ୍ତିଙ୍କ ଭାଷା ଅନ୍ୟ କ୍ଷେତ୍ରର ଭାଷା ଠାରୁ ଅଲଗା ଅଟେ। ପୂର୍ବ ଭାରତର ଓଡ଼ିଆ, ବଙ୍ଗଳା ଆଦି ପଶ୍ଚିମ ଭାରତର ମରାଠୀ, ଗୁଜରାଟି ଠାରୁ ଭିନ୍ନ ସେହିପରି ଉତ୍ତର ଭାରତର ହିନ୍ଦୀ ଦକ୍ଷିଣ ଭାରତର ତେଲୁଗୁ, ତାମିଲ ଠାରୁ ଅଲଗା। ସେହିପରି ସମଗ୍ର ୟୁରୋପ ମହାଦେଶରେ ପ୍ରତ୍ୟେକ ଭାଷିକ ଗୋଷ୍ଠୀଙ୍କର ପ୍ରାୟତଃ ଅନ୍ୟ ଭାଷାଗୋଷ୍ଠୀଙ୍କ ସହିତ ଯୋଗାଯୋଗ ନଥାଏ କହିଲେ ଚଳେ। ଉଦାହରଣ ସ୍ୱରୂପ ପ୍ରତ୍ନ-ଇଣ୍ଡୋ-ୟୁରପୀୟ (Proto-Indo-European) ଭାଷା ପରିବାରକୁ ୟୁରୋପର ଜର୍ମାନୀ, ବାଲଟିକ୍, ଇରାନୀୟ, ଗ୍ରୀକ୍, ଇଣ୍ଡିକ୍, ସେଲଟିକ୍ ଏବଂ ଇଟାଲୀୟ ଆଦି ଭାଷାର ଜନ୍ମଦାତାରୂପେ ବିବେଚନା କରାଯାଇଥାଏ।

ଜଳବାୟୁରେ ପରିବର୍ତ୍ତନ ହେତୁ ବ୍ୟକ୍ତିଙ୍କ ଶାରିରୀକ ଗଠନରେ ବୈଷମ୍ୟ ଦେଖାଯିବା ସହିତ ସେମାନଙ୍କ ମାନସିକ ଓ ଚରିତ୍ର ଉପରେ ମଧ୍ୟ ପାର୍ଥକ୍ୟ ଦେଖାଯାଇଥାଏ। ପାହାଡ଼ିଆ ଅଞ୍ଚଳରେ ରହୁଥିବା ବ୍ୟକ୍ତିମାନେ ଗ୍ରୀଷ୍ମମଣ୍ଡଳୀୟ ବ୍ୟକ୍ତିଙ୍କ ତୁଳନାରେ ଅଧିକ ସଂବୃତ ଧ୍ୱନି ଉଚ୍ଚାରଣ କରିଥାନ୍ତି। ଏହି ଦୃଷ୍ଟିରୁ ସଂସ୍କୃତ ଭାଷା ଓ ଆବେସ୍ତା ଭାଷା ମଧ୍ୟରେ ଥିବା ପାର୍ଥକ୍ୟକୁ ଲକ୍ଷ୍ୟ କରାଯାଇପାରେ।

ଭୌଗୋଳିକ ପରିବେଶରୁ ଭାଷିକ ଧ୍ୱନିରେ ମଧ୍ୟ ବହୁଭାବେ ପରିବର୍ତ୍ତନ ଘଟିଥାଏ। ପାରିପାର୍ଶ୍ୱିକ ଜଳବାୟୁ ଓ ଋତୁଚକ୍ର ମଧ୍ୟ ବହିଭାବେ ଉଚ୍ଚାରଣକୁ ପ୍ରଭାବିତ କରିଥାନ୍ତି। ଗ୍ରୀଷ୍ମମଣ୍ଡଳୀୟ ବ୍ୟକ୍ତି ଗୋଟିଏ ଶବ୍ଦକୁ ବୁବୃତ କରି ଉଚ୍ଚାରଣ କରୁଥିବାବେଳେ, ପାହାଡି ଓ ଶୀତପ୍ରଧାନ ଜଳବାୟୁର ବ୍ୟକ୍ତି ସେହି ଶବ୍ଦକୁ ସଂବୃତ କରି ଉଚ୍ଚାରଣ କରିଥାନ୍ତି। ଏହି ଦୃଷ୍ଟିରୁ ଭୂମଧ୍ୟସାଗରୀୟ ଜଳବାୟୁରେ ବାସ କରୁଥବା ଇଟାଲୀ ଓ ସ୍ପେନ୍ ଦେଶର ଲୋକମାନଙ୍କର ଉଚ୍ଚାରଣ ଖୁବ୍ ସ୍ୱଷ୍ଟ ହୋଇଥିବା ବେଳେ ଫ୍ରାନସର ଜଳବାୟୁ କୁହୁଡିଆ ହୋଇଥିବାରୁ ଫରାସୀ ଭାଷାର ଉଚ୍ଚାରଣ ସେତେ ସ୍ୱଷ୍ଟ ହୋଇନଥାଏ। ସେହିପରି ଏକ ନିର୍ଦ୍ଦିଷ୍ଟ ସମୟ ଓ ପରିବେଶରେ ଯଦି ବକ୍ତାଗଣ ସୁଖ ଓ ନିରାମୟ ଢଙ୍ଗରେ ବାସ କରୁଥାନ୍ତି ଓ ସମାଜ ଅଧିକ ବିଭବଶାଳୀ ଥାଏ, ତେବେ ଭାଷାର ଧ୍ୱନି କ୍ରମଶଃ ବିବୃତ ହୋଇଥାଏ। କିନ୍ତୁ ଭୟ, ଶୋକ ଓ ଦୁଃଖରେ କାଳତିପାତ କରୁଥିବା ବ୍ୟକ୍ତିଙ୍କ ଧ୍ୱନିରେ କ୍ରମଶଃ ଅସ୍ୱଷ୍ଟତା ଆସିଥାଏ ଓ ସେମାନଙ୍କର ଧ୍ୱନି ବୈଶିଷ୍ଟ୍ୟ ଦୃଷ୍ଟିରୁ ତୁଳନାତ୍ମକ ରୂପରେ ସଂବୃତ ହୋଇଥାନ୍ତି। ଓଡିଶାରେ କେନ୍ଦ୍ରୀୟ ଓଡ଼ିଶାର ଭାଷା ଓ ଉତ୍ତର ଓଡ଼ିଶାର ଓଡ଼ିଆ ଭାଷାକୁ ତୁଳନା କଲେ ପ୍ରାମାଣିକ ଓଡ଼ିଆ ଭାଷାର ବିବୃତ ଧ୍ୱନି ଉତ୍ତର ଓଡିଶାରେ କ୍ରମଶଃ ସଂବୃତ ହୋଇଥିବାର ଲକ୍ଷ୍ୟ କରାଯାଇପାରେ, ଯେପରିକି - ଗୋଡ଼>ଗୁଡ଼, ଶୋଇବା >ଶୁଇବା, ଯୋଡ଼େ > ଯୁଡ଼େ ଇତ୍ୟାଦି।

*ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 2*

(କ) ଅନୁକରଣରେ ଅପୂର୍ଣ୍ଣତାରୁ ଧ୍ୱନିରେ କିପରି ପରିବର୍ତ୍ତନ ଘଟିଥାଏ, ଆଲୋଚନା କର । (30ଟି ଶବ୍ଦରେ)

(ଖ) ଧ୍ୱନି ପରିବର୍ତ୍ତନ କାହାକୁ କୁହନ୍ତି, ଓ ଭୌଗଳିକ ପ୍ରଭାବରୁ ଧ୍ୱନିରେ କିପରି ପରିବର୍ତ୍ତନ ଘଟିଥାଏ, ଆଲୋଚନା କର ।

## 3.6.5 ପ୍ରଯତ୍ନଲାଘବ ବା ମୁଖସୁଖ

ସବୁକାମକୁ ସୁବିଧା ଏବଂ ସରଳରେ ସଂପାଦନ କରିବାକୁ ଚାହିଁବା ମାନବର ଏକ ସ୍ୱାଭାବିକ ପ୍ରବୃତ୍ତି। ଭାଷା ଏକ ଉଚ୍ଚାରଣ ପ୍ରକ୍ରିୟା ଓ ଏହା ମାନବର ବାଚିକ ଅଂଗ ମୁଖ ସହିତ ସଂପୃକ୍ତ ହେତୁ ବ୍ୟକ୍ତି ନିଜର ଉଚ୍ଚାରଣରେ ମୁଖର ସୁବିଧାକୁ ଧ୍ୟାନରେ ରଖିଥାଏ। ଏଣୁ ସେ ନିଜର ଉଚ୍ଚାରଣରେ ସର୍ବଦା ଯେଉଁଥିରେ କମ୍ ସମୟ ଲାଗୁଥିବା, ଏବଂ ମୁଖକୁ କମ୍ କସରତ କରିବାକୁ ପଡୁଥିବା  ଧ୍ୱନିକୁ ପ୍ରୟୋଗ କରିବାକୁ ଚାହିଁଥାଏ। ବକ୍ତାର ଏହି ପ୍ରକ୍ରିୟା ଭାଷାକୁ ମଧ୍ୟ ପ୍ରଭାବିତ କରିଥାଏ। ଫଳରେ କଠିନ ଧ୍ୱନିର ଉଚ୍ଚାରଣକୁ ଛାଡ଼ି ତସଂପୃକ୍ତ ଶବ୍ଦର ଉଚ୍ଚାରଣକୁ ସରଳୀକୃତ କରାଯାଇଥାଏ।

ମଣିଷ ସ୍ୱଭାବତଃ ସର୍ବଦା କମ୍ ପ୍ରଯତ୍ନ କରି ନିଜର ଭାବକୁ ସ୍ପଷ୍ଟରୂପେ ପରିପ୍ରକାଶ କରିବାକୁ ଚାହିଁଥାଏ । ଏହା ସାଧାରଣତଃ ଉଚ୍ଚାରଣଗତ ସରଳତାର କାରଣରୁ ଘଟିଥାଏ । ବ୍ୟକ୍ତି କଠିନ ଶବ୍ଦକୁ ଯଥାସମ୍ଭବ ସରଳ କରି ଉଚ୍ଚାରଣ କରିବାର ପ୍ରୟାସରୁ ଭାଷା ଯଥାସମ୍ଭବ ସରଳ ହୋଇଥାଏ । ଯେପରିକି ସତ୍ୟ > ସତ, କର୍ମ > କାମ, ପ୍ରଚାର > ପରଚାର ଇତ୍ୟାଦି । ଇଂରାଜୀ ଭାଷାର ଅନେକଗୁଡିଏ ଧ୍ୱନି ଆମ ଓଡ଼ିଆ ଧ୍ୱନିର ନିକଟବର୍ତ୍ତୀ ଶୁଣାଗଲେ ବି ଏହି ଧ୍ୱନି ଭିତରେ ବହୁତ ପାର୍ଥକ୍ୟ ରହିଛି । ଉଦାହରଣ ସ୍ୱରୂପ, ଭାଷାବିତ୍ ଗୋଲୋକ ବିହାରୀ ଧଳ ଓଡ଼ିଆ  'ଫ' ଓ ଇଂରାଜୀ 'f' ଧ୍ୱନିକୁ ତାଙ୍କର ଆଲୋଚନାର ପରିସରଭୁକ୍ତ କରିଛନ୍ତି । ଇଂରାଜୀ 'f' ଧ୍ୱନି ଗୋଟିଏ ଦନ୍ତ୍ୟୋଷ୍ଠ୍ୟ ଧ୍ୱନି । ଓଡ଼ିଆ 'ଫ' ଧ୍ୱନି ଗୋଟିଏ ଦ୍ୱୋଷ୍ଠ୍ୟ ବ୍ୟଞ୍ଜନ ଧ୍ୱନି । ମାତ୍ର ଆମେ, ଇଂରାଜୀ 'fan, fool, factory' ଇତ୍ୟାଦିକୁ ଉଚ୍ଚାରଣଣ କରିବାବେଳେ, ଦୁଇଓଷ୍ଠ ବ୍ୟଞ୍ଜକ ଓଡ଼ିଆ 'ଫ' ଧ୍ୱନିର ବ୍ୟବହାର କରିଥାଉ ।

## 3.6.6 ଉଚ୍ଚାରଣରେ ସଂକ୍ଷିପ୍ତତା

ଭାଷାର ଧର୍ମ ହେଉଛି ସର୍ବଦା ବୋଧଗମ୍ୟତା ଦୃଷ୍ଟିରୁ ଜଟିଳରୁ ସରଳ ଆଡକୁ ଗତିକରିବା। ଏହି ଦୃଷ୍ଟିରୁ ବହୁ ସମୟରେ ବକ୍ତା ଅଳ୍ପ ପ୍ରୟାସରେ ସଂକ୍ଷିପ୍ତ ଉଚ୍ଚାରଣ କରି ପ୍ରକାଶ କରିବାକୁ ପ୍ରୟାସ କରିଥାନ୍ତି। ଉଚ୍ଚାରଣ ଦ୍ରୁତ ହେଲେ ତାହା ଆପେ ଆପେ ସଂକ୍ଷିପ୍ତ ହୋଇଯାଏ ଓ ଧ୍ୱନିରେ ପରିବର୍ତ୍ତନ ଦେଖାଯାଇଥାଏ। ଯେପରିକି – ମସଜିଦ୍ >ମଜିଦ୍, ପଣ୍ଡିତଜୀ > ପଣ୍ଡିଜୀ, ତାହାର > ତା'ର ଇତ୍ୟାଦି। କେହି କେହି  ଇଂରାଜୀ ଭାଷାର 'Thank You' କୁ ଓଡ଼ିଆରେ 'ଥାଙ୍କୁ' ଭାବେ ଉଚ୍ଚାରଣ କରିଥାନ୍ତି. ସେହିପରି ଆଜିର ପ୍ରାଦ୍ୟୋଗିକୀ ଯୁଗରେ ମେସେଜ୍ କଲାବେଳେ ପିଲାମାନେ ଇଂରାଜୀ 'I Love You.' କୁ 'I L U' ଲେଖୁଛନ୍ତି। ଏହା ବ୍ୟତିତ 'ପାକିସ୍ତାନ କୁ ପାକ୍', ଭାରତୀୟ ଜନତା ପାର୍ଟି କୁ ଭାଜପା ଇତ୍ୟାଦି ଉଚ୍ଚାରଣରେ ସଂକ୍ଷିପ୍ତତାରୁ ହିଁ ହୋଇଥାଏ।

## 3.6.7 ଅଶିକ୍ଷା ଓ ଭ୍ରାମିକ ବା ଲୌକିକ ବ୍ୟୁତ୍ପତ୍ତି

ଅଶିକ୍ଷା ବା ଅଜ୍ଞାନତାର କାରଣରୁ ଧ୍ୱନିରେ ବି ପରିବର୍ତ୍ତନ ହୋଇଥାଏ । ଯେପରିକି ‘ଗାର୍ଡ’ କୁ ‘ଗାରଦ’, ‘ଲାଇନ’କୁ ‘ଲେନ୍’, ‘ଗୋସ୍ୱମୀ’କୁ ‘ଗୋସାଇଁ’, ‘ମୁଖୋପାଧ୍ୟାୟ’କୁ ‘ମୁଖାର୍ଜୀ’ ଇତ୍ୟାଦି ଭାବେ ଅଶିକ୍ଷା ବା ଅଜ୍ଞାନତା ହେତୁ ଉଚ୍ଚାରିତ ହୋଇଥାଏ ।

ଜାତୀୟ ସମ୍ମିଳନ କ୍ଷତ୍ରରେ ଗୋଟିଏ ବାହାର ଭାଷାର ଶବ୍ଦକୁ ଶୁଣି ଅନେକ ବ୍ୟକ୍ତି ତାହାକୁ ନିଜଭାଷାର ଶବ୍ଦ ସହିତ ସଦୃଶ କରି ବା ପ୍ରତ୍ୟୟ ଲଗାଇ ଯେଉଁ ଶବ୍ଦକୁ ଉଚ୍ଚାରଣ କରିଥାନ୍ତି ତାହା କ୍ରମେ ନୂତନ ଶବ୍ଦ ହୋଇଯାଏ। ଯେପରିକି ‘hospital>ହାସପାତାଳ, ‘କ୍ରିଶମାସ’>କିସମିସ, ‘Godown’>ଗୋଦାମ, ‘ଆରମାରିଓ’>ଆଲମାରି ଇତ୍ୟାଦି।

## 3.6.8 ଭାବାବେଶ

ସ୍ନେହ, ପ୍ରେମ, କ୍ରୋଧ ଆଦି ଭାବାବେଶରୁ ଶବ୍ଦ ବା ଭାଷାରେ ଧ୍ୱନିର ପରିବର୍ତ୍ତନ ଘଟିଥାଏ । ଯେପରିକି ରାମ > ରାମୁ, କୃଷ୍ଣ > କୁଷ୍ଟିଁ, ଲାଲଚନ୍ଦ > ଲଲ୍ଲୁ, ବାବୁ > ବବୁଆ, ପୁରୁଷୋତ୍ତମ >ପୁରିଆ ଇତ୍ୟାଦି । ତେବେ ଏହି ପ୍ରକାର ଶବ୍ଦ ବହୁଭାବେ ଲୌକିକ ଅର୍ଥରେ ବ୍ୟବହୃତ ହୋଇ ଧ୍ୱନିରେ ପରିବର୍ତ୍ତନ ଆଣିଥାଏ ।

## 3.6.9 କାବ୍ୟିକତା ବା ପଦ୍ୟାତ୍ମକତା

କାବ୍ୟିକତା ବା ପଦ୍ୟାତ୍ମକତା କାରଣରୁ ଧ୍ୱନିରେ ପରିବର୍ତ୍ତନ ହୋଇଥାଏ । କାବ୍ୟରେ ସାଙ୍ଗିତିକତା ଓ ଛନ୍ଦ ରକ୍ଷା ଉଦ୍ଦେଶ୍ୟରେ ବହୁ ସମୟରେ ଲେଖକ ଗଦ୍ୟାତ୍ମକ ଶବ୍ଦକୁ ପଦ୍ୟାତ୍ମକ କରି ପରିପ୍ରକାଶ କରିଥାନ୍ତି । ଯେପରିକି ଗର୍ବ > ଗରବ, ପର୍ବ > ପରବ, ସର୍ବ > ସରବ, ଗୌରାଙ୍ଗ > ଗଉରାଙ୍ଗ ଇତ୍ୟାଦି ।

## 3.6.9 ଲିପିଦୋଷରୁ ଧ୍ୱନି ପରିବର୍ତ୍ତନ

ବିଭିନ୍ନ ଭାଷାରେ ଲିପିର ଅପୂର୍ଣ୍ଣତାର କାରଣରୁ ବହୁ ସମୟରେ ପଠନବେଳେ, ଗୋଟିଏ ଶବ୍ଦ ଯେପରି ଉଚ୍ଚାରିତ ହେବାକଥା, ସେପରି ଉଚ୍ଚାରିତ ହୋଇନଥାଏ, ଓ ଧ୍ୱନିରେ ପରିବର୍ତ୍ତନ ଘଟିଥାଏ । ଇଂରାଜୀ ଲିଖନରେ ଯଥାର୍ଥ ଉଚ୍ଚାରଣକୁ ପରିବପ୍ରକାଶର ଅଭାବ ହେତୁ ଭାଷିକ ଧ୍ୱନିର ଉଚ୍ଚାରଣରେ ପରିବର୍ତ୍ତନ ଘଟିଥାଏ । ଯେପରିକି ଇଂରାଜୀରେ ‘Rama’ କୁ କେହି କେହି ରାମ ବା ରାମା ବା ରମା ଭାବେ ପଢିଥାନ୍ତି। ଅନ୍ୟ ଭାଷାଭାଷି ବ୍ୟକ୍ତିମାନେ ଗୁପ୍ତ > ଗୁପ୍ତା, ମିଶ୍ର > ମିଶ୍ରା, ଇନ୍ଦ୍ରଜିତ୍ > ଇନ୍ଦର୍‌ଜିତ୍ ଆଦି ଭାବେ ପଢିଥାନ୍ତି।

ପିଲାଦିନେ ମନୁଷ୍ୟର ଅନୁକରଣ ଶକ୍ତି ଯେତେ ଥାଏ ବୟସ ହୋଇଗଲେ ତାହା ସ୍ୱତଃ କମିଯାଏ। ଫଳରେ ପ୍ରଯତ୍ନ ଲାଘବ ଧ୍ୱନି ପରିବର୍ତ୍ତନରେ ଏକ ବିଶିଷ୍ଟ କାରଣ ହୋଇଥାଏ। ବକ୍ତା କଷ୍ଟୋଚ୍ଚାରିତ କୌଣସି ଶବ୍ଦକୁ ଭାଙ୍ଗି ଅଧିକ ସରଳ କରିଦିଏ। ଉଦାହରଣ ସ୍ୱରୂପ – ଓଡ଼ିଆ ‘ଫ’ ଧ୍ୱନି ଓ ଇଂରାଜୀ ‘f’ ଧ୍ୱନି ମଧ୍ୟରେ ବହୁ ପ୍ରଭେଦ ଥିଲେ ମଧ୍ୟ ଆମେ ଇଂରାଜୀର ‘fan, file, fish, food’ ଇତ୍ୟାଦି ଶବ୍ଦରେ ଥିବା ‘f’ ଧ୍ୱନିର ବିଶେଷତା ଦନ୍ତୋଷ୍ଠ୍ୟ ସଂଘର୍ଷୀ ଧ୍ୱନି ସ୍ଥାନରେ ଓଡ଼ିଆର ଦୁଇ ଓଷ୍ଠ ବ୍ୟଞ୍ଜକ ‘ଫ’ କୁ ବ୍ୟବହାର କରିଥାଉ। ଏହି ଉଚ୍ଚାରଣରେ

ସରଳତା ପାଇଁ ବକ୍ତା ମଧ୍ୟ ବହୁ ସମୟରେ କେତେକ ଧ୍ୱନିକୁ ଛାଡି ଦେଇଥାନ୍ତି। ହିନ୍ଦୀ ଭାଷାରେ 'ଳ' ଧ୍ୱନି ନଥିବାରୁ 'ଦାଲୁଅ, ବଲଦ, କଲା, ବଲା' ଇତ୍ୟାଦି ଶବ୍ଦକୁ ଉଚ୍ଚାରଣ କଲାବେଳେ ଧ୍ୱନିରେ ପରିବର୍ତ୍ତନ ଘଟିଥାଏ। ସେହିପରି ତାମିଲ, ତେଲୁଗୁ ଭାଷାର 'ର' ଉଚ୍ଚାରଣ କଲାବେଳେ ଆମେ ଧ୍ୱନି ପରିବର୍ତ୍ତନ କରିଥାଉ।

## 3.6.10 ଧ୍ୱନି ପରିବର୍ତ୍ତନର ନିୟମ

କୌଣସି ଭାଷାରେ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଓ କିଛି ବିଶେଷ ପରିସ୍ଥିତିରେ ହେଉଥିବା ଧ୍ୱନିଗତ ପରିବର୍ତ୍ତନକୁ ଆମେ ଧ୍ୱନିନିୟମ କହିଥାଉ । ଏହି ଧ୍ୱନିନିୟମ କିଛି ବିଶେଷ ଧ୍ୱନିକୁ ପ୍ରଭାବିତ ବି କରିଥାଏ । ଭାଷାରେ ହେଉଥିବା ଧ୍ୱନିର ପରିବର୍ତ୍ତନ କେତେକ କ୍ଷେତ୍ରରେ ବ୍ୟାପକ ତ ଆଉ କେତେକ କ୍ଷେତ୍ରରେ ସୀମିତ । ତେବେ ଧ୍ୱନିନିୟମ ପ୍ରାକୃତିକ ନିୟମ ଭଳି ଅନିବାର୍ଯ୍ୟ ବା ସ୍ୱତନ୍ତ୍ର ନୁହେଁ । ବିଜ୍ଞାନର ନିୟମ ସାଧାରଣତଃ ତାତ୍ତ୍ୱିକ ଓ ଅପରିବର୍ତ୍ତନୀୟ ହୋଇଥିବାବେଳେ, ଭାଷାରେ ଧ୍ୱନିର ପରିବର୍ତ୍ତନ ବ୍ୟବହାରିକ ଓ ପରିବର୍ତ୍ତନଶୀଳ । ପ୍ରତ୍ୟେକ ମଣିଷର ବିଚାରଧାରା, ଭାଷଣଶୈଳୀ, ବାଗ୍‌ଯନ୍ତ୍ରରେ ଭିନ୍ନତା ଆଦି କାରଣରୁ ଧ୍ୱନିନିୟମରେ ଏକରୂପତା ସମ୍ଭବ ନୁହଁ । ଏହାସତ୍ତ୍ୱେ ବି ବ୍ୟବହାରିକ ଓ ବ୍ୟାପକ ଦୃଷ୍ଟିରୁ ଏହି ସବୁ ପରିବର୍ତ୍ତନର ଧାରାକୁ ଆମେ ଧ୍ୱନିନିୟମ କହିପାରିବା । ନିମ୍ନରେ କେତୋଟି ବିଶେଷ ଧ୍ୱନିନିୟମକୁ ଆଲୋଚନା କରାଯାଉଛି:

ଗ୍ରୀମ୍ ନିୟମ (Grimm's Law)

ଗ୍ରାସମ୍ୟାନ ନିୟମ(Grassmann's Law)

ବର୍ନର ନିୟମ (Verner's Law)

ତେବେ ଗ୍ରୀମ୍, ଗ୍ରାସମ୍ୟାନ ଓ ବର୍ନାର ନିୟମ ମୂଳତଃ ଇଣ୍ଡୋୟୁରୋପୀୟ ଭାଷା ସହିତ ସମ୍ବନ୍ଧିତ ।

## 3.6.11 ଗ୍ରୀମ୍ ନିୟମ

ଏହି ଧ୍ୱନି ନିୟମକୁ ପ୍ରଫେସର ଯାକୋବ୍ ଗ୍ରୀମ (Jacob Grimn, 1785-1863) ଙ୍କ ନାମାନୁସାରେ ନାମିତ କରାଯାଇଛି। ପ୍ରଫେସର ମାକ୍ସମୁଲର ଏହି ନିୟମକୁ ଗ୍ରୀମ୍‌ଙ୍କ ନାମାନୁସାରେ ନାମିତ କରିଥିଲେ । ତାଙ୍କ ମତାନୁସାରେ ମୂଳ ଇଣ୍ଡୋୟୁରୋପୀୟ ଭାଷାର ବ୍ୟଞ୍ଜନଧ୍ୱନିଗୁଡ଼ିକ ସଂସ୍କୃତ, ଗ୍ରୀକ୍ ଓ ଲାଟିନ୍ ଆଦି ଭାଷାରେ ସୁରକ୍ଷିତ ରହିଛି। ଏହି ନିୟମାନୁସାରେ ମୂଳ ଇଣ୍ଡୋୟୁରୋପୀୟ ଭାଷାର ନିମ୍ନଲିଖିତ ଧ୍ୱନିଗୁଡ଼ିକ ଇଂରାଜୀ ଓ ଜର୍ମାନୀ ଭାଷାରେ ଯଥାକ୍ରମେ :

( ପ୍ରଥମ କୁ ଦ୍ୱିତୀୟ, ଯଥା: କ୍, ତ୍, ପ୍ > ହ୍ (ଖ), ଥ୍, ଫ) ରେ,

( ଚତୁର୍ଥକୁ କୁ ତୃତୀୟ, ଯଥା: ଘ୍, ଧ୍, ଭ୍ > ଗ୍, ଦ୍, ବ) ରେ,

( ତୃତୀୟ କୁ ପ୍ରଥମ, ଯଥା: ଗ୍, ଦ୍, ବ୍, > କ୍, ତ୍, ପ୍ ରେ ପରିବର୍ତ୍ତିତ ହୋଇଯାଆନ୍ତି ।

ଏହି ଧ୍ୱନି ପରିବର୍ତ୍ତନକୁ ଦର୍ଶାଇବାପାଇଁ ନିମ୍ନରେ କେତେକ ଉଦାହରଣକୁ ଦେଖାଯାଇପାରେ ।

| ଧ୍ୱନି ପରିବର୍ତ୍ତନ | ସଂସ୍କୃତ | ଇଂରାଜୀ |
|---|---|---|
| କ୍ > ହ୍ | କଃ | who |

| | | |
|---|---|---|
| ତ୍ > ଥ୍ | ତ୍ରି | three |
| ପ୍ > ଫ୍ | ପିତର୍ | father ଇତ୍ୟାଦି |

ତେବେ ଏହି ନିୟମ ଉପରୋକ୍ତ ସମସ୍ତ କ୍ଷେତ୍ରରେ ସବୁବେଳେ କାମ କରିନଥାଏ। କ୍, ତ୍, ପ୍ ଧ୍ୱନିର ପୂର୍ବରୁ ସ୍ ଧ୍ୱନି ସଂଯୁକ୍ତ ହେଲେ, ଏହି ଧ୍ୱନିଗୁଡ଼ିକ ଯଥାକ୍ରମେ ସ୍କ (Sk), ସ୍ତ (St), ସ୍ପ (Sp) ହୋଇଯାନ୍ତି । ଯେପରିକି :

| ଧ୍ୱନି | ଲାଟିନ୍ | ଗୋଥିକ୍ |
|---|---|---|
| Sk (ସ୍କ) | Piscis (ପିସ୍କିସ୍) | Fisks (ଫିସ୍କସ) |
| St (ସ୍ତ) | Est (ଏସ୍ତ) | Ist (ଇଷ୍ଟ) |

## 3.6.12 ଗ୍ରାସ୍‌ମ୍ୟାନ୍ ନିୟମ

ହେର୍ମାନ୍ ଗ୍ରାସମାନ୍ (Hermann Grassmann, 1809-1877) ଜଣେ ଜର୍ମାନ୍ ବିଦ୍ୱାନ ଥିଲେ । ସେ ଗ୍ରୀମ୍‌ଙ୍କ ନିୟମକୁ ସଂଶୋଧିତ କରିଥିଲେ । ତାଙ୍କର କଳ୍ପନାନୁସାରେ ମୂଳ ଇଣ୍ଡୋ-ୟୁରୋପୀୟ ଭାଷାର ଦୁଇ ଅକ୍ଷର ବିଶିଷ୍ଟ ଧାତୁରେ ଦୁଇଟି ମହାପ୍ରାଣ (ହ୍) ଧ୍ୱନି ଥିଲେ । ସାଧାରଣତଃ ପ୍ରଥମ ମହାପ୍ରାଣ ଧ୍ୱନି 'ହ୍' ଧ୍ୱନି ହଟିଯାଏ । ଦ୍ୱିତୀୟ ବର୍ଣ୍ଣରେ ମହାପ୍ରାଣ (ହ୍) ଧ୍ୱନି ହଟିଲେ ପ୍ରଥମ ବର୍ଣ୍ଣରେ ମହାପ୍ରାଣ ଧ୍ୱନି ରହିଥାଏ ।

## 3.6.13 ବର୍ନାର ନିୟମ

କାର୍ଲ ବର୍ନାର ବି ଜର୍ମାନ ଭାଷାସାସ୍ତ୍ରୀ ଥିଲେ । ବର୍ନାରଙ୍କ ନିୟମାନୁସାରେ ମୂଳ ଇଣ୍ଡୋ-ୟୁରୋପୀୟ ଭାଷାର ଶବ୍ଦରେ କ୍, ତ୍, ପ (k,t,p)କୁ ଜର୍ମାନ ଭାଷାରେ ହ, ଥ୍, ଫ୍ ସେତିକିବେଳେ ହେବ, ଯେତେବେଳେ ମୂଳଭାଷାର ଅବ୍ୟବହିତ ପୂର୍ବରୁ କୌଣସି ଉଦାତ୍ତ ସ୍ୱର (accent) ଥିବ। ଯଦି ଉଦାତ୍ତ ସ୍ୱର କ୍, ତ୍, ପ୍ ପରେ ଆସେ ତେବେ ସେହସବୁ ଧ୍ୱନି ସ୍ଥାନରେ କ୍ରମଶଃ ଗ୍, ଦ୍, ବ୍ ହୋଇଥାଏ ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 3***

(କ) ପ୍ରଯତ୍ନଲାଘବ ବା ମୁଖସୁଖରୁ, ଧ୍ୱନିରେ କିପରି ବପିବର୍ତ୍ତନ ଘଟିଥାଏ, ଲେଖ । (30ଟି ଶବ୍ଦରେ)

(ଖ) ଲିପିଦୋଷ ଓ ଭାବାବେଶରୁ ଧ୍ୱନି ପରିବର୍ତ୍ତନକୁ ଉଦାହରଣ ସହ ଦର୍ଶାଅ । (30ଟି ଶବ୍ଦରେ)

(ଗ) ଧ୍ୱନି ପରିବର୍ତ୍ତନରେ ଗୀମ୍‌ଙ୍କ ନିୟମ ସଂପର୍କରେ ଆଲୋଚନା କର। (30ଟି ଶବ୍ଦରେ)

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## 3.7 ବିଷୟବସ୍ତୁର ସାରମର୍ମ

ଧ୍ୱନିର ବିବେଚନ କେବଳ ସ୍ୱର ବା ବ୍ୟଞ୍ଜନ ଆଧାରରେ ନହୋଇ ସେଥିରେ ବ୍ୟବହୃତ ଧ୍ୱନି ଉଚ୍ଚାରଣର ମାତ୍ରା (Quantity), ସ୍ୱରାଘାତ (Accent), ବଳାଘାତ (Stress Accent) ଆଦିର ଆଧାରରେ ହୋଇଥାଏ, ଯାହାକୁ ଆମେ ଧ୍ୱନିଗୁଣ କହୁ ।

- ଧ୍ୱନିତରଙ୍ଗକୁ ପାଲେଟୋଗ୍ରାଫ୍, କାଇମୋଗ୍ରାଫ୍, ଓସିଲୋଗ୍ରାଫ୍ ଆଦି ଭଳି ବିଭିନ୍ନ ଧ୍ୱନିମାପକ ଯନ୍ତ୍ରମାଧ୍ୟମରେ ମପାଯାଇପାରେ ଓ ବିଶ୍ଳେଷଣ କରାଯାଇପାରେ।
- ଭାଷାର ପ୍ରବାହରେ ଏହି ଅନ୍ତର୍ନିହିତ ଧ୍ୱନିଗତ ପରିବର୍ତ୍ତନକୁ 'ଧ୍ୱନି ପରିବର୍ତ୍ତନ' କୁହାଯାଏ।
- ସମୟ ସ୍ରୋତରେ ଭାଷାର ସଂସର୍ଗ ସର୍ବଦା ନୂତନ ଧ୍ୱନି, ଶବ୍ଦ ଓ ଅର୍ଥକୁ ଆରୋହଣ ବା ପରିତ୍ୟାଗ କରିଥାଏ। ଏହି ଭାଷିକ ତତ୍ତ୍ୱର ପରିବର୍ତ୍ତନରୁ ହିଁ ନୂତନ ଭାଷାର ଜନ୍ମ ବା ବିବର୍ତ୍ତନ ହୁଏ।
- ଧ୍ୱନିରେ ପରିବର୍ତ୍ତନ ମାନବର ଶାରୀରିକ, ମାନସିକ, ରାଜନୀତିକ, ସାଂସ୍କୃତିକ ଓ ଭୌଗୋଳିକ ଆଦି ବିଭିନ୍ନ ଭିତ୍ତି ଉପରେ ନିର୍ଭର କରିଥାଏ।
- ବାଗ୍‌ଯନ୍ତ୍ରରେ ବିଭିନ୍ନତା, ଭୌଗୋଳିକକାରଣ, ମୁଖସୁଖ, ଭାବବେଶ ଆଦି ବାହ୍ୟକାରଣରୁ ଧ୍ୱନିରେ ପରିବର୍ତ୍ତନ ଘଟିଥାଏ।
- ମଣିଷର ବିଚାରଧାରା, ଭାଷଣଶୈଳୀ, ବାଗ୍‌ଯନ୍ତ୍ରରେ ଭିନ୍ନତା ଆଦି କାରଣରୁ ଧ୍ୱନିନିୟମରେ ଏକରୂପତା ସମ୍ଭବ ନୁହଁ । ଏହାସତ୍ତ୍ୱେ ବି ବ୍ୟବହାରିକ ଓ ବ୍ୟାପକ ଦୃଷ୍ଟିରୁ ଏହି ସବୁ ପରିବର୍ତ୍ତନର ଧାରାକୁ ଆମେ ଧ୍ୱନିନିୟମ କହିଥାଉ ।

ଧ୍ୱନ୍ୟାତ୍ମକ ପରିବର୍ତ୍ତନକୁ ସଠିକ୍ ଭାବେ ବର୍ଣ୍ଣନା କରାନଯାଇପାରିଲେ ମଧ୍ୟ, ଏହି ଧ୍ୱନି ପରିବର୍ତ୍ତନକୁ ଦର୍ଶାଇବା ପାଇଁ କେତେକ ମଧ୍ୟବର୍ତ୍ତୀ ବୈଜ୍ଞାନିକ ଯନ୍ତ୍ରପାତି ଏବେ ବଜାରରେ ମିଳିଲାଣି।। ଧ୍ୱନିର ପରିବର୍ତ୍ତନକୁ ବ୍ୟବହାର କରି ଏବେ ପ୍ରାଦ୍ୟୋଗିକ ଭାଷାବିଦ୍‌ଗଣ ବାକ୍‌ରୁ-ପାଠ ଓ ପାଠରୁ-ବାକ୍ ରୂପାନ୍ତରଣ କୌଶଳ ବିକାଶ କଲେଣି। ଯଦିଓ ଏହି ଦିଗରେ ଗବେଷଣା ଏବେବି ପୂର୍ଣ୍ଣତା ପ୍ରାପ୍ତ କରିନାହିଁ, ଆହୁରି ଅଧ୍ୟୟନର ଆବଶ୍ୟକତା ରଖୁଛନ୍ତି। ଧ୍ୱନିର ସଂଜ୍ଞାରୁ ଆରମ୍ଭ କରି ତାହାର ତାତ୍ତ୍ୱିକ ବିଶ୍ଳେଷଣ ପର୍ଯ୍ୟନ୍ତ ବହୁ ଦିଗକୁ ଭାଷା ବୈଜ୍ଞାନିକମାନେ ଉଦ୍ଘାଟିତ କରିଥିଲେ ବି ଆହୁରି ସୂକ୍ଷ୍ମ ଅଧ୍ୟୟନ ଓ ବିଶ୍ଳେଷଣର ଆବଶ୍ୟକତା ରହିଛି, ଯାହା ଏବେ ଗବେଷଣା ଓ ଅନୁସନ୍ଧାନର ପରିଧିରେ। ଭାଷା ପରିବର୍ତ୍ତନରେ ଧ୍ୱନି ପରିବର୍ତ୍ତନର ଅନନ୍ୟ ଭୂମିକା ରହିଛି। ତେଣୁ ଏହି ଦିଗରେ ଧ୍ୱନିର କାର୍ଯ୍ୟକାରିତା ନିୟମ, ଧ୍ୱନି ଉପସ୍ଥାପନାର ବିବରଣୀ ଏବଂ ତାହାର ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଥିବା ସମ୍ବନ୍ଧ ଇତ୍ୟାଦି ଅଧିକ ଗବେଷଣାର ଅପେକ୍ଷା ରଖୁଛନ୍ତି।

## 3.8 ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତର ସମୂହ

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2.1 ର ଉତ୍ତର*

(କ) ସଙ୍କେତ: ବିଭାଗ 2.2.3 ରେ ଏହି ବିଷୟରେ ଆଲୋଚନା କରାଯାଇଛି.

(ଖ) କାଇମୋଗ୍ରାଫ୍, ପାଲେଟୋଗ୍ରାଫ୍, ଟେପ୍ ରେକର୍ଡର (Tape Recorder), ସ୍ପିଚ୍ ଷ୍ଟ୍ରେଚର (Speech Stretcher), ପ୍ୟାଟର୍ନ ପ୍ଲେବ୍ୟାକ୍ (Pattern Playback), ଟ୍ରାନ୍ସ ପିଚ୍‌ମିଟର (Trans pitch meter), କମ୍ପ୍ୟୁଟର (Computer), ଇଣ୍ଟେନସିଟିମିଟର (Intensity meter), ଅଟୋଫୋନୋସ୍କୋପ୍ (Auto

phonoscope), ଗ୍ଲୋଟୋଗ୍ରାଫ୍ (Glotograph), ମନୋଗ୍ରାଫ୍ (Monograph), ଏୟାରମିଟର (Air meter), ଲାଉଡନେସ୍ ଆନାଲାଇଜର (Loudness Analyzer) ଆଦି ଭଳି ଯନ୍ତ୍ରକୁ ଏବେ ଧ୍ୱନିର ଅଧ୍ୟୟନ ଓ ବିଶ୍ଳେଷଣପାଇଁ ବ୍ୟବହାର କରାଯାଉଛି ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2.2 ର ଉତ୍ତର*

(କ) ମଣିଷର ଯଦି ତାହାର ପରିପାର୍ଶ୍ୱରୁ ଭାଷାକୁ ଅନୁକରଣରେ ଅପୂର୍ଣ୍ଣତା ରହିଯାଏ, ତେବେ ସେହି କଥକ ଅପୂର୍ଣ୍ଣ ଶବ୍ଦ ବା ଭ୍ରାମକ ଶବ୍ଦର ଉଚ୍ଚାରଣ କରିଥାନ୍ତି। ଅନୁକରଣରେ ଅପୂର୍ଣ୍ଣତାରୁ ଧ୍ୱନିରେ ପରିବର୍ତ୍ତନ ଘଟିଥାଏ।

ଖ) ସଂକେତ: ବିଭାଗ 2.5 ଓ 2.5.4 କୁ ପଢନ୍ତୁ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2.3 ର ଉତ୍ତର*

(କ) ସଙ୍କେତ: ବିଭାଗ 2.5.5 ର ଆଲୋଚନାକୁ ଦେଖନ୍ତୁ ।

(ଖ) ଧ୍ୱନି ପରିବର୍ତ୍ତନ ସଂପର୍କରେ 2.5.8 ଓ 2.5.10 ର ଆଲୋଚନାକୁ ଦେଖନ୍ତୁ।

(ଗ) 2.6.1 ର ଆଲୋଚନାକୁ ଦେଖନ୍ତୁ ।

## 3.9 ସହାୟକ ପୁସ୍ତକାବଳୀ


- McMahon, M.S. 'Understanding language change', Cambridge University Press, Reprinted 1999, ISBN: 0521441196
- Hayes Bruce, "Introductory Phonology", Wiley-Blackwell, John Wiley & Sons Ltd, The Atrium, Southern Gate, Chichester, West Sussex, PO19 8SQ, United Kingdom
- ଧଳ, ଗୋଲୋକ ବିହାରୀ, 'ଭାଷାଶାସ୍ତ୍ର ପରିଚୟ', ଓଡିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- ଧଳ, ଗୋଲୋକ ବିହାରୀ, 'ମଣିଷର ଭାଷା, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ କଟକ, 2014


## 3.10 ପାରିଭାଷିକ ଶବ୍ଦାବଳୀ

- ବଳାଘାତ: ଫୁସ୍‌ଫୁସ୍‌ରୁ ଆସୁଥିବା ବାୟୁ ପ୍ରବାହର ତୀବ୍ରତାର ଧ୍ୱନିର ଉଚ୍ଚାରଣ ଭେଦର ଜ୍ଞାନ
- ସ୍ୱରମାତ୍ରା: ସ୍ୱର ଦୀର୍ଘତା

## 3.11 କେତେକ ଆଦର୍ଶ ପ୍ରଶ୍ନ

(କ) ଭୌଗୋଳିକ ଓ ପାରିପାର୍ଶ୍ୱିକ ପରିସ୍ଥିତି ହେତୁ ଭାଷାରେ କିପରି ପରିବର୍ତ୍ତନ ଘଟିଥାଏ, ଆଲୋଚନା କର।

(ଖ) ଧ୍ୱନି ପରିବର୍ତ୍ତନର ବିଭିନ୍ନ ନିୟମ ସଂପର୍କରେ ଆଲୋଚନା କର।

(ଗ) ଭାଷିକ ଧ୍ୱନିର ଅଧ୍ୟୟନରେ ବିଭିନ୍ନ ଧ୍ୱନିମାପକ ଯନ୍ତ୍ରର ଉପଯୋଗିତା ଦର୍ଶାଅ ।

# ଚତୁର୍ଥ ଏକକ: ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ

## ବିଷୟର ଗଠନ

4.1 ପଠନର ଉଦ୍ଦେଶ୍ୟ

4.2 ବିଷୟ ପରିଚୟ

4.3 ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ

4.4 ବିଷୟବସ୍ତୁର ସାରମର୍ମ

4.5 ଆତ୍ମ ପରୀକ୍ଷଣ ପ୍ରଶ୍ନର ଉତ୍ତର ସମୂହ

4.6 ସହାୟକ ପୁସ୍ତକାବଳୀ

4.7 ପାରିଭାଷିକ ଶବ୍ଦାବଳୀ

4.8 କେତେକ ଆଦର୍ଶ ପ୍ରଶ୍ନ

## 4.1 ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ ସଂପର୍କରେ ଅବଗତ ହେବା ଓ ଧ୍ୱନି ପରିବର୍ତ୍ତନରୁ ଭାଷାରେ କିପରି ପରିବର୍ତ୍ତନ ଘଟିଥାଏ ବା ନୂତନ ଶବ୍ଦ କିପରି ନିର୍ମାଣ ହୋଇଥାଏ, ସେ ସମ୍ବନ୍ଧିତ ଅଧ୍ୟୟନରେ ଆପଣଙ୍କୁ ଅଭିନିବେଶ କରାଇବା ଏବଂ ମଣିଷର ଭାଷଣ ପ୍ରକ୍ରିୟା ପଛରେ ନିହିତ ଜ୍ଞାନକୌଶଳ ସଂପର୍କରେ ଏକ ମୋଟାମୋଟି ଧାରଣା ଆପଣଙ୍କୁ ପ୍ରଦାନ କରିବା । ତେଣୁ ଏହି ଏକକରେ ଆପଣ ଶିକ୍ଷା କରିବେ

- ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ
- ଧ୍ୱନି ପରିବର୍ତ୍ତନରୁ ନୂତନ ଶବ୍ଦର ନିର୍ମାଣ ପ୍ରକ୍ରିୟା
- ଧ୍ୱନି ପରିବର୍ତ୍ତନର କାରଣରୁ ଭାଷାରେ ହେଉଥିବା ପରିବର୍ତ୍ତନ
- ଏହି ଭାଷା ପରିବର୍ତ୍ତନ ପଛରେ ନିହିତ ଭାଷାବୈଜ୍ଞାନିକ କାରଣ ଓ ଦିଗ ଇତ୍ୟାଦି ।

## 4.2 ବିଷୟର ପରିଚୟ

ଧ୍ୱନି ପରିବର୍ତ୍ତନକୁ ଧ୍ୱନି ବିକାଶ ବା ଧ୍ୱନି ବିକାର ବି କୁହାଯାଏ । କାରଣ ଭାଷାରେ କେବେ ପ୍ରଚଳିତ ଥିବା ଧ୍ୱନିଗୁଡ଼ିକ ପୂର୍ଣ୍ଣତଃ ପରିବର୍ତ୍ତିତ ହୋଇଯାଏ ତ ଆଉ କେତେବେଳେ ପରିବର୍ତ୍ତିତ ହୋଇ ନୂଆ ରୂପ ଗ୍ରହଣ କରିଥାଏ । ଗୋଟିଏ ଶବ୍ଦର ଥିବା ଅଳ୍ପପ୍ରାଣ ଧ୍ୱନି ମହାପ୍ରାଣ ଧ୍ୱନିରେ ପରିବର୍ତ୍ତିତ ହୋଇଯାଏ, ତ ଆଉ କେତେବେଳେ ମହାପ୍ରାଣ ଧ୍ୱନି ଅଳ୍ପପ୍ରାଣ ଧ୍ୱନିରେ ବଦଳିଯାଏ । ପୁଣି ବେଳେବେଳେ ଅନୁନାସିକ ଧ୍ୱନି ନିରନୁନାସିକ ବା ସାଧାରଣ ଧ୍ୱନିରେ ପରିବର୍ତ୍ତିତ ହୋଇଯାଏ । ଅର୍ଥାତ୍ ଭାଷାରେ ଧ୍ୱନିର ଏହି ନିତ୍ୟ ପରିବର୍ତ୍ତନ ଘଟିଚାଲିଛି ଏବଂ ଏହି ଧ୍ୱନିର ପରିବର୍ତ୍ତନ ଉଭୟ ବାହ୍ୟ ଓ ଅନ୍ତଃ କାରଣରୁ ଘଟୁଛି । ପୂର୍ବ ଅଧ୍ୟାୟରେ ଆମେ ଧ୍ୱନିର ବିଭିନ୍ନ ବାହ୍ୟ କାରଣ ସଂପର୍କରେ ଜାଣି ସାରିଛନ୍ତି । ଏହି ଆଧାୟରେ ଆମେ ଧ୍ୱନିର ଅନ୍ତଃ କାରଣ ସଂପର୍କରେ ଜାଣିବା ।

## 4.3 ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ

ଧ୍ୱନି ପରିବର୍ତ୍ତନର ବିଭିନ୍ନ କାରଣ ରହିଥିବାରୁ ଧ୍ୱନିରେ ପରିବର୍ତ୍ତନ ବିଭିନ୍ନ ଦିଗରୁ ସଂପାଦିତ ହୋଇଥାଏ। ଏହି ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ ହେଉଛନ୍ତି – (1) ଲୋପ (Elision), (2) ଆଗମ , (3) ବିପର୍ଯ୍ୟୟ (Metathesis), (4) ସମୀଭବନ (Assimilation), (5) ବିଷମୀଭବନ (Dissimilation), (6) ଘୋଷୀଭବନ (Vocalization), (7) ମହାପ୍ରାଣୀଭବନ (Aspiration) ଓ ଅଳ୍ପପ୍ରାଣୀଭବନ (De-aspiration), (8) ନାସିକ୍ୟୀକରଣ (Nasalization), (9) ମୂର୍ଦ୍ଧନ୍ୟୀକରଣ (Cerebralization), (10) ତାଲବ୍ୟୀକରଣ (Palatalization), (11) ସ୍ୱରସଂଗତି (Vowel harmony), (12) ଅପନିହିତ (Epenthesis)

### 4.3.1 ଲୋପ (Elision)

ଭାଷାର ଉଚ୍ଚାରଣ ସମୟରେ ସହଜ ଉଚ୍ଚାରଣର ଉଦ୍ଦେଶ୍ୟରେ ଶୀଘ୍ର ଉଚ୍ଚାରଣ, ସ୍ୱଳ୍ପ ଉଚ୍ଚାରଣ ଯୋଗୁଁ ବା ଅସଂପୂର୍ଣ୍ଣ ଶ୍ରବଣ କ୍ଷମତାରୁ ସବୁ ଧ୍ୱନିକୁ ଠିକ୍ ଭାବେ କୁହା ଯାଇପାରେନାହିଁ କି ଶୁଣା ଯାଇପାରେନାହିଁ। ତେଣୁ ଉଚ୍ଚାରଣ ସମୟରେ କେତେକ ଧ୍ୱନିର ଲୋପ ଘଟିଥାଏ। ଏହି ଧ୍ୱନି ସ୍ୱରଧ୍ୱନି, ବ୍ୟଞ୍ଜନଧ୍ୱନି ହୋଇପାରନ୍ତି। ଯେପରିକି ରାମ >ରାମ୍, ମାତା > ମା, ବକୁଳ >ବଉଳ, ସତ୍ୟ>ସତ, ଅନ୍ଧକାର>ଅନ୍ଧାର ଇତ୍ୟାଦି। ଯଦି ଆଦ୍ୟଧ୍ୱନିର ଲୋପ ଘଟେ ତାହାକୁ ଆଦ୍ୟଲୋପ (procope), ମଧ୍ୟ ଧ୍ୱନିର ଲୋପ ହେଲେ ତାହାକୁ ମଧ୍ୟଲୋପ (syncope) ଏବଂ ଅନ୍ତଃ ଧ୍ୱନିର ଲୋପ ହେଲେ ଅନ୍ତ୍ୟଲୋପ (apocope) କିହାଯାଏ।

ଏହି ଧ୍ୱନିଲୋପରୁ କେତେକ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା :-

ଆଦ୍ୟସ୍ୱର ଲୋପ (Aphesis): ଅମୀର > ମୀର, ଅଭ୍ୟନ୍ତର> ଭିତର, ଅସାର>ସାର, ଅଲାବୂ >ଲାଉ

ମଧ୍ୟସ୍ୱର ଲୋପ (Syncope): ତରବୁଜ > ତର୍ବୁଜ, ପରଶୁ> ପର୍ଶୁ, ନଗର>ନଗ୍ର, ଭଗିନୀ > ଭଗ୍ନୀ, ନରକ>ନର୍କ

ଅନ୍ତ୍ୟସ୍ୱର ଲୋପ : କଟକ > କଟକ୍, କମଳ>କମଲ୍, ନଗର>ନଗ୍ର, ଭଗିନୀ > ଭଗ୍ନୀ, ଦୂର୍ବା>ଦୂବ୍, ଭୁଲ>ଭୁଲ୍

ଆଦ୍ୟବ୍ୟଞ୍ଜନ ଲୋପ : ସ୍ଥିର > ଥିର, ସ୍ଥାନ > ଥାନ, ସ୍କନ୍ଧ >କାନ୍ଧ, ସ୍ଥଳୀ>ଥଳୀ, ସ୍କୁଟର>କୁଟର

ମଧ୍ୟବ୍ୟଞ୍ଜନ ଲୋପ : ବକୁଳ >ବଉଳ, ମୁକୁଟ >ମଉଡ, ମାତା >ମାଆ, କୂପ>କୂଅ, ଭୋଗୀ>ଭୋଇ, ଶବର>ଶଅର

ଅନ୍ତ୍ୟବ୍ୟଞ୍ଜନ ଲୋପ : ଭବିଷ୍ୟତ୍ >ଭବିଷ୍ୟ, ତେଜସ୍ >ତେଜ, ପଶ୍ଚାତ୍>ପଛ, ନେତ୍ର>ନେତ, ଭୋଗୀ>ଭୋଇ, ଶବର>ଶଅର, ଜ୍ୟେଷ୍ଠଶ୍ୱଶୁର >ଜେଠାଶୁର ଇତ୍ୟାଦି।

ଉପରୋକ୍ତ ଏହି ତିନିପ୍ରକାର ଧ୍ୱନିଲୋପ ବ୍ୟତୀତ ଯଦି ଦୁଇଟି ସମୋଚ୍ଚାରିତ ସିଲେବ୍ଲ ବା ଅକ୍ଷରରୁ ଗୋଟିଏ ଲୋପ ହୁଏ ତାହାକୁ ସମାକ୍ଷର ଲୋପ (hypology) କୁହାଯାଏ। ସାଧାରଣତଃ ମାନବ ମସ୍ତିଷ୍କ ଏକ ପ୍ରକାର ଅକ୍ଷରକୁ ଏକ ସମୟରେ ଦୁଇଥର ଉଚ୍ଚାରଣ କରିବାକୁ ଚାହେଁନାହିଁ। ତେଣୁ ଗୋଟିକୁ ଛାଡିଦିଏ। ଏହି ଛାଡି ଦେବାକୁ କୁହାଯାଏ ସମାକ୍ଷର ଲୋପ ; ଯଥା : ପାଦୋଦକ > ପାଦୁକ, ନାକକଟା>ନାକଟା, ଚିକ୍କଣ >ଚିକଣ ।

## 4.3.2 ଆଗମ (thesis)

ଧ୍ୱନିଲୋପ ପରି ଧ୍ୱନିର ଆଗମ ମଧ୍ୟ ଭାଷିକ ଧ୍ୱନି ପରିବର୍ତ୍ତନର ଅନ୍ୟତମ ଦିଗ। ଶବ୍ଦରେ କୌଣସି ନୂତନ ଧ୍ୱନିର ଆଗମନକୁ ଭାଷାବିଜ୍ଞାନରେ ଧ୍ୱନ୍ୟାଗମ କୁହାଯାଏ। ଏହି ଆଗମ ଧ୍ୱନି ସ୍ୱରଧ୍ୱନି ବା ବ୍ୟଞ୍ଜନଧ୍ୱନି ହୋଇପାରନ୍ତି। ଯେପରିକି ସ୍କୁଲ > ଇସ୍କୁଲ, କର୍ମ > କରମ, ପୂର୍ବ >ପୂରୁବ, ଗ୍ଲାସ୍>ଗିଲାସ, ଭକ୍ତି>ଭକତି ଇତ୍ୟାଦି। ଯଦି ଆଦ୍ୟଧ୍ୱନିର ଆଗମ ଘଟେ ତାହାକୁ ଆଦ୍ୟଆଗମ, ମଧ୍ୟ ଧ୍ୱନିର ଆଗମ ହେଲେ ତାହାକୁ ମଧ୍ୟାଗମ ଏବଂ ଅନ୍ତଃ ଧ୍ୱନିର ଆଗମ ହେଲେ ଅନ୍ତ୍ୟାଗମ କୁହାଯାଏ।

ଏହି ଧ୍ୱନିଆଗମରୁ କେତେକ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା :

ଆଦ୍ୟସ୍ୱରାଗମ (Prothesis) : ପର୍ଯ୍ୟାପ୍ତ >ଅପର୍ଯ୍ୟାପ୍ତ, ସ୍ତ୍ରୀ> ଇସ୍ତ୍ରୀ, ସ୍ଥାନ>ଅସ୍ଥାନ, ସ୍କୁଲ > ଇସ୍କୁଲ, ଷ୍ଟେସନ > ଇଷ୍ଟେସନ, ଉଲ୍ଲାସ > ହୁଲ୍ଲାସ

ମଧ୍ୟସ୍ୱରାଗମ (Anaptyxis) : ସଂଯୁକ୍ତ ବ୍ୟଞ୍ଜନର ଉଚ୍ଚାରଣରେ ହେଉଥିବା ଅସୁବିଧାକୁ ଦୂର କରିବାପାଇଁ ମଧ୍ୟବର୍ତ୍ତୀ ସ୍ତରରେ କୌଣସି ସରର ଆଗମକୁ ମଧ୍ୟସ୍ୱରାଗମ କୁହାଯାଇଥାଏ । ଯଥା: ଧର୍ମ >ଧରମ, ଜନ୍ମ> ଜନମ, ମର୍ଦ>ମରଦ, କର୍ମ > କରମ, ନର୍କ>ନରକ, ଭକ୍ତ > ଭଗତ, ପ୍ରସାଦ > ପରସାଦ

ଅନ୍ତ୍ୟସ୍ୱରାଗମ: ଜଗତ୍ > ଜଗତ, ଇଜ୍ଜତ୍>ଇଜ୍ଜତ, ବାସ୍>ବାସୁ, ସମ୍ରାଟ୍ > ସମ୍ରାଟ, ସତ୍>ସତ, ସଂପଦ୍>ସଂପଦ

ଆଦ୍ୟବ୍ୟଞ୍ଜନାଗମ: ଅସ୍ଥି > ହଡ଼ଡି ('ହ' ର ଆଗମ), ଉଲ୍ଲାସ > ହୁଲ୍ଲାସ ('ହ' ର ଆଗମ), ଓଷ୍ଠ >ହୋଠ ('ହ'ର ଆଗମ)

ମଧ୍ୟବ୍ୟଞ୍ଜନାଗମ : କେହି କେହି ମଧ୍ୟ ଏହି ମଧ୍ୟବ୍ୟଞ୍ଜନର ଆଗମନକୁ 'ସ୍ୱରଭକ୍ତି' କହିଥାନ୍ତି। ଦୁଇଟି ବ୍ୟଞ୍ଜନ ମଧ୍ୟରେ ଉଚ୍ଚାରଣର ସୁଗମତାପାଇଁ ସ୍ୱରର ଆଗମନ ହେଲେ ତାହାକୁ ସ୍ୱରଭକ୍ତି କୁହାଯାଏ। ଏହି ମଧ୍ୟବ୍ୟଞ୍ଜନର ଉଦାହରଣଗୁଡ଼ିକ ହେଉଛନ୍ତି:ସ୍ନାନ >ସିନାନ, ସ୍ନେହ >ସିନେହ, ଅନ୍ଧକାର>ଅନ୍ଧତକାର, ଅକ୍ଷୁଣ୍ଣ>ଅକ୍ଷୁର୍ଣ୍ଣ, ସହାଯ୍ୟ>ସାହାର୍ଯ୍ୟ ('ର' ର ଆଗମ), ମୁକ୍ତା>ମୁକୁତା

ଅନ୍ତ୍ୟବ୍ୟଞ୍ଜନାଗମ: ଉମରା > ଉମରାଓ, ଦେହ > ଦେହାତ୍, ଆରବୀ>ଆରବୀକ, ନୀଚ>ନୀଚ୍ଚ

## 4.3.3 ବିପର୍ଯ୍ୟୟ (Metathesis)

ବିପର୍ଯ୍ୟୟରେ ଧ୍ୱନିମାନଙ୍କର ସ୍ଥାନ ପରିବର୍ତ୍ତିତ ହୋଇଥାଏ। ଏଥିରେ କୌଣସି ଶବ୍ଦର ସ୍ୱର, ବ୍ୟଞ୍ଜନ ବା ଅକ୍ଷର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଚାଲିଯାଏ ଏବଂ ଦ୍ୱିତୀୟ ସ୍ଥାନର ସ୍ୱର, ବ୍ୟଞ୍ଜନ ବା ଅକ୍ଷର ପ୍ରଥମ ସ୍ଥାନକୁ ଚାଲିଆସେ। ସ୍ୱରରେ ଏହି ବିପର୍ଯୟ ଘଟିଲେ ତାହାକୁ 'ସ୍ୱର-ବିପର୍ଯୟ' ଓ ବ୍ୟଞ୍ଜନରେ ଏହି ବିପର୍ଯୟ ଘଟିଲେ ତାହାକୁ 'ବ୍ୟଞ୍ଜନ-ବିପର୍ଯୟ' କୁହାଯାଏ। ଏହି ବିପର୍ଯୟ ପାର୍ଶ୍ୱବର୍ତ୍ତୀ ବା ଦୂରବର୍ତ୍ତୀ ହୋଇପାରେ।

ସ୍ୱର-ବିପର୍ଯୟ: କାଳ>କଳା, ନାଳ>ନଳା, କାଣ>କଣା, ପାଗଳ>ପଗଳା, ଅରିଷ୍ଟ>ଅରଷ୍ଟି, ବଙ୍ଗଳା>ବଙ୍ଗାଳ

ବ୍ୟଞ୍ଜନ-ବିପର୍ଯୟ:ବୁଡ଼>ଡୁବ, ରିକ୍ସା>ରିସ୍କା, ବିସ୍କୁଟ>ବିକ୍ସୁଟ, ବାକ୍ସ>ବାସ୍କ, ବାରଣାସୀ>ବାଣରାସୀ, କୋଟର>କୋରଡ଼

ତେବେ ଏହି ବିପର୍ଯ୍ୟୟ ସାଧାରଣତଃ ଛୋଟ ପିଲା ଓ ଅଶିକ୍ଷିତ ଲୋକଙ୍କ ଉଚ୍ଚାରଣରେ ବହୁଳ ଭାବେ ଦେଖାଯାଇଥାଏ।

## 4.3.4 ସମୀଭବନ (Assimilation)

ଶବ୍ଦର ଉଚ୍ଚାରଣ ସମୟରେ କୌଣସି ଯଦି ଦୁଇଟି ବଷମଧ୍ୱନି ପାରସ୍ପରିକ ପ୍ରଭାବ ହେତୁ ଗୋଟିଏ ଧ୍ୱନି ସ୍ଥାନରେ ଅନ୍ୟଏକ ଧ୍ୱନି ଅବସ୍ଥାପିତ ହୁଏ, ସେହି ବ୍ୟାପାରକୁ ସମୀକରଣ ବା ସମୀଭବନ କୁହାଯାଏ। ଏହି ପ୍ରକ୍ରିୟାରେ ପୂର୍ବବର୍ତ୍ତୀ ଧ୍ୱନି ପରବର୍ତ୍ତୀ ଧ୍ୱନିକୁ, ପରବର୍ତ୍ତୀ ଧ୍ୱନି ପୂର୍ବବର୍ତ୍ତୀ ଧ୍ୱନିକୁ ବା ଉଭୟ ଧ୍ୱନି ପରସ୍ପରକୁ ପ୍ରଭାବିତ କରିପାରନ୍ତି। ଉଦାହରଣ ସ୍ୱରୂପ 'ଦିକ୍ ଅମ୍ବର' ଶବ୍ଦକୁ ଉଚ୍ଚାରଣ ବେଳେ 'ଅ' ଧ୍ୱନିର ପ୍ରଭାବରେ 'କ' ଧ୍ୱନି ସ୍ଥାନରେ ତାହାର ସଘୋଷ ରୂପ 'ଗ' ଧ୍ୱନି ଉଚ୍ଚାରିତ ହୋଇ 'ଦିଗମ୍ବର' ଶବ୍ଦର ଉତ୍ପନ୍ନ ହୁଏ। ସେହିପରି 'ଜଗତ୍ ନାଥ' ଶବ୍ଦ ଉଚ୍ଚାରଣ ସମୟରେ 'ନ' ପ୍ରଭାବରେ 'ତ୍' ସ୍ଥାନରେ 'ନ୍' ଅବସ୍ଥାପିତ ହେବାରୁ 'ଜଗନ୍ନାଥ' ଶବ୍ଦ ଉଚ୍ଚାରିତ ହୋଇଥାଏ।

ଏହି ସମୀଭବନ ସ୍ୱରଧ୍ୱନି ଓ ବ୍ୟଞ୍ଜନଧ୍ୱନି ଉଭୟ କ୍ଷେତ୍ରରେ ଦେଖାଯାଏ।

ସ୍ୱର-ସମୀଭବନର କେତେକ ଉଦାହରଣ ହେଉଛନ୍ତି:ଜୁଲମ >ଜୁଲୁମ, ଉପକାର>ଉପୁକାର, ସାହସ >ସାହାସ, ଉପରି >ଉପର ଇତ୍ୟାଦି। ଏହିସବୁ ଉଦାହରଣରେ ପୂର୍ବବର୍ତ୍ତୀ ସ୍ୱର ପରବର୍ତ୍ତୀ ସ୍ୱରକୁ ପ୍ରଭାବିତ କରିଛନ୍ତି। ମାତ୍ର ଅଙ୍ଗୁଳି > ଉଙ୍ଗୁଳି, ସଂଜ୍ଞା >ସାଂଜ୍ଞା, ସହାୟ > ସାହା ଆଦି ଉଦାହରଣରେ ପରବର୍ତ୍ତୀ ସ୍ୱରଧ୍ୱନି ପୂର୍ବବର୍ତ୍ତୀ ଦୂରସ୍ଥ ସ୍ୱରଧ୍ୱନିକୁ ପ୍ରଭାବିତ କରିବାରୁ ଧ୍ୱନି ପରିବର୍ତ୍ତନ ଘଟିଛି।

ବ୍ୟଞ୍ଜନ-ସମୀଭବନର କେତେକ ଉଦାହରଣ ହେଉଛନ୍ତି : ଚକ୍ର > ଚକ୍କ > ଚକ, ବ୍ୟାଘ୍ର>ବାଗ୍ଘ > ବାଘ , ମିତ୍ର>ମିତ୍ତ > ମିତ, ଯଜମାନ>ଜେଜମାନ, ଗଳ୍ପ > ଗପ୍ପ > ଗପ, ଫାଲ୍‌ଗୁନ>ଫଗ୍‌ଗୁଣ > ଫଗୁଣ, ଅଗ୍ର > ଅଗ୍‌ଗ > ଅଗ ଇତ୍ୟାଦି। ବହୁ କ୍ଷେତ୍ରରେ ଦୁଇଟି ବ୍ୟଞ୍ଜନଧ୍ୱନି ପାଖାପାଖି ନରହି ଦୂରରେ ଥିଲେ ମଧ୍ୟ ପରବର୍ତ୍ତୀ ବ୍ୟଞ୍ଜନଧ୍ୱନି ପୂର୍ବବର୍ତ୍ତୀ ବ୍ୟଞ୍ଜନଧ୍ୱନିକୁ ପ୍ରଭାବିତ କରିଥାଏ। ଯଥା: ଦୁଗ୍ଧ> ଦୁଦ୍ଧ, ବଲ୍‌କଲ > ବକ୍‌କଲ, ସତ୍‌ଜନ > ସଜ୍ଜନ ଇତ୍ୟାଦି।

ଇଂରାଜୀରେ open ଶବ୍ଦର ଉଚ୍ଚାରଣ ବେଳେ p ଓ n ପରସ୍ପରର ନିକଟବର୍ତ୍ତୀ ହେବାରୁ n ଧ୍ୱନି m ଧ୍ୱନିରେ ପରିବର୍ତ୍ତିତ ହୋଇ ଉଚ୍ଚାରିତ ସମୟରେ 'oupn' ବଦଳରେ 'oupm' ଭଳି ଉଚ୍ଚାରିତ ହୋଇଥାଏ।

## 4.3.5 ବିଷମୀଭବନ (Dissimilation)

ବିଷମୀଭବନ ସମୀଭବନର ଠିକ୍ ବିପରୀତ କହିଲେ ଚଳେ। କୌଣସି ଧ୍ୱନି ଅନ୍ୟଏକ ସମଧ୍ୱନିକୁ ପ୍ରଭାବିତ କରିବା ଫଳରେ ଯଦି ସେହି ଧ୍ୱନିଟି ପରିବର୍ତ୍ତିତ ହୋଇଯାଏ, ତେବେ ସେହି ବ୍ୟାପାରକୁ ବିଷମୀଭବନ କୁହାଯାଏ। ସାଧାରଣତଃ ଉଚ୍ଚାରଣରେ ସରଳତା ପାଇଁ ବିଷମୀଭବନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆରେ ର, ଲ, ମ, ନ ଆଦି ଧ୍ୱନି ବିଶେଷଭାବେ ଏହି ପ୍ରକ୍ରିୟାଯୋଗୁଁ ପ୍ରଭାବିତ ହୋଇ ପରିବର୍ତ୍ତିତ ହୋଇଥାନ୍ତି। ଓଡ଼ିଆରେ 'ଲାଲ୍ ରଙ୍ଗ' କୁ କେହିକେହି 'ନାଲ୍ ରଙ୍ଗ ବା ନାଲିରଙ୍ଗ' କହିଥାନ୍ତି। ଧ୍ୱନି ପରିବର୍ତ୍ତନ ଦିଗରୁ ଏହି ବିଷମୀଭବନ ଉଭୟ ସ୍ୱରଧ୍ୱନି ଓ ବ୍ୟଞ୍ଜନଧ୍ୱନି କ୍ଷେତ୍ରରେ ଦେଖାଯାଇଥାଏ।

ସ୍ୱର ବିଷମୀଭବନର ଉଦାହରଣଗୁଡ଼ିକ ହେଉଛନ୍ତି: ତିଳକ > ତିଳିକି, ପୁରୁଷ > ପୁରିଷ, ମୁକୁଟ> ମଉଡ଼ ଇତ୍ୟାଦି। ପ୍ରଥମ ଦୁଇଟି ନମୁନାରେ ପୂର୍ବ ସ୍ୱରଧ୍ୱନିଟି ପରବର୍ତ୍ତୀ ସ୍ୱରଧ୍ୱନିକୁ ପ୍ରଭାବିତ କରୁଥିବା ବେଳେ, ତୃତୀୟ ନମୁନାରେ ପରସ୍ୱରଟି ଅପରିବର୍ତ୍ତିତ ରହି ପୂର୍ବସ୍ୱରଧ୍ୱନିକୁ ପରିବର୍ତ୍ତିତ କରୁଛି।

ବ୍ୟଞ୍ଜନ ବିଷମୀଭବନର ଉଦାହରଣଗୁଡ଼ିକ ହେଉଛନ୍ତି: ସମ୍ମାନ > ସନମାନ, ଲାଙ୍ଗୁଡ > ଲାଙ୍ଗୁଳ, ଲାଙ୍ଗଳ >ନଙ୍ଗଳ, ଆରମାରିଓ > ଆଲମାରି ଇତ୍ୟାଦି।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ: 2.1***

(କ) ଧ୍ୱନିଲୋପର କେତେକ ଉଦାହରଣ ପ୍ରଦାନ କର । (30ଟି ଶବ୍ଦରେ)

(ଖ) ଧ୍ୱନିର ଆଗମରୁ ଭାଷାରେ କିପରି ପରିବର୍ତ୍ତନ ଘଟେ, ଲେଖ ।

(ଗ) ସମୀଭବନ ହେତୁ ଧ୍ୱନିରେ କିପରି ପରିବର୍ତ୍ତନ ହୋଇଥାଏ, ତାହାକୁ ଉପଯୁକ୍ତ ଉଦାହରଣ ମାଧ୍ୟମରେ ଉପସ୍ଥାପନା କର ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## 4.3.6 ଘୋଷୀଭବନ (Vocalization)

ଧ୍ୱନି ପରିବର୍ତ୍ତନର ଅନ୍ୟତମ ଦିଗ ହେଉଛି ଘୋଷୀଭବନ ବା ଘୋଷୀକରଣ। ଓଡ଼ିଆରେ ବ୍ୟଞ୍ଜନ ବର୍ଣ୍ଣରେ ଥିବା ବର୍ଗରୁ ପ୍ରଥମ ଓ ଦ୍ୱିତୀୟ ଧ୍ୱନି ଅଘୋଷ ଧ୍ୱନି ହୋଇଥିବା ବେଳେ ତୃତୀୟ, ଚତୁର୍ଥ, ପଞ୍ଚମ ତଥା 'ୟ୍, ର୍, ଲ୍, ବ୍, ହ୍' ଇତ୍ୟାଦି ସଘୋଷଧ୍ୱନି ଅଟନ୍ତି। ସଘୋଷ ଧ୍ୱନି ଅଘୋଷ ଧ୍ୱନିରେ ବା ଅଘୋଷ ଧ୍ୱନି ସଘୋଷ ଧ୍ୱନିରେ ପରିବର୍ତ୍ତିତ ହେବାର ପ୍ରକ୍ରିୟାକୁ ଘୋଷୀକରଣ କୁହାଯାଏ। ଶାକ>ଶାଗ, ପାଠୀ>ପାଢ଼ୀ, ପାକ>ପାଗ, ସିକା>ସିଂଗା, ପାକଳ>ପାଗଳ, ବେତ>ବେଦ, ଶକଟ > ଶଗଡ଼, କପାଟ > କବାଟ ଇତ୍ୟାଦି ଘୋଷୀଭବନର ଉଦାହରଣ ଅଟନ୍ତି।

ଏହା ବ୍ୟତୀତ ଅଘୋଷବ୍ୟଞ୍ଜନ ସନ୍ଧିରେ ଘୋଷୀଭବନର ବହୁଳ ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ ଯେପରିକି: ଉତ୍+ଭବ> ଉଦ୍ଭବ, ଦିକ୍+ଅନ୍ତ >ଦିଗନ୍ତ ଇତ୍ୟାଦି।

ସେହିପରି ଘୋଷଧ୍ୱନି ଅଘୋଷଧ୍ୱନିରେ ପରିବର୍ତ୍ତିତ ହେଲେ ତାହାକୁ ଅଘୋଷୀକରଣ କୁହାଯାଏ। ଯଥା ବ୍ୟଜନ >ବିଚଣା, ଅବସର>ଅପସର, ନଗର>ନକର, ସଂବାଦ>ସଂପାଦ ଇତ୍ୟାଦି।

## 4.3.7 ମହାପ୍ରାଣୀଭବନ (Aspiration) ଏବଂଅଳ୍ପପ୍ରାଣୀଭବନ (De-aspiration)

ପ୍ରାଣତ୍ୱ ଦୃଷ୍ଟିରୁ ଭାଷିକ ଧ୍ୱନି ଦୁଇ ପ୍ରକାରର। ଅଳ୍ପପ୍ରାଣ ଧ୍ୱନି ଓ ମହାପ୍ରାଣ ଧ୍ୱନି। ମହାପ୍ରାଣ ଧ୍ୱନିକୁ ଉଚ୍ଚାରଣ କଲାବେଳେ ଅଧିକ ଶ୍ୱାସ ନିର୍ଗତ ହୋଇଥାଏ ଓ ଅଧିକ ଶକ୍ତି ପ୍ରୟୋଗ କରିବାକୁ ପଡିଥାଏ। ବ୍ୟଞ୍ଜନ ବର୍ଗର ଦ୍ୱିତୀୟ ଓ ଚତୁର୍ଥ ବର୍ଣ୍ଣମହାପ୍ରାଣ ଧ୍ୱନି ଅଟନ୍ତି। କିନ୍ତୁ ଅଳ୍ପପ୍ରାଣ ଧ୍ୱନି ଉଚ୍ଚାରଣ ବେଳେ ଅପେକ୍ଷାକୃତ ଅଳ୍ପ ଶ୍ୱାସ ନିର୍ଗତ ହୋଇଥାଏ ଓ ଅଳ୍ପଶକ୍ତି ଉପଯୋଗ କରିବାକୁ ପଡ଼େ। ବ୍ୟଞ୍ଜନ ଧ୍ୱନି ବର୍ଗର ପ୍ରଥମ ଓ ତୃତୀୟ ବର୍ଣ୍ଣ ଅଳ୍ପପ୍ରାଣ ଧ୍ୱନି ଅଟନ୍ତି।

ଶବ୍ଦର ଉଚ୍ଚାରଣ ସମୟରେ ବ୍ୟବହୃତ ଅଳ୍ପପ୍ରାଣ ଧ୍ୱନି ମହାପ୍ରାଣ ଧ୍ୱନିରେ ପରିଣତ ହେଲେ ତାହାକୁ ମହାପ୍ରାଣୀଭବନ କୁହାଯାଏ। ସେହପରି ଉଚ୍ଚାରଣ ସମୟରେ ମହାପ୍ରାଣ ଧ୍ୱନି ଅଳ୍ପପ୍ରାଣ ଧ୍ୱନିରେ ପରିଣତ ହେଲେ ତାହାକୁ ଅଳ୍ପପ୍ରାଣୀ ଭବନ କୁହାଯାଏ।

ମହାପ୍ରାଣୀଭବନର ଉଦାହରଣ ହେଉଛନ୍ତି : କାଶ > ଖାଶ, ଅର୍କ > ଅର୍ଖ, ପାଶ >ଫାଶ, ବେଶ >ଭେଶ, କିସ୍‌ମିସ୍ > ଖିସ୍‌ମିସ୍, ସକାଳ > ସଖାଳ, ଭରତ >ଭରଥ, ତଟସ୍ତ > ତଟସ୍ଥ

ଅଳ୍ପପ୍ରାଣୀଭବନର ଉଦାହରଣ ହେଉଛନ୍ତି:ବଳିଷ୍ଠ >ବଳିଷ୍ଟ, ପାପିଷ୍ଠ>ପାପିଷ୍ଟ, ଶ୍ରେଷ୍ଠ>ଶ୍ରେଷ୍ଟ, ବନ୍ଧୁ >ବନ୍ଦୁ, ପଘା>ପଗା, ସିଧା>ସିଦା, ଶଙ୍ଖୁଳିବା>ଶଙ୍କୁଳିବା

## 4.3.8 ନାସିକ୍ୟୀକରଣ (Nasalization)

ନାସିକ୍ୟକରଣ ଓଡ଼ିଆରେ ଉଚ୍ଚାରଣ ବେଳେ ଉଭୟ ସ୍ୱର ଓ ବ୍ୟଞ୍ଜନଧ୍ୱନି କ୍ଷେତ୍ରରେ ଦେଖିବାକୁ ମିଳେ। ନାସିକ୍ୟବ୍ୟଞ୍ଜନ ଧ୍ୱନି ଲୁପ୍ତ ହେବା ଫଳରେ ଯଦି ଅବଶିଷ୍ଟ ସ୍ୱରଧ୍ୱନି ଅନୁନାସିକ ଭାବେ ଉଚ୍ଚାରିତ ହୁଏ, ସେହି ପ୍ରକ୍ରିୟାକୁ ଅନୁନାସିକ୍ୟଭବନ କୁହାଯାଏ। ଯଥା ବାମ>ବାଁ, କୋମଳ>କଅଁଳ, କୁମାର>କୁଆଁର, ଧୂମ>ଧୂଆଁ, ଭ୍ରମର>ଭଅଁର, ମାମୀ>ମାଇଁ ଇତ୍ୟାଦି। ଏହିସବୁ ଉଦାହରଣରେ ନାସିକ୍ୟ ବ୍ୟଞ୍ଜନ [ମ] ଲୁପ୍ତ ହୋଇ ଅବଶିଷ୍ଟ ସ୍ୱରଧ୍ୱନିରେ ନାସିକ୍ୟତା ଯୁକ୍ତ ହୋଇ ଧ୍ୱନି ପରିବବର୍ତ୍ତନ କରୁଛି।

ଅନେକ ସମୟରେ ଅନୁନାସିକ ଧ୍ୱନି ନଥାଇ ମଧ୍ୟ ସ୍ୱରଧ୍ୱନି ଅନୁନାସିକ୍ୟ ହୋଇଯାଏ। ଯଥା : ହସିବା>ହଁସିବା, ଯାଉଛି>ଯାଁଉଛି, ସର୍ପ>ସାଁପ, ଯୋଗୁ>ଯୋଗୁଁ, ଅଛୁ>ଅଛୁଁ, ଆଖି>ଆଁଖି ଇତ୍ୟାଦି।

ନାସିକ୍ୟବ୍ୟଞ୍ଜନର ସଂସର୍ଗରେ ବ୍ୟଞ୍ଜନ ନାସିକ୍ୟତା ଯୁକ୍ତ ହେଲେ ନାସିକ୍ୟଭବନ ଘଟେ। ଯଥା –ନୀଳାଚଳ >ନୀଳାଞ୍ଚଳ, ହିମାଚଳ > ହିମାଞ୍ଚଳ, ମାର୍ଜାର>ମାଞ୍ଜାର, ମର୍କଟ>ମାଙ୍କଡ଼, କର୍କଟ >କଙ୍କଡ଼ା, ପାପଡ>ପାମ୍ପଡ଼, ଉଚ୍ଚ>ଉଞ୍ଚ, ବକ୍ର>ବଙ୍କା ଇତ୍ୟାଦି।

## 4.3.9 ମୂର୍ଦ୍ଧଣ୍ୟକରଣ (Cerebralization)

ମୂର୍ଦ୍ଧଣ୍ୟ ବର୍ଗ ହୋଇନଥିବା ଧ୍ୱନି ମୂର୍ଦ୍ଧଣ୍ୟ ଧ୍ୱନିରେ ପରିଣତ ହେଲେ ତାହାକୁ ମୂର୍ଦ୍ଧନ୍ୟୀକରଣ କହନ୍ତି। ତେବେ ଏହି କ୍ଷେତ୍ରରେ ବହୁ ସମୟରେ ଦନ୍ତ୍ୟ ବର୍ଣ୍ଣ ମୂର୍ଦ୍ଧଣ୍ୟ ବର୍ଣ୍ଣରେ ପରିଣତ ହେବାର ଦେଖାଯାଏ । 'ର', 'ର', 'ଷ୍' ପ୍ରଭୃତି ମୂର୍ଦ୍ଧଣ୍ୟ ଧ୍ୱନିର ପ୍ରଭାବରେ ଦନ୍ତ୍ୟବ୍ୟଞ୍ଜନ ଧ୍ୱନି ମୂର୍ଦ୍ଧନ୍ୟଧ୍ୱନିରେ ପରିଣତ ହୋଇଯାନ୍ତି। ଏହି ପ୍ରକ୍ରିୟାରେ ପରିବର୍ତ୍ତିତ ଧ୍ୱନିର ଉଦାହରଣ ହେଉଛନ୍ତି – ମୃତ୍ତିକା >ମାଟି, ବୃଦ୍ଧ>ବୁଢ଼ା, ହରିତକ>ହରିଡ଼ା, ମୃତ>ମଡ଼ା, ଗର୍ତ୍ତ>ଗାଡ଼, ପତିତ>ପଡ଼ିଆ, ଗ୍ରନ୍ଥି>ଗଣ୍ଠି, ମନୁଷ୍ୟ>ମଣିଷ, ଦକ୍ଷିଣ > ଡାହାଣ, ଦର > ଡର ଇତ୍ୟାଦି।

କିନ୍ତୁ ଏପରି ବହୁ ଉଦାହରଣ  ମଧ୍ୟ ଅଛନ୍ତି, ଯେଉଁଥିରେ ମୂର୍ଦ୍ଧନ୍ୟ ଧ୍ୱନିର ସଂସର୍ଗ ନଥାଇ ଦନ୍ତ୍ୟବ୍ୟଞ୍ଜନ ମୂର୍ଦ୍ଧନ୍ୟ ଧ୍ୱନିରେ ବଦଳି ଯାଆନ୍ତି। ଯଥା – ପତିତ >ପଡ଼ିଆ, ଜନ>ଜଣ, ଫେନ>ଫେଣ, ବନ>ବଣ, ଭଗିନୀ>ଭଉଣୀ ଇତ୍ୟାଦି

## 4.3.10 ତାଲବ୍ୟୀକରଣ (Palatalization)

ଦନ୍ତ୍ୟବ୍ୟଞ୍ଜନ ଧ୍ୱନି ତାଲବ୍ୟଧ୍ୱନିର ସଂସ୍ପର୍ଶରେ ଆସି ଉଚ୍ଚାରଣ ବେଳେ ତାଲବ୍ୟଧ୍ୱନିରେ ପରିବର୍ତ୍ତିତ ହୋଇଥାନ୍ତି। ଏହି ପ୍ରକ୍ରିୟାକୁ ତାଲବ୍ୟୀଭବନ କୁହାଯାଏ। ଓଡ଼ିଆରେ ଚ୍, ଛ୍, ଜ୍, ଝ୍, ଯ୍, ଶ୍ ଆଦି ତାଲବ୍ୟ ଧ୍ୱନି ଅଟନ୍ତି। ଯଥା – ତାଜା >ଚାଜା, ସଦ୍ୟ>ସଜ, ସୂଚୀ>ଛୁଞ୍ଚି, ମଧ୍ୟ>ମଝି, ନୃତ୍ୟ>ନାଚ, ବାଦ୍ୟ>ବାଜା, ମଧ୍ୟମ>ମଝିଆଁ, ଅବୋଧ>ଅବୁଝା, ସତ୍ର>ଛତ୍ର, ସସାଙ୍କ >ସଶାଙ୍କ, ସତ୍ ଜନ > ସଜ୍ଜନ, ଅଦ୍ୟ > ଆଜି ଇତ୍ୟାଦି।

## 4.3.11 ସ୍ୱରସଂଗତି (Vowel harmony)

ଦୁଇଟି ସ୍ୱରଧ୍ୱନି ମଧ୍ୟରୁ ଗୋଟିଏ ସ୍ୱରଧ୍ୱନିର ପ୍ରଭାବରେ ଅନ୍ୟ ସ୍ୱରଧ୍ୱନିର ପ୍ରକୃତିରେ ଯଦି ପରିବର୍ତ୍ତିତ ହେଲେ ଉଭୟ ସ୍ୱରଧ୍ୱନି ମଧ୍ୟରେ ଏକ ସଂଗତି ସ୍ଥାପନ ହୁଏ। ଏହି ସଂଗତି ବା ସାମଞ୍ଜସ୍ୟକୁ ସ୍ୱରସଂଗତି କହନ୍ତି। ଉଚ୍ଚାବସ୍ଥିତ ସ୍ୱରଧ୍ୱନି ନିମ୍ନାବସ୍ଥିତ ସ୍ୱରଧ୍ୱନିକୁ ନିଜ ଆଡକୁ ଟାଣିନେବାକୁ ଚେଷ୍ଟା କରିଥାଏ। ଯେପରିକି 'କଡାଇ' ଶବ୍ଦସ୍ଥ 'ଇ' ସ୍ୱରଧ୍ୱନି ପୂର୍ବବର୍ତ୍ତୀ "ଆ' ସ୍ୱରଧ୍ୱନିକୁ ସମୀକୃତ କରିବାକୁ ଚେଷ୍ଟା କଲାବେଳେ, ଏହା ସଂପୂର୍ଣ୍ଣ ସମୀକୃତ ନହୋଇ 'ଏ' ରେ ପରିଣତ ହୋଇଛି। ଏଥିଯୋଗୁଁ 'କଡାଇ' କୁ କେହିକେହି 'କଡେଇ' ମଧ୍ୟ ଉଚ୍ଚାରଣ କରିଥାନ୍ତି।

ଏହି ସ୍ୱରସଂଗତିରେ ଧ୍ୱନି ପରିବର୍ତ୍ତନର କେତେକ ଉଦାହରଣ ହେଉଛନ୍ତି : ବିଡାଳ> ବେଡାଳ, ଏକ୍ଷଣି > ଉଛୁଣି, ଲିଖନ > ଲେଖନ, ବିଲ୍ୱ > ବେଲ, ପଠାଉ > ପଠୋଉ, ଗିଲେ > ଗେଲେ (ମରାଠୀ) ଇତ୍ୟାଦି

## 4.3.12 ସ୍ୱରଭକ୍ତି ବା ବିପ୍ରକର୍ଷ

ଯୁକ୍ତବ୍ୟଞ୍ଜନ ମଧ୍ୟରେ ସ୍ୱର ଧ୍ୱନିର ଅନୁପ୍ରବେଶକୁ ସ୍ୱରଭକ୍ତି ବା ବିପ୍ରକର୍ଷ କୁହାଯାଏ । ଉଦାହରଣ ସ୍ୱରୂପ 'ଜନ୍ମ" ଶବ୍ଦରେ ନ୍ମ ଯୁକ୍ତବ୍ୟଞ୍ଜନ ଉଭୟ ନ ଓ ମ ଧ୍ୱନିରୁ ସମନ୍ୱୟରୁ ଉତ୍ପତ୍ତି । ମାତ୍ର ଏହି ଯୁକ୍ତବ୍ୟଞ୍ଜନକୁ ସରଳତାପୂର୍ବକ ଉଚ୍ଚାରଣ କରିବାପାଇଁ ଏହା ମଧ୍ୟରେ ଅ ସ୍ୱରଧ୍ୱନିର ଅନୁପ୍ରବେଶ ବା ଆଗମ ହେବାରୁ ଜନମ ଶବ୍ଦ ହୁଏ । କଥିତ ଭାଷାରେ ସ୍ୱରଭକ୍ତି ପ୍ରକ୍ରିୟା ବେଶ୍ କାର୍ଯ୍ୟକାରୀ ହୋଇଥାଏ । ଉଦାହରଣ ସ୍ୱରୂପ: ଅଳ୍ପ > ଅଳପ, ଉଷ୍ମ > ଉଷୁମ, ଛତ୍ର > ଛତର, ରକ୍ତ >ରକତ, ଶବ୍ଦ >ଶବଦ ଇତ୍ୟାଦି

## 4.3.13 ଅପନିହିତ (Epenthesis)

କେତେକ ଭାଷାବିତ୍ ମଧ୍ୟ-ଆଗମକୁ ଅପନିହିତି ନାମରେ ନାମିତ କରିଛନ୍ତି। ଯାହାକୁ ଇଂରାଜୀରେ 'epenthesis' କୁହାଯାଏ। ଯଦି ଶବ୍ଦ ମଧ୍ୟରେ ସମପ୍ରକୃତିର ସ୍ୱର ବା ଅର୍ଦ୍ଧସ୍ୱର ଯଥା ସ୍ଥାନରେ ଥାଇ ପୂର୍ବରୁ ଉଚ୍ଚାରିତ ହୁଅନ୍ତି, ସେହି ସ୍ୱରାଗମନକୁ ଅପନିହିତି କୁହାଯାଏ। ଏହି ପ୍ରକ୍ରିୟାରେ କୌଣସି ବ୍ୟଞ୍ଜନର ପରବର୍ତ୍ତୀ ସ୍ୱର ସେହି ବ୍ୟଞ୍ଜନର ପୂର୍ବରେ ଆସି ଦେଖାଦିଏ। ଡକ୍ଟର ଶ୍ୟାମସୁନ୍ଦର ଦାସ ଏହାକୁ ଅକ୍ଷର ଅପନିହିତି ଭାବରେ ଗ୍ରହଣ କରିଛନ୍ତି। ଓଡ଼ିଆରେ ଏପରି ଅପନିହିତିର ଉଦାହରଣ ବହୁତ୍ କମ୍ ହୋଇଥିଲେବି ସେଥିରୁ ଭାଷାବିତ୍ କେତେକ ଉଦାହରଣ ପ୍ରଦାନ କରିଛନ୍ତି; ଯଥା - ବେଗି>ବେଇଗି, ବଂଶୀ>ବଇଁଶୀ, ଗଣ୍ଠି>ଗଇଣ୍ଠି, ସାଧୁ>ସାଉଧୁ, ଅରି>ଅଇରି, ଏମିତି>ଏଇମିତି, ସେମିତି>ସେଇମିତି ଇତ୍ୟାଦି।

*ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ: 2.2*

(କ) ଧ୍ୱନି ପରିବର୍ତ୍ତନରେ ମୂର୍ଦ୍ଧଣ୍ୟକରଣରେ କେଉଁ ବର୍ଗର ଧ୍ୱନି କେଉଁ ବର୍ଗର ଧ୍ୱନିରେ ପରିବର୍ତ୍ତିତ ହୁଏ ।

(ଖ) ସ୍ୱରସଂଗତିକୁ ଉଦାହରଣ ସହ ବୁଝାଅ ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## 4.4 ବିଷୟବସ୍ତୁର ସାରମର୍ମ

- ସମୟ ସ୍ରୋତରେ ଭାଷାର ସଂସର୍ଗ ସର୍ବଦା ନୂତନ ଧ୍ୱନି, ଶବ୍ଦ ଓ ଅର୍ଥକୁ ଆରୋହଣ ବା ପରିତ୍ୟାଗ କରିଥାଏ। ଏହି ଭାଷିକ ତତ୍ତ୍ୱର ପରିବର୍ତ୍ତନରୁ ହିଁ ନୂତନ ଭାଷାର ଜନ୍ମ ବା ବିବର୍ତ୍ତନ ହୁଏ।
- ଧ୍ୱନିରେ ପରିବର୍ତ୍ତନ ମାନବର ଶାରୀରିକ, ମାନସିକ, ରାଜନୀତିକ, ସାଂସ୍କୃତିକ ଓ ଭୌଗୋଳିକ ଆଦି ବିଭିନ୍ନ ଭିତ୍ତି ଉପରେ ନିର୍ଭର କରିଥାଏ।
- ପାରିପାର୍ଶ୍ୱିକ କାରଣରୁ ଲୋପ, ଆଗମ, ବିପର୍ଯ୍ୟୟ, ସମୀଭବନ ଓ ସ୍ୱର ସଂଗତି ଆଦି ଦିଗରୁ ଧ୍ୱନିରେ ପରିବର୍ତ୍ତନ ଘଟିବାରୁ ନୂତନ ଶବ୍ଦାବଳୀ ଭାଷାରେ ସୃଷ୍ଟି ହୋଇଥାଏ ବା ବହୁପ୍ରଚଳିତ ଶବ୍ଦର ବିଲୟ ଘଟେ।
- ଧ୍ୱନିର ପରିବର୍ତ୍ତନରୁ ଶବ୍ଦ, ରୂପ ଓ ଅର୍ଥରେ ପରିବର୍ତ୍ତନ ଘଟି ଭାଷାରେ ପରିବର୍ତ୍ତନ ଆସିଥାଏ।

## 4.5 ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତର ସମୂହ

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର*

(କ) ସଙ୍କେତ : ବିଭାଗ 4.2.1 ଏହି ବିଷୟରେ ଆଲୋଚନା କରାଯାଇଛି ।

(ଖ) ସଙ୍କେତ : ବିଭାଗ 4.2.2 ରେ ଏହି ବିଷୟରେ ଆଲୋଚନା କରାଯାଇଛି ।

(ଗ) ଯଦି ଦୁଇଟି ବଷମଧ୍ୱନି ପାରସ୍ପରିକ ପ୍ରଭାବ ହେତୁ ଗୋଟିଏ ଧ୍ୱନି ସ୍ଥାନରେ ଅନ୍ୟଏକ ଧ୍ୱନି ଅବସ୍ଥାପିତ ହୁଏ, ସେହି ବ୍ୟାପାରକୁ ସମୀକରଣ ବା ସମୀଭବନ କୁହାଯାଏ। ଓଡ଼ିଆରେ ଯେପରି‘ଜଗତ୍ ନାଥ’ ଶବ୍ଦ ଉଚ୍ଚାରଣ ସମୟରେ ‘ନ’ ପ୍ରଭାବରେ ‘ତ୍’ ସ୍ଥାନରେ ‘ନ୍’ ଅବସ୍ଥାପିତ ହେବାରୁ ‘ଜଗନ୍ନାଥ’ ଶବ୍ଦ ଉଚ୍ଚାରିତ ହୋଇଥାଏ।

*ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2.2 ର ଉତ୍ତର*

(କ) ମୂର୍ଦ୍ଧଣ୍ୟକରଣରେ ଦନ୍ତ୍ୟ ବର୍ଣ୍ଣ ମୂର୍ଦ୍ଧନ୍ୟ ବର୍ଣ୍ଣରେ ପରିଣତ ହେବାର ଦେଖାଯାଏ ।

(ଖ) ସଂକେତ: ବିଭାଗ 4.2.11 କୁ ପଢନ୍ତୁ।

## 4.6 ସହାୟକ ପୁସ୍ତକାବଳୀ


- McMahon, M.S. 'Understanding language change', Cambridge University Press, Reprinted 1999, ISBN: 0521441196
- ଧଳ, ଗୋଲୋକ ବିହାରୀ, ‘ଭାଷାଶାସ୍ତ୍ର ପରିଚୟ’, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013

## 4.7 ପାରିଭାଷିକ ଶବ୍ଦାବଳୀ

ଧ୍ୱନି ବିପର୍ଯ୍ୟୟ : ଧ୍ୱନିଗୁଡ଼ିକର ସ୍ଥାନରେ ପରିବର୍ତ୍ତନ ପ୍ରକ୍ରିୟା

ଘୋଷୀଭବନ : ଅଘୋଷ ଧ୍ୱନି ସଘୋଷରେ ବା ସଘୋଷ ଧ୍ୱନି ଅଘୋଷରେ ପରିବର୍ତ୍ତନ ପ୍ରକ୍ରିୟା

## 4.8 କେତେକ ଆଦର୍ଶ ପ୍ରଶ୍ନ

(କ) ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କର ।

(ଖ) ଧ୍ୱନିର ଆଗମ ଓ ଲୋପ ହେତୁ ଭାଷାରେ କିପରି ପରିବର୍ତ୍ତନ ଘଟିଥାଏ, ତାହାକୁ ଉପଯୁକ୍ତ ଉଦାହରଣ ମାଧ୍ୟମରେ ଦର୍ଶାଅ।

(ଗ) କେଉଁ କେଉଁ କାରଣ ହେତୁ ଶବ୍ଦରୂପରେ ପରିବର୍ତ୍ତନ ଘଟିଥାଏ, ତାହାର ଆଲୋଚନା କର ।